ବର୍ଷ-୨୬, ସଂଖ୍ୟା-୭୦
ଭୁବନେଶ୍ୱର
୧୪, ମାର୍ଚ୍ଚ, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 70
Bhubaneswar
14, March, 2026 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଟପ୍ପରେ ପ୍ରମୋଦ ଭଗତ



## ଶିଶୁକନ୍ୟାଙ୍କୁ କୂଅକୁ ଫୋପାଡ଼ି ହତ୍ୟା

ସମ୍ବଲପୁର, ୧୩/୩(ମହାଭାରତ) : ଯେବେ ବି ମଣିଷ ଦୁଃଖରେ ପଡ଼ କିମ୍ବା ସାମାନ୍ୟ ଝୁଣ୍ଟିପଡେ ପାଟିରୁ ବାହାରି ଆସେ ମାଆ । ମାଆ ବିଷୟ କହୁଥିଲେ ସରିବନି । ଯିଏ ଆଦରମୟୀ ସିଏ ଯେ ଏଭଳି କରିପାରେ ତାହା କେହି ମଧ ଶୁଣିଲେ ବିଶ୍ୱାସ କରିପାରିବ ନାହିଁ । କାରଣ ଜଣେ ମାଆ ଦୁଇ ଶିଶୁକନ୍ୟାଙ୍କୁ କୂଅରେ ଫୋପାଡ଼ି ଦେଇଥିବା ଖବର ସାମ୍ନାକୁ ଆସିଛି । ସମ୍ବଲପୁର ଜିଲ୍ଲା ବାରମା ଅଞ୍ଚଳରୁ ଆସିଛି ଏଭଳି ଖବର । ସଞ୍ଜୁ ମାଡକି ନାମକ ଜଣେ ମହିଳା ତାଙ୍କ ଦୁଇ ଶିଶୁକନ୍ୟାଙ୍କୁ କୂଅରେ ଫୋପାଡ଼ି ଦେଇଥିବା ଅଭିଯୋଗ ହୋଇଛି । ଘଟଣାସ୍ଥଳରେ ଗୋବିନ୍ଦପୁର ପୁଲିସ ପହଞ୍ଚି ତଦନ୍ତ ଚ଼ଳାଇଛି । ତେବେ ଏ ଘଟଣା ଯେ କେହି ବି ଶୁଣୁଛି ସେ ଏହି ନୃଂଶସ ମାଆକୁ ନିନ୍ଦା କରୁଛି ।

## ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ସୁରକ୍ଷାକର୍ମୀ-ମାଓବାଦୀ ଗୁଳି ବିନିମୟ

ରାଉରକେଲା, ୧୩।୩(ମହାଭାରତ): ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ।ଗତକାଲି ରାତିରେ ମାଓବାଦୀମାନେ ଓଡ଼ିଶା ସୀମାନ୍ତ ଅଖେଇଶିଳା ଆ ।ଡ଼କୁ ଆ ।ସୁଥିବା ସୂଚନା ମିଳିବା ପରେ ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡର ସିଆ ।ରପିଏଫ୍, ଜାଗୁଆ ।ର, ଡିଭିଏଫ୍ ପକ୍ଷରୁ ମିଳିତ ଭାବେ ଅପରେସନ ଆ ।ରମ୍ଭ କରିଥିଲେ । ଆ ।ଜି ଅପରାହ୍ନରେ ଝାଡ଼ଖଣ୍ଡର ଯବାନମାନେ ଯାଉଥିବା ବେଳେ ଲୁଚି ରହିଥିବା ମାଓବାଦୀମାନେ ହଠାତ ଗୁଳି ଚାଳନା କରିଥିଲେ । ଏହାର ଜବାବରେ ଯବାନମାନେ ପାଲଟା ଗୁଳି ଚଳାଇ ଥିଲେ । ପ୍ରାୟ ଏକ ଅଧ ଘଣ୍ଟା ଧରି ଉଭୟଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିବା ସୂଚନା ମିଳିଛି । ବର୍ତ୍ତମାନ ପର୍ଯ୍ୟନ୍ତ ସେଠାରେ ଯବାନଙ୍କ ପକ୍ଷରୁ ଅପରେସନ ଜାରିରହିଛି ।

## ମଧୁବାବୁ ଭତ୍ତା ଅପେକ୍ଷାରେ ୬.୩୬ଲକ୍ଷ ଆବେଦନକାରୀ

ଭୁବନେଶ୍ୱର, ୧୩।୩(ମହାଭାରତ)ରାଜ୍ୟରେ ସାମାଜିକ ସୁରକ୍ଷା ପେନସନ୍ (ମାସିକ ଭତ୍ତା) ପାଇବା ନିମନ୍ତେ ଲକ୍ଷ ଲକ୍ଷ ଗରିବ ଆବେଦନକାରୀ ଏବେବି ସରକାରୀ ଅନୁମୋଦନ ଅପେକ୍ଷାରେ ରହିଛନ୍ତି । ରାଜ୍ୟର ମୋଟ ୬ଲକ୍ଷ ୩୬ହଜାର ୮୫୮ଜଣ ବ୍ୟକ୍ତି ମଧୁବାବୁ ପେନସନ୍ ଯୋଜନାରେ ଭତ୍ତା ପାଇବା ପାଇଁ ଆବେଦନ କରି ଅପେକ୍ଷା ତାଲିକାରେ ରହିଥିବା ଖୋଦ୍ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି ।

ଆଜି ଡ଼ଃସସ୍ପଷବ ବିଧାନସଭାରେ ବିଧାୟକ ଟଙ୍କଧର ତ୍ରିପାଠୀ ଓ ମାନସ ଦତ୍ତଙ୍କ ଭିନ୍ନ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ, ରାଜ୍ୟରେ ଏବେ ମୋଟ ୬,୩୬,୮୫୮ ଜଣ ବ୍ୟକ୍ତି ମଧୁବାବୁ ପେନସନ ଯୋଜନାରେ ଭତ୍ତା ପାଇବା ନିମନ୍ତେ ଆବେଦନ କରି ଅପେକ୍ଷା ତାଲିକାରେ ଅଛନ୍ତି । ଏହି ଅପେକ୍ଷାରତ ତାଲିକାରେ ୮୦ ବର୍ଷରୁ ଅଧିକ ବୟସର ପ୍ରାୟ ୩୬୯୨ ଜଣ ବ୍ୟକ୍ତି ଓ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ଥିବା ୫୯୮୧ ଜଣ ବ୍ୟକ୍ତି ସାମିଲ ଅଛନ୍ତି ।

ସେହିପରି ବିଗତ ଦୁଇବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୪ ଏପ୍ରିଲ ପହିଲାରୁ ୨୦୨୬ ମାର୍ଚ୍ଚ ୧୦ ତାରିଖ ମଧ୍ୟରେ ରାଜ୍ୟରେ ବିଭିନ୍ନ ଜିଲ୍ଲାରୁ ମୋଟ ୯ ଲକ୍ଷ ୯୮ହଜାର ୬୮୯ଜଣ ବ୍ୟକ୍ତି ଉଭୟ ମଧୁବାବୁ ପେନସନ ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପାଇବା ନିମନ୍ତେ ଆବେଦନ କରିଛନ୍ତି । ଏହି ଅବଧି ମଧ୍ୟରେ ୨ ଲକ୍ଷ ୨୭ହଜାର ୭୨୩ ଜଣ ଆବେଦନକାରୀଙ୍କ ଭତ୍ତା ମଞ୍ଜୁର କରାଯାଇଥିବାବେଳେ ୨ ଲକ୍ଷ ୪୧ ହଜାର ୦୬୭ ଜଣ ଅଯୋଗ୍ୟ ଆବେଦନକାରୀଙ୍କ ଆବେଦନକୁ ଖାରଜ କରାଯାଇଛି । ଏବେ ଅବଶିଷ୍ଟ ୫ ଲକ୍ଷ ୨୯ ହଜାର ୮୮୮ ଜଣ ଆବେଦନକାରୀଙ୍କ ଯୋଗ୍ୟତା ଯାଂଚ଼ ପ୍ରକ୍ରିୟା ଜାରି ରହିଛି ଓ ସେମାନଙ୍କୁ ପେନସନ୍ (ମାସିକ ଭତ୍ତା) ପ୍ରଦାନ କରିବା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି । ମାସିକ ଭତ୍ତା ପାଇବା ନିମନ୍ତେ ଆବେଦନକାରୀଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୧ଲକ୍ଷ ୦୪ ହଜାର ୭୧୮ ଜଣ ଥିବାବେଳେ ସେଠାରେ ୫୪୬୬୦ ଜଣଙ୍କ ଆବେଦନ ଏବେ ବି ବିଚ଼ାରାଧୀନ ଅଛି । ସେହିପରି ମୟୂରଭଞ୍ଜ ଜିଲ୍ଲାରେ ୪୦୫୦୮ଜଣ ଓ କଟକରେ ୩୨୯୬୦ ଜଣ ଆବେଦନକାରୀ ଅପେକ୍ଷା ତାଲିକାରେ ରହିଛନ୍ତି । ମଧୁବାବୁ ପେନସନ ଯୋଜନାରେ ପ୍ରାୟ ୬ ଲକ୍ଷ ହିତାଧିକାରୀଙ୍କୁ ନୂତନ ଭାବେ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ପ୍ରସ୍ତାବ ସରକାରଙ୍କ ବିଚ଼ାରାଧୀନ ରହିଛି ବୋଲି ମନ୍ତ୍ରୀ ଶ୍ରୀ

# ହୋର୍ମୁଜ ପ୍ରଣାଳୀରୁ ବାହାରିବାକୁ ପ୍ରସ୍ତୁତ ୨୨ ଭାରତୀୟ ଜାହାଜ

ନୂଆଦିଲ୍ଲୀ, ୧୩।୩(ମହାଭାରତ):- ପଶ୍ଚିମ ଏସିଆରେ ଚ଼ାଲିଥିବା ଯୁଦ୍ଧ ବିଶ୍ୱ ଶକ୍ତି ସଙ୍କଟକୁ ଆହୁରି ତୀବ୍ର କରି ଦେଇଛି । ଭାରତ ସମେତ ଅନେକ ଦେଶ ଏବେ ଏହି ରୁଟ୍ ମଧ ଦେଇ ସେମାନଙ୍କର ଜାହାଜକୁ ବାହାର କରିବାକୁ ଚେଷ୍ଟା କରୁଛନ୍ତି । ଏହି ସମୟରେ, ମୁମ୍ବାଇ ସ୍ଥିତ ଜାହାଜ ଚ଼ଳାଚ଼ଳ ନିର୍ଦ୍ଦେଶାଳୟ କହିଛି ଯେ ୨୨ଟି ଜାହାଜକୁ ଚ଼ିହ୍ନଟ ହୋଇଛି ଏବଂ ରୁଟ୍ ଖାଲି ହେବା ମାତ୍ରେ ପ୍ରଥମେ ସେମାନଙ୍କୁ ବାହାର କରାଯିବ । ନିର୍ଦ୍ଦେଶାଳୟର ଏହି ବିବୃତ୍ତି ଏମିତି ସମୟରେ ଆସିଛି, ଯେତେବେଳେ ସରକାରୀ ସୂତ୍ର ରିପୋର୍ଟ କରିଛି ଯେ, ଭାରତ ଏହାର ୩୦ଟି ବାଣିଜ୍ୟିକ ଜାହାଜକୁ ସୁରକ୍ଷିତ ସ୍ଥାନାନ୍ତର ସମ୍ପର୍କରେ ଇରାନ ସହିତ ଆଲୋଚ଼ନା କରୁଛି ।

ରିପୋର୍ଟ ଅନୁଯାୟୀ, ମୋଟ ୨୮ଟି ଜାହାଜ ବର୍ତ୍ତମାନ ଉପସାଗର ଅଞ୍ଚଳରେ ଫସି ରହିଛି, ଯାହା ମଧ୍ୟରୁ ୨୪ଟି ହୋର୍ମୁଜ ପ୍ରଣାଳୀର ପଶ୍ଚିମ ଭାଗରେ ରହିଛି, ୪ଟି ହୋର୍ମୁଜ ଓ ଓମାନ ଉପସାଗର ସ୍ଥିତ ପୂର୍ବ ଭାଗ ନିକଟସ୍ଥ ଜଳକ୍ଷେତ୍ରରେ ଫସି ରହିଛି । ଇସ୍ରାଏଲ ଓ ଆମେରିକାର ଆକ୍ରମଣ ପରେ, ଇରାନ ହୋର୍ମୁଜ୍ ପ୍ରଣାଳୀକୁ ବନ୍ଦ କରି ଦେଇଛି, ଏହି କାରଣରୁ ଭାରତ ସମେତ ଅନେକ ଦେଶରେ ଶକ୍ତି ସଙ୍କଟ ସୃଷ୍ଟି ହୋଇଛି । ହିନ୍ଦୁସ୍ତାନ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ,



ସରକାର ଏହି କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁଛନ୍ତି ଏବଂ ଜାହାଜଗୁଡ଼ିକ ସୁରକ୍ଷିତ ଭାବରେ ଭାରତରେ ପହଞ୍ଚିବା ନିଶ୍ଚିତ କରିବା ପାଇଁ ନୌସେନା ଏସ୍କର୍ଟ ଭଳି ସୁରକ୍ଷା ବ୍ୟବସ୍ଥା ଯୋଜନା କରୁଛନ୍ତି ।ଅନ୍ୟ ରିପୋର୍ଟ ଅନୁଯାୟୀ, ଚ଼ିହ୍ନଟ ହୋଇଥିବା ୨୨ଟି ଜାହାଜ ମଧ୍ୟରୁ ୧୩ଟି ଭାରତୀୟ ପତାକା ଯୁକ୍ତ, ଆଉସବୁ ଅନ୍ୟ ଦେଶର । ଏହି ସମସ୍ତ ଜାହାଜକୁ ଭାରତ ଆସିବାର ଥିଲା । ଏହି ଜାହାଜଗୁଡ଼ିକ ମଧ୍ୟରୁ ତିନୋଟିରେ ଖଘଏ, ୧୧ ଟିରେ ଖଚଏ ଏବଂ ଆଠଟିରେ ଅଶୋଧିତ ତୈଳ ଲୋଡ୍ ହୋଇଛି । ଆକଳନ ମୁତାବିକ , ଏହି ଜାହାଜର କାର୍ଗରେ ପ୍ରାୟ ୨୧୫,୦୦୦ ମେଟ୍ରିକ୍ ଟନ୍ ଖଘଏ, ପ୍ରାୟ ୪୧୫,୦୦୦ ମେଟ୍ରିକ୍ ଟନ୍ ଖଚଏ ଏବଂ ପ୍ରାୟ ୧୭,୫୦,୦୦୦ ମେଟ୍ରିକ୍ ଟନ୍ ଅଶୋଧିତ ତୈଳ ରହିଛି । ଏହା ବ୍ୟତୀତ , ଆଉ ତିନୋଟି ଭାରତୀୟ ପତାକାଯୁକ୍ତ କଣ୍ଟେନର ଜାହାଜକୁ ମଧ୍ୟ ଚ଼ିହ୍ନଟ କରାଯାଇଛି । ଏହି ରିପୋର୍ଟ ଅନୁଯାୟୀ, ସରକାର ମାର୍ଚ୍ଚ ୧୨ ତାରିଖ ସୁଦ୍ଧା ଯୁଦ୍ଧ କ୍ଷେତ୍ରରେ ଫସି ରହିଥିବା ୨୧୫ ଜଣ ନାବିକଙ୍କୁ ବାହାର କରି ନେଇଛନ୍ତି । ଉଲ୍ଲେଖନୀୟ ଯେ ଏହି ରିପୋର୍ଟ ଏପରି ଏକ ସମୟରେ ଆସିଛି, ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଇରାନ ରାଷ୍ଟ୍ରପତି ପେଜସିକୟାନ ମଧ୍ୟରେ ଗୁରୁବାର ଫୋନ ଯୋଗେ କଥାବାର୍ତ୍ତା ହୋଇଥିଲା ।ଏକ ଦଶନ୍ଧି ପୂର୍ବରୁ ଏପରି ସଂକଟ ଉପୁଜିଥିଲେ ସ୍ଥିତି ଭିନ୍ନ ହୋଇଥା'ନ୍ତା । କାରଣ ସେତେବେଳେ ଏହି ସଂକଟଗ୍ରସ୍ତ ମାର୍ଗକୁ ବାଦ୍ ଦେଲେ ଇନ୍ଧନ ଆମଦାନୀର ଅନ୍ୟ କୌଣସି ମାର୍ଗ ପ୍ରାୟ ନଥିଲା । ସୁତରାଂ, ଭାରତରେ ପେଟ୍ରୋଲ୍ ଓ ଡିଜେଲ୍ ଦର ଆକାଶଛୁଆଁ ବୃଦ୍ଧି ପାଇଥା'ନ୍ତା । ହେଲେ ବର୍ତ୍ତମାନ ଅନ୍ୟ ଦେଶ ତୁଳନାରେ ଭାରତ ଭଲ ସ୍ଥିତିରେ ରହିଛି । ଜାପାନ ଏବେ ଉଚ୍ଚ଼ ଋଣ କାରଣରୁ ଚ଼ାପଗ୍ରସ୍ତ ରହିଛି । ଗ୍ୟାସ ଉପରେ ଅତ୍ୟଧିକ ନିର୍ଭରଶୀଳ ବ୍ରିଟେନରେ ଦରଦାମ ବୃଦ୍ଧି ପାଇଛି । ଇଜିପ୍ଟ ଓ ତୁର୍କୀ ମଧ ଦରବୃଦ୍ଧି ସମସ୍ୟାରେ ପଡିଛନ୍ତି । ସିଙ୍ଗାପୁରରେ ବିଦ୍ୟୁତ ଓ ପେଟ୍ରୋଲ ମୂଲ୍ୟ ବୃଦ୍ଧି ଘଟିଛି । ଦକ୍ଷିଣ କୋରିଆ ତିନି ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ଆର୍ଥିକ ସ୍ଥିରତା ବଜାୟ ରଖିବା ଲାଗି ଇନ୍ଧନ ମୂଲ୍ୟ ସୀମା ନିର୍ଦ୍ଧାରଣ କରିଛି ।

# ପିଏମ୍ କିଷାନ ୨୨ତମ କିସ୍ତି ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୧୩।୩(ମହାଭାରତ) :ଚାଷୀ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ ଏବଂ ଆମ ଅର୍ଥନୀତିର ପ୍ରକୃତ ସାରଥି । 'ଜୟ କିଷାନ'ର ନାରାକୁ ସାର୍ଥକ କରିବା ପାଇଁ କେନ୍ଦ୍ର ସରକାର ଓ ଆମ ସରକାର ସଦାସର୍ବଦା ଚେଷ୍ଟିତ । ଚାଷୀମାନଙ୍କର ଉନ୍ନତି ବିନା ଦେଶ କିମ୍ବା ରାଜ୍ୟର ବିକାଶ ଅସମ୍ଭବ ବୋଲି ଶୁକ୍ରବାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୨୨ ତମ ପିଏମ୍ କିଷାନ ଉତ୍ସବ ଦିବସରେ କୃଷକ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି ।

ସୂଚନାଯୋଗ୍ୟ ଯେ, ଆସାମର ଗୌହାଟୀ ଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନ ସମ୍ମାନ ନିଧିର ୨୨ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି । ୨୨ତମ କିସ୍ତିରେ ଦେଶର ୯. ୩୨ କୋଟି କୃଷକଙ୍କୁ ପ୍ରାୟ ୧୯ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ସବୁ ରାଜ୍ୟର ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ ଓ ମଣ୍ଡିରେ ଆୟୋଜନ କରାଯାଇଛି । ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶର କୃଷକମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି ।

ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ପିଏମ-କିଷାନ ଯୋଜନା ଚାଷୀଙ୍କୁ ବିହନ, ସାର ଏବଂ ଅନ୍ୟାନ୍ୟ କୃଷି ଉପକରଣ କିଣିବାରେ ସାହାଯ୍ୟ କରୁଛି । ଏହି ୨୦୦୦ ଟଙ୍କାର କିସ୍ତି ଏବଂ ତିନୋଟି କିସ୍ତିରେ ବର୍ଷକୁ ସର୍ବମୋଟ ୬ ହଜାର ଟଙ୍କା ହୁଏତ ସାଧାରଣ ଲୋକଙ୍କ ପାଇଁ ଏକ ସାମାନ୍ୟ ଅର୍ଥ ହୋଇପାରେ, କିନ୍ତୁ



ଜଣେ କ୍ଷୁଦ୍ର ଚାଷୀ ପାଇଁ ଏହା ତାର ପରିଶ୍ରମର ଏକ ବଡ଼ ସମ୍ମାନ । ଆଜିର ଦିନକୁ, ସାରା ଦେଶ ତଥା ରାଜ୍ୟରେ ପି.ଏମ୍ କିଷାନ ଉତ୍ସବ ଦିବସ ଭାବରେ ପାଳନ କରୁଛି । ଏଥି ସହିତ ଏହାକୁ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ ଓ ମଣ୍ଡିରେ ମଧ ପାଳନ କରାଯାଉଛି । ଏହି ଅବସରରେ କୃଷକମାନଙ୍କ ମଧ୍ୟରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆବଶ୍ୟକୀୟ ଯୋଗ୍ୟତା ମାନଦଣ୍ଡ ବିଷୟରେ ମଧ ସଚେତନତା ସୃଷ୍ଟି କରାଯାଉଛି । ଆମ ରାଜ୍ୟରେ, ୩୪ ଲକ୍ଷ ୨୪ ହଜାରରୁ ଉର୍ଦ୍ଧ୍ୱ ଯୋଗ୍ୟ ଚାଷୀ ଭାଇଭଉଣୀମାନଙ୍କୁ, ୨୨ତମ କିସ୍ତି ବାବଦକୁ ୨ ହଜାର ଟଙ୍କା ହିସାବରେ ସମୁଦାୟ ୬୮୪ କୋଟି ଟଙ୍କାର ଆର୍ଥିକ ସହାୟତା ମୋଦୀ ଜୀ ଆଜି ପ୍ରଦାନ କରୁଛନ୍ତି । ପି.ଏମ୍ କିଷାନ ଯୋଜନାରେ ଦରକାର ହେଉଥିବା ସମସ୍ତ ବାଧ୍ୟତାମୂଳକ ମାନଦଣ୍ଡ ଯଥା ଋ-କଣଉ, ଜମିଜମାର ବିବରଣୀ, ଆଧାର -ବ୍ୟାଙ୍କ ଆକାଉଣ୍ଟ ଲିଙ୍କ୍, ଆଧାର ଅନୁଯାୟୀ ନାମ ସଂଶୋଧନ ଆଦି କାର୍ଯ୍ୟ ସମାପନ କରି ଏହି ଯୋଜନାର ସମସ୍ତ ସହାୟତା ଲାଭ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଚାଷୀ ଭାଇ ଭଉଣୀଙ୍କୁ ଅନୁରୋଧ କରିଥିଲେ ।ସେ କହିଥିଲେ ଯେ ପି.ଏମ୍ କିଷାନ୍ ସହିତ ଆମ ସରକାର ମଧ ରାଜ୍ୟରେ "ସିଏମ୍ କିଷାନ" ଯୋଜନାରେ ଯୋଗ୍ୟ ଚାଷୀ ଭାଇଭଉଣୀମାନଙ୍କୁ ଅନ୍ତର୍ଭୁକ୍ତ କରି ଦୁଇଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରୁଛନ୍ତି । ୬ ଲକ୍ଷରୁ ଅଧିକ ନୂତନ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି । ବର୍ତ୍ତମାନ ସୁଦ୍ଧା ସିଏମ୍ କିଷାନ ଯୋଜନା ଅଧୀନରେ ୫୧ ଲକ୍ଷ ୫୪ ହଜାର ହିତାଧିକାରୀଙ୍କୁ ମୋଟ ୨୯୯୧ କୋଟିରୁ ଅଧିକ ଟଙ୍କାର ସହାୟତାରାଶି ପ୍ରଦାନ କରାଯାଇଛି, ଯେଉଁଥିରେ ୩୨୩୬ ଜଣ ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀ ର ଚାଷୀ ଏବଂ ୩୧ ହଜାର ୬୯୫ ଜଣ ସହରାଞ୍ଚଳର ଚାଷୀ ସାମିଲ ଅଛନ୍ତି ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ସିଏମ୍ କିଷାନ ଯୋଜନାର ହିତାଧିକାରୀମାନଙ୍କ ପିଲାମାନଙ୍କୁ କୃଷି ବିଦ୍ୟାନିଧି ଯୋଜନାରେ ରାଜ୍ୟ ଭିତରେ ଏବଂ ବାହାରେ ଥିବା ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ଡାକ୍ତରୀ, ଇଞ୍ଜିନିୟରିଂ, କୃଷି ଏବଂ ଆନୁସଙ୍ଗିକ, ନର୍ସିଂ, ଡିପ୍ଲୋମା ଏବଂ ଆଇଟିଆଇ ଭଳି ବୃତ୍ତିଗତ ଏବଂ ବୈଷୟିକ ପାଠ୍ୟକ୍ରମ ଅଧ୍ୟୟନ କରିବା ପାଇଁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି । ଏହା ଫଳରେ ସିଏମ୍ କିଷାନ ଯୋଜନା ହିତାଧିକାରୀ ପରିବାରର ଛାତ୍ରଛାତ୍ରୀ ମାନେ ବିଶେଷ ଭାବେ ଉପକୃତ ହେଉଛନ୍ତି । ୨୦୨୪-୨୫ ଶିକ୍ଷାବର୍ଷରେ ୧୩,୯୨୩ ଜଣ ଛାତ୍ରଛାତ୍ରୀ କୃଷି ବିଦ୍ୟା ନିଧି ଯୋଜନା ଅଧୀନରେ ୫୩.୬୭ କୋଟି ଟଙ୍କାର ଛାତ୍ରବୃତ୍ତି ସହାୟତା ପାଇଛନ୍ତି, ଯାହା ପୂର୍ବ ବର୍ଷ ତୁଳନାରେ ୫ ଗୁଣ ଅଧିକ ଥିଲା । ଚଳିତ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ କୃଷିବିଦ୍ୟାନିଧି ଯୋଜନାରେ ଆଜି ସୁଦ୍ଧା ୬୮ ହଜାର ୯୧୫ ଛାତ୍ରଛାତ୍ରୀ ଏହି ଛାତ୍ରବୃତ୍ତି ପାଇଁ ଆବେଦନ କରିଛନ୍ତି ଓ ଏଥିପାଇଁ ସେମାନଙ୍କୁ ୨୯୦ କୋଟି ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯିବ ଯାହାକି ଏକ ସର୍ବକାଳୀନ ରେକର୍ଡ ।ଆମ ସରକାର କେନ୍ଦ୍ର ସରକାରଙ୍କ ସହ ମିଶି କୃଷକମାନଙ୍କର ଆୟ ଦ୍ୱିଗୁଣିତ କରିବା ପାଇଁ କାର୍ଯ୍ୟ କରୁଛନ୍ତି । ଆମେ କେବଳ ଧାନ ଚାଷରେ ସୀମିତ ନରହି ଡାଲି ଜାତୀୟ ଫସଲ, ପନିପରିବା, ଫଳ ଏବଂ ଅର୍ଥକାରୀ ଫସଲ ଉପରେ ଧ୍ୟାନ ଦେବା ଉଚିତ ।

## ପୋଖରୀରେ ବୁଡ଼ି ଦୁଇ ସାଙ୍ଗ ମୃତ

ବାସୁଦେବପୁର, ୧୩।୩ (ମହାଭାରତ): ବାସୁଦେବପୁର ବ୍ଲକ ଅରଣ୍ଡୁଆ । ମଲିକ ସାହିରେ ଅଘଟଣ । ପୋଖରୀରେ ବୁଡ଼ି ଚ଼ଲିଗଲା ଦୁଇ କଅଁଳ ଶିଶୁ କନ୍ୟାଙ୍କ ଜୀବନ । ଅରଣ୍ଡୁଆ । ମଲ୍ଲିକସାହି ଗ୍ରାମର ସତ୍ୟବ୍ରତ ବାରିକଙ୍କ ୧୦ ବର୍ଷର ଝିଅ ତପଦୀପା ଓ ଅନ୍ୟଜଣେ ବିଜୟ ବାରିକଙ୍କ ଝିଅ ଅର୍ଣ୍ଣପୂର୍ଣ୍ଣା ବୋଲି ଜଣାପଡ଼ିଛି । ଏହି ଦୁଇଜଣ ସାଙ୍ଗ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି । ଶୁକ୍ରବାର ସକାଳେ ଚ଼ରି ପାଞ୍ଚ ଜଣ ସାଙ୍ଗ ହୋଇ ନିକଟସ୍ଥ ପୋଖରୀ ନିକଟକୁ ଖେଳିବାକୁ ଯାଇଥିଲେ । ସେଠାରେ ପୋଖରୀ ନିକଟରେ ଶାମୁକା ଖୋଜିବାକୁ ଚେଷ୍ଟା କରୁଥିବା ବେଳେ ଅସାବଧାନତାବସତଃ ପୋଖରୀରେ ପ୍ରଥମେ ତପଦୀପା ପଡ଼ି ଯାଇଥିଲେ ।ଫଳରେ ପାଖରେ ଥିବା ଅର୍ଣ୍ଣପୂର୍ଣ୍ଣା ତାକୁ ବଞ୍ଚାଇବାକୁ ଯାଇ ସେ ମଧ ପଡ଼ି ଯାଇଥିଲା ଯ ପାଖରେ ଥିବା ଅନ୍ୟମାନେ ଗାଁ ଲୋକଙ୍କୁ ଡାକ ପକାଇବା ସହିତ ପରିବାର ଲୋକଙ୍କୁ ଖବର ଦେଇଥିଲେ । ଫଳରେ ଗାଆଁ ଲୋକ ପହଞ୍ଚି ତପଦୀପା ପୋଖରୀରେ ଭାସୁଥିବା ଦେଖି ତାକୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବାସୁଦେବପୁର ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ ।

# ଏଏସଆଇଙ୍କ ପାଖରେ ବିଦେଶୀ ମୁଦ୍ରା

ସୁନ୍ଦରଗଡ଼/ବଡ଼ଗାଁ, ୧୩।୩(ମହାଭାରତ): ଏକ ବିଦେଶୀ ମଦ ଜବତ ମାମଲାରେ ସୁରକ୍ଷା ଦେବା ପାଇଁ ଜଣେ ଢାବା ମାଲିକଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ପୁଲିସ ଅଧିକାରୀ ତଥା ବଡ଼ଗାଁ ଥାନା ଏଏସ୍‌ଆ ।ଇ ଅରୁପାନନ୍ଦ ଦାଶ ଗିରଫ ହୋଇଛନ୍ତି । ସେ ଗତକାଲି ବଡ଼ଗାଁ ଅଞ୍ଚଳର ରଂଜନ ଦାଶଙ୍କ ଠାରୁ ଲାଞ୍ଚ ନେଉଥିଲେ । ରଂଜନ ଦାଶ କଲେଜ ନିଟକ ଅଣ୍ଡରପାସ୍ରେ ଏକ ଢାବା ଖୋଲିଛନ୍ତି । ହୋଲି ସମୟରେ ପୁଲିସ ଢାବାରେ ଚଡ଼ କରି କିଛି ବିଦେଶୀ ମଦ ଧରିଥିଲା ।

ଭିଜିଲାନ୍ସ ବିଭାଗ ପୁଲିସ ଅଧିକାରୀଙ୍କ ନିକଟରୁ ନଗଦ ୩ଲକ୍ଷ ୩୧ ହଜାର ଜବତ କରିଛି । ଏଥି ସହିତ ଶ୍ରୀ ଦାଶଙ୍କ ଠିକଣାରୁ ଭିଏତନାମ ଏବଂ ନେପାଳର ମୁଦ୍ରା ମଧ ଜବତ ହୋଇଛି । ଭିଜିଲାନ୍ସ ବିଭାଗ ଶ୍ରୀ ଦାଶଙ୍କ ୪ଟି ଠିକଣାରେ ଚଡ଼ ଜାରି ରଖିଛି ।



ମାମଲାରେ ପୁଲିସ ତରଫରୁ ସୁରକ୍ଷା ଦେବା ଓ ଚୋରା ମଦ ବିକିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ।ଯିବ ନାହିଁ କହି ପୁଲିସ ଅଧିକାରୀ ଶ୍ରୀ ଦାଶ ରଂଜନଙ୍କୁ ୨୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ରଂଜନ ଏ କଥାରେ ରାଜି ହୋଇ ନଥିଲେ । ଏହା ପରେ ପୁଲିସ ବାବୁ ମଦ ମାମଲାରେ ଗିରଫ କରିବେ ବୋଲି ଧମକ ଦେଇଥିଲେ । ଶେଷକୁ ଅନ୍ୟ ଉପାୟ ନପାଇ ରଂଜନ ରାଉରକେଲା ଭିଜିଲାନ୍ସରେ ଅଭିଯୋଗ କରିଥିଲେ । ଭିଜିଲାନ୍ସ ଏକ ମାମଲା ରୁଜୁ କରି ପୁଲିସ ଅଧିକାରୀଙ୍କୁ ଧରିବାକୁ ଜାଲ ବିଛାଇଥିଲା । ଗୁରୁବାର ଅପରାହ୍ନରେ ରଂଜନ ବଡ଼ଗାଁ ବସଷ୍ଟାଣ୍ଡ ନିକଟ ଏକ ପାନ ଦୋକାନ ଆ ।ଗରେ ଏଏସ୍‌ଆ ।ଇ ଶ୍ରୀ ଦାଶଙ୍କୁ ରାସାୟନିକ ରଙ୍ଗବୋଳା ୨୫ ହଜାର ଟଙ୍କା ଦେଇଥିଲେ । ଏହି ସମୟରେ ସେଠାରେ ଛକିଥିବା ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା । ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଥିଲା । ଏହା ପରେ ଥାନାକୁ ଯାଇ ବାବୁଙ୍କ କକ୍ଷରେ ଯାଞ୍ଚ କରିବା ପରେ ତାଙ୍କୁ ଗିରଫ କରି ରାଉରକେଲା ନେଇଥିବା ସୂଚନା ମିଳିଛି । ଅନ୍ୟପଟେ ମାମଲାରେ ୪ଟି ସ୍ଥାନରେ ଭିଜିଲାନ୍ସ ଚଡ଼ କରିଛି । ଚଢ଼ଉରେ ରାଉରକେଲା ଭିଜିଲାନ୍ସ ଡିଏସପି ରଶ୍ମିତା ଲାକ୍ରାଙ୍କ ନେତୃତ୍ୱରେ ନିରୀକ୍ଷକ ଶିବ ନାରାୟଣ ଭଦ୍ର, ଲକ୍ଷ୍ମୀକାନ୍ତ ପ୍ରଧାନ, ମାନସ ରଞ୍ଜନ ଭୋଇ ଓ ସୁନିତା ଓରାମ ସାମିଲ ହୋଇଥିଲେ ।

## ରଶ୍ମୀରଞ୍ଜନ ସ୍ୱାଇଁ ଓୟୁଏସଏସଏସସି ଅଧ୍ୟକ୍ଷ

ଭୁବନେଶ୍ୱର, ୧୩।୩(ମହାଭାରତ: ରାଜ୍ୟରେ ପୁଲିସ ନିଯୁକ୍ତି ପରୀକ୍ଷାରେ ବାରମ୍ବାର ଅନିୟମିତତା ଅଭିଯୋଗ ପରେ ରାଜ୍ୟ ସରକାର ନୂତନ ଭାବେ ଗଠିଥିବା 'ଓଡିଶା ୟୁନିଫର୍ମଡ୍ ସର୍ଭିସେସ୍ ଷ୍ଟାଫ ସିଲେକ୍ସନ କମିଶନ' (ଓୟୁଏସଏସଏସସି)ରେ ଶୁକ୍ରବାର ନୂତନ ଅଧ୍ୟକ୍ଷଙ୍କୁ ନିଯୁକ୍ତି ମିଳିଛି । ଜମ୍ମୁ କାଶ୍ମୀରର ପୂର୍ବତନ ପୁଲିସ ଡିଜି ଅବସରପ୍ରାପ୍ତ ଆଇପିଏସ୍ ରଶ୍ମୀରଞ୍ଜନ ସ୍ୱାଇଁଙ୍କୁ ଏହି ଆୟୋଗର ପ୍ରଥମ ଅଧ୍ୟକ୍ଷ ଭାବେ ରାଜ୍ୟ ସରକାର ଅବସ୍ଥାପିତ କରିଛନ୍ତି । ଏହି ଆୟୋଗ ମାଧ୍ୟମରେ ରାଜ୍ୟର ବିଭିନ୍ନ ୟୁନିଫର୍ମ ସେବାରେ ନିଯୁକ୍ତି ପ୍ରକ୍ରିୟାରେ ପାରଦର୍ଶିତା ଆଣିବା ନିମନ୍ତେ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ।ଏହି ଆୟୋଗର ପରିଚ଼ାଳନା ନିମନ୍ତେ ରାଜ୍ୟ କ୍ୟାବିନେଟ୍ ପୂର୍ବରୁ 'ଓଡିଶା ୟୁନିଫର୍ମଡ୍ ସର୍ଭିସେସ୍ ଷ୍ଟାଫ ସିଲେକ୍ସନ୍ କମିଶନ ନିୟମାବଳୀ-୨୦୨୬'କୁ ଅନୁମୋଦନ କରିଥିଲେ । ଏହି ନିୟମ ଅନୁସାରେ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ନିଯୁକ୍ତି ପ୍ରକ୍ରିୟା ଓ ସେବା ସର୍ତ୍ତାବଳୀ ନିର୍ଦ୍ଧାରଣ କରାଯାଇଥିଲା । ରାଜ୍ୟରେ ପୁଲିସ ନିଯୁକ୍ତି ବୋର୍ଡଗୁଡିକରେ ମାତ୍ରାଧିକ ଦୁର୍ନୀତି ଅଭିଯୋଗ ଆସିବା ପରେ ସରକାର ସେସବୁ ବୋର୍ଡକୁ ଭାଙ୍ଗିଦେବା ସହ ଏହି ନୂଆ ଆୟୋଗ ଗଠନ ନିମନ୍ତେ ନିଷ୍ପତ୍ତି ନେଇଥିଲେ । ଏହି ଆୟୋଗ ମାଧ୍ୟମରେ ପୁଲିସ ବିଭାଗ ସମେତ ଅବକାରୀ, ଜଙ୍ଗଲ ଓ ବାଣିଜ୍ୟ ପରିବହନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ବିଭିନ୍ନ ପଦବୀଗୁଡିକ ପାଇଁ ଏକକ ନିଯୁକ୍ତି ପରୀକ୍ଷା ପରିଚ଼ାଳନା ସମ୍ଭବପର ହୋଇପାରିବ ବୋଲି କୁହାଯାଉଛି ।

# ରାଜ୍ୟସଭା ନିର୍ବାଚନ : ନବୀନ ନିବାସ ପାଲଟିଛି ୱାରରୁମ୍

ଭୁବନେଶ୍ୱର, ୧୩।୩(ମହାଭାରତ)): ରାଜ୍ୟସଭା ନିର୍ବାଚ଼ନକୁ ନେଇ ଛକାପଞ୍ଝା ଓ ହାଇଭୋଲଟେଜ୍ ଡ୍ରାମା ଏବେ ରାଜ୍ୟ ରାଜନୀତିକୁ ସରଗରମ କରିଦେଇଛି । ଗୋଟିଏପଟେ କଂଗ୍ରେସ ନିଜର ବିଧାୟକମାନଙ୍କୁ ବେଙ୍ଗାଲୁରୁର ଏକ ବିଳାସପୂର୍ଣ୍ଣ ରିସୋର୍ଟକୁ ପଠାଇ ଓଡିଶାରେ 'ରିସୋର୍ଟ ପଲିଟିକ୍ସ'ର କଳଙ୍କିତ ଅଧ୍ୟାୟ ଆରମ୍ଭ କରିଥିବାବେଳେ ବିଜେଡି ନିଜର ଗଡରକ୍ଷା କରିବାକୁ ନବୀନ ନିବାସରେ ଆୟୋଜନ କରିଥିବା 'ପାଠଶାଳା'କୁ ପ୍ରଥମଦିନରୁ ଶକ୍ତଧକ୍କା ଲାଗିଛି । ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଓ ଚ଼ିଠିକୁ ଫୁଁ' କରି ୬ଜଣ ବିଧାୟକ ଆଜିର ପାଠଶାଳା ବା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିଥିବା ଜଣାପଡିଛି ।

ଯଦିଓ ଆଜିଠୁ ୧୫ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ସନ୍ଧ୍ୟାରେ ସବୁ ଦଳୀୟ ବିଧାୟକଙ୍କ ଉପସ୍ଥିତିକୁ ନବୀନ ବାଧ୍ୟତାମୂଳକ କରିଥିଲେ । ବିଧାନସଭା ଅଧିବେଶନ ଚ଼ାଲିଥିବାବେଳେ ଏହି ବିଧାୟକମାନଙ୍କ ଅନୁପସ୍ଥିତି ଓ ଦଳ ପକ୍ଷରୁ ଦିଆଯାଇଥିବା ବାହାନା ପରୋକ୍ଷରେ ବିଜେଡିରେ ବିଦ୍ରୋହର ପଦଧ୍ୱନି ବୋଲି ଚ଼ର୍ଚ୍ଚା ହେଉଛି । ଆଉ ଏସବୁ ମଧ୍ୟରେ ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କୁ ଟାର୍ଗେଟ୍ କରି ଦଳର ସାଂଗଠନିକ ବ୍ୟାପାରରେ କୋଣଠେସା ହୋଇଥିବା ବରିଷ୍ଠ ବିଧାୟକ ଅରୁଣ ସାହୁ ଆଜି ନବୀନ ନିବାସରେ ବିଧାୟକମାନଙ୍କୁ ୩୦ମିନିଟରୁ ଅଧିକ ସମୟ ଧରି ପ୍ରଶିକ୍ଷଣ ଦେବା ମଧ୍ୟ ଚ଼ର୍ଚ୍ଚାର ବିଷୟ ପାଲଟିଛି ।

ଦଳର ବିଧାୟକମାନଙ୍କୁ ୧୬ତାରିଖ ନିର୍ବାଚ଼ନ ଶେଷ ପର୍ଯ୍ୟନ୍ତ ଭୁବନେଶ୍ୱର ନଛାଡିବା ପାଇଁ ଦଳ ପକ୍ଷରୁ ୧୧ତାରିଖରେ ହ୍ୱିପ୍ ଜାରି ହୋଇଛି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମଧ୍ୟ ନିଜେ ୧୨ତାରିଖ ସବୁ ବିଧାୟକଙ୍କୁ ଚ଼ିଠି ଲେଖି ୧୩ରୁ ୧୫ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ସନ୍ଧ୍ୟା ସା ୫ଟାରୁ ସା ୭ଟା ପର୍ଯ୍ୟନ୍ତ ନିଶ୍ଚିତ ଭାବେ ଉପସ୍ଥିତ ରହିବା ଓ ଏହାକୁ 'ସର୍ବୋଚ୍ଚ଼ ପ୍ରାଥମିକତା' ଦେବାକୁ ନିର୍ଦ୍ଦେଶ ଦେଲେ । ମାତ୍ର ଏହି ନିର୍ଦ୍ଦେଶକୁ ୪୨ଜଣ ବିଧାୟକ ମାନିଥିବାବେଳେ ବାଏଁବାଏଁ ଉଡାଇ ଦେଲେ ଦଳର ୬ ବିଧାୟକ । ବାଲିପାଟଣା ବିଧାୟକ ନବକିଶୋର ମଲ୍ଲିକ, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ରାଉରକେଲା ବିଧାୟକ ଶାରଦା ନାୟକ ଓ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ୍ ଆଜିର ବୈଠକରେ ସାମିଲ ହୋଇନଥିଲେ । ଦଳର ହ୍ୱିପ୍ ଓ ନବୀନଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଧାନସଭା ଅଧିବେଶନ ଚ଼ାଲିଥିବାବେଳେ ଏହି ବିଧାୟକମାନେ ଅନୁପସ୍ଥିତ ରହିବା ବିଜେଡିରେ ବିରାଟ ଫାଟର ସନ୍ଦେଶ ଦେଇଛି ।



ସୂତ୍ର ଅନୁସାରେ, ଆଜିର ପାଠଶାଳା କାର୍ଯ୍ୟକ୍ରମରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଅଳ୍ପ କିଛି ସମୟ ପାଇଁ ସାମିଲ ହୋଇଥିଲେ । ତେବେ ଦଳର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିଜର ଉଦବେଗ ଜଣାଇ କହିଥିଲେ ଯେ, ପୂର୍ବରୁ ଦଳ ଏଭଳି ବ୍ୟକ୍ତିମାନଙ୍କୁ ରାଜ୍ୟସଭାକୁ ପଠାଇଛି ଯେଉଁମାନେ ଦଳକୁ ଧୋକା ଦେଇ ପଳାଇଛନ୍ତି ।

ସୂଚ଼ନା ଅନୁସାରେ, ନବୀନ ନିବାସରେ ନିର୍ଦ୍ଧାରିତ ସମୟରେ ବିଧାୟକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ବିଧାୟକ ଦଳ ଉପନେତା ପ୍ରସନ୍ନ ଆଚ଼ାର୍ଯ୍ୟ ରାଜ୍ୟସଭା ନିର୍ବାଚ଼ନ ସମ୍ପର୍କରେ ଦଳର ଏକତା ଓ ଶୃଙ୍ଖଳା ଉପରେ ଗୁରୁତ୍ୱ ଦେଇ ପ୍ରାରମ୍ଭିକ ପରାମର୍ଶ ଦେବା ପରେ ବରିଷ୍ଠ ବିଧାୟକ ଅରୁଣ ସାହୁ ପ୍ରାୟ ୩୦ମିନିଟ୍ ଧରି ବିଧାୟକମାନଙ୍କୁ ରାଜ୍ୟସଭା ଭୋଟ ପ୍ରଣାଳୀ ଓ ପ୍ରକ୍ରିୟା ସଂକ୍ରାନ୍ତରେ ପ୍ରଶିକ୍ଷଣ ଦେଇଥିଲେ ।ତାଙ୍କ ପରେ ରାଜ୍ୟସଭାରେ ଦଳର ନେତା ସସ୍ମିତ ପାତ୍ର କିଛିସମୟ ପାଇଁ ମଧ ବିଧାୟକମାନଙ୍କୁ ଭୋଟ୍ ଦାନ ସମ୍ପର୍କରେ ସୂଚ଼ନା ଦେଇଥିଲେ । ତେବେ ବିଧାୟକମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଦଳ ପକ୍ଷରୁ ଯେଉଁ ୫ଜଣିଆ ଟିମ୍ ଗଠନ କରାଯାଇଛି ସେଥିରେ ଅରୁଣଙ୍କ ସମେତ ବରିଷ୍ଠ ନେତା ପ୍ରସନ୍ନ ଆଚ଼ାର୍ଯ୍ୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଳିକେଶ ସିଂହଦେଓ ଓ ପ୍ରତାପ ଦେବ ଥିଲେ ମଧ ଅରୁଣ ହିଁ ଆଜିର କାର୍ଯ୍ୟକ୍ରମରେ ଅଗ୍ରଣୀ ଭୂମିକା ତୁଲାଇଥିବା ବିଧାୟକମାନଙ୍କ ସୂତ୍ରରୁ ଜଣାପଡିଛି ।

ତେବେ ଦଳ କ୍ଷମତାରୁ ଯିବାପରେ ଯେଉଁ ଅରୁଣ ସାହୁ ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କୁ ସିଧାସଳଖ କଟାକ୍ଷ ଓ ସମାଲୋଚ଼ନା କରି ଦୀର୍ଘମାସ ଧରି ସାଂଗଠନିକ କାର୍ଯ୍ୟକ୍ରମରେ କୋଣଠେସା ରହିଥିଲେ ଏବେ ସେ ରାଜ୍ୟସଭା ନିର୍ବାଚ଼ନରେ ମାତ୍ରାଧିକ ସକ୍ରିୟ ହେବା ଓ ନବୀନ ନିବାସରେ ତାଙ୍କୁ ଅଧିକ ଗୁରୁତ୍ୱ ମିଳିବା ମଧ ଦଳୀୟ ମହଲରେ ଚ଼ର୍ଚ୍ଚାର ବିଷୟ ପାଲଟିଛି । ବାଲିପାଟଣା ବିଧାୟକ ନବକିଶୋର ମଲ୍ଲିକ ଭୁବନେଶ୍ୱରରେ ଥାଇ ମଧ ଆଜିର ପାଠଶାଳାକୁ ଆସିନଥିଲେ । ଚ଼ର୍ଚ୍ଚାରେ ବସ୍ତା ବିଧାୟିକା ସୁବାସିନୀ ଜେନା ଆଜିର ପାଠଶାଳାରେ ଯୋଗ ଦେଇଥିଲେ ମଧ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ଆସିଲେ ନଥିଲେ ।ଗୁରୁବାର ଦଳର ୧୪ ଜଣିଆ ଟିମ୍ କଟକ ଯାଇ ସୌଭିକ ଓ ତାଙ୍କ ପିତା ପ୍ରଭାତ ବିଶ୍ୱାଳଙ୍କୁ ବୁଝାଇବାକୁ ପ୍ରୟାସ କରିଥିଲେ ମଧ ଆଜି ସେ ବୈଠକରେ ଅନୁପସ୍ଥିତ ରହି ସିଧାସଳଖ ବିଜେଡିକୁ ନିଜର ଆଭିମୁଖ୍ୟ ଜଣାଇଦେଇଥିବା କୁହାଯାଉଛି । ମନୋହର ରନ୍ଧାରୀ 'ଜ୍ୱର'ର ପୀଡିତ ଥିବା ଯୋଗୁଅନୁପସ୍ଥିତ ଥିବାବେଳେ ଚକ୍ରମଣିକହଁର ନିଜ ଝିଅ ଦୁର୍ଘଟଣାଗ୍ରସ୍ତ ହୋଇଥିବା କାରଣରୁ ଆସିନଥିଲେ ବୋଲି ଦଳ ସୂତ୍ରରୁ ଜଣାପଡିଛି ।

## ୧୦ମିନିଟରେ ପ୍ରସ୍ତୁତ ହେଉଥିବା ୧୦ ପ୍ରକାର ଉପମା

ମସଲାଯୁକ୍ତ ଖାଦ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ। କମ୍ ତେଲ, ମସଲାରେ କ'ଣ ଖାଦ୍ୟ ପ୍ରସ୍ତୁତ ହେବେ ସେନେଇ ସର୍ବଦା ଗୃହିଣୀମାନେ ଚିନ୍ତାରେ ପଡ଼ିଯାଇଥାଆନ୍ତି। କମ୍ ତେଲ ଓ ମସଲାରେ ୧୦ମିନିଟରେ ପ୍ରସ୍ତୁତ ହେଉଥିବା ୧୦ ପ୍ରକାର ଉପମାର ପ୍ରସ୍ତୁତି ପ୍ରଣାଳୀ ବିଷୟରେ ଆସନ୍ତୁ ଜାଣିବା।

ସୁଜି ଉପମା;ପ୍ରଥମେ ସୁଜି, ପିଆଜ ଓ ଆପଣଙ୍କ ପସନ୍ଦ ମୁତାବକ ପନିପରିବାକୁ ଭାଜିକି ରଖନ୍ତୁ। ନିଜର ଆବଶ୍ୟକତା ଅନୁଯାୟୀ ପାଣିକୁ ଫୁଟାନ୍ତୁ। ପାଣି ଫୁଟି ଗଲା ପରେ ସେଥିରେ ଭଜା ଯାଇଥିବା ସୁଜି, ପିଆଜ ଓ ପନିପରିବାକୁ ପକାଇ ଗୋଳାଇ ଦିଅନ୍ତୁ। ୫ ମିନିଟ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ଏହାପରେ ପରସି ଦିଅନ୍ତୁ ଗରମାଗରମ ଉପମା।

ବ୍ରେଡ ଉପମା:ସମାନଶୈଳୀରେ ଡାଲିଆ, ଚୁଡ଼ା, ସିମେଇ, ଶାଗୁ, ଓଟସ, ପାଳଙ୍ଗ, ସୋୟାବିନ୍ ଉପାମ ପ୍ରସ୍ତୁତ କରି ପାରିବେ। ସେହିପରି ପ୍ରଥମେ ତେଲରେ ପିଆଜ ସହିତ ବିଭିନ୍ନ ପ୍ରକାର ପନିପରିବାକୁ ଭାଜି ସେଥିରେ ଶୁଖିଲା ରୁଟିକୁ ଖଣ୍ଡଖଣ୍ଡ କରି ଚଟାପଟ ଉପାମା ପ୍ରସ୍ତୁତ କରିପାରିବେ। ଏହି ଉପାୟରେ ବ୍ରେଡ ଉପମା ବି ପ୍ରସ୍ତୁତ ହୋଇପାରିବ



ଖବର

## ସ୍ୱାମୀଙ୍କଠୁ ଛାଡପତ୍ର ନେଲେ ଅଭିନେତ୍ରୀ ହଂସିକା ମୋଟୱାନ





ସାଉଥ୍ ଏବଂ ବଲିଉଡ୍ ଅଭିନେତ୍ରୀ ହଂସିକା ମୋଟୱାନି ପୁଣି ଥରେ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଖବରର ଶିରୋନାମାରେ ଅଛନ୍ତି । ରିପୋର୍ଟ ଅନୁଯାୟୀ, ହଂସିକା ଏବଂ ତାଙ୍କ ସ୍ୱାମୀ ସୋହେଲ କଥୁରିଆଙ୍କ ମଧ୍ୟରେ ଛାଡପତ୍ର ହୋଇଛି । ସେମାନେ ଡିସେମ୍ବର ୨୦୨୨ରେ ବିବାହ କରିଥିଲେ । ଆଉ ବିବାହର ମାତ୍ର ଚାରି ବର୍ଷ ପରେ, ଏହି ଦମ୍ପତି ଅଲଗା ହୋଇଥିବାର ଖବର ସାମ୍ନାକୁ ଆସୁଛି । ମୁମ୍ବାଇର ବାନ୍ଦ୍ରା କୋର୍ଟ ଅଭିନେତ୍ରୀ ହଂସିକା ମୋଟୱାନି ଏବଂ ବ୍ୟବସାୟୀ ସୋହେଲ କାଥୁରିଆଙ୍କ ମଧ୍ୟରେ ଛାଡ଼ପତ୍ରକୁ ଅଫିସିଆଲି କରିଛନ୍ତି । ସେମାନଙ୍କ ବିବାହ ମାତ୍ର ୪ ବର୍ଷ ଚାଲିଥିଲା । ତେବେ ଏହି ଦମ୍ପତିଙ୍କର କୌଣସି ସନ୍ତାନସନ୍ତତି ନାହାନ୍ତି ।୨୦୨୨ରେ ବିବାହ ବନ୍ଧନରେ ଯୋଡ଼ି ହୋଇଥିଲେ ଏହି ଦମ୍ପତି । ୪ ଡିସେମ୍ବର ୨୦୨୨ରେ ବ୍ୟବସାୟୀ ସୋହେଲଙ୍କୁ ବହୁ ଆଡ଼ମ୍ବରରେ ବିବାହ କରିଥିଲେ ହଂସିକା । କିନ୍ତୁ ସେମାନଙ୍କ ବିବାହ ଅଧିକ ସମୟ ପର୍ଯ୍ୟନ୍ତ ରହିପାରିଲା ନାହିଁ । ତିନି ବର୍ଷ ପରେ ସେମାନଙ୍କ ବିବାହରେ ଅଶାନ୍ତିର ଖବର ଚର୍ଚ୍ଚା ହେଉଥିଲା ।ଏହା ସୋହେଲଙ୍କର ହଂସିକାଙ୍କ ସହିତ ଦ୍ୱିତୀୟ ବିବାହ ଥିଲା । ସେ ପୂର୍ବରୁ ହଂସିକାଙ୍କ ସବୁଠାରୁ ଭଲ ବନ୍ଧୁ ରିଙ୍କି ବଜାଜଙ୍କୁ ବିବାହ କରିଥିଲେ । ତଥାପି ସୋହେଲ ଏବଂ ହଂସିକାଙ୍କ ଛାଡ଼ପତ୍ରର ମୁଖ୍ୟ କାରଣ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ । କିନ୍ତୁ ଗତ ଦୁଇ ବର୍ଷ ଧରି ସେମାନଙ୍କ ବିବାହରେ ସମସ୍ୟା ଲାଗି ରହିଥିଲା ।ହଂସିକାଙ୍କ ଓକିଲ ଆଦନାନ ଶେଖ କହିଛନ୍ତି, ଆମ କ୍ଲାଏ□ ହଂସିକା ମୋଟୱାନିଙ୍କୁ ସମ୍ମାନୀୟ ବାନ୍ଦ୍ରା ପାରିବାରିକ ଅଦଲତ ଛାଡ଼ପତ୍ର ଅନୁମତି ଦେଇଛନ୍ତି । ଉଭୟ ପକ୍ଷରୁ ସହମତି ଭିତ୍ତିରେ ଛାଡ଼ପତ୍ର ହୋଇଛି । ଆମ କ୍ଲାଏଣ୍ଟ ପ୍ରାରମ୍ଭିକ ପର୍ଯ୍ୟାୟରେ ତାଙ୍କ ସ୍ୱାମୀଙ୍କ ପାଖରେ ଅଲଗା ହେବାକୁ ଅନୁମତି ମାଗିଥିଲେ।

## ଚର୍ବି କମ କରେ ଲୁଣ




ଏକ ସହଜ ଉପାୟ ଯାହାକୁ ଉପଯୋଗ କରି ଆପଣ ନିଜର ପେଟରେ ଥିବା ଚର୍ବିକୁ କମାଇପାରିବେ। ସକାଳୁ ଏକ ଗିଲାସ ସାଧା ପାଣିରେ ବଡ଼ ଅନୁସାରେ ଲୁଣ ମିଶାଇକି ପିଅନ୍ତୁ। ଦେଖିବେ କିପରି ଭାବେ ଆପଣଙ୍କ ପେଟରେ ପରିବର୍ତ୍ତନ ଆସୁଛି।

ଜାଣନ୍ତୁ କଣ ରହିଛି ଏହାର ଫାଇଦା:

ଫାଇଦା କଥା କହିଲେ ଲୁଣ ଏବଂ ପାଣି ପିଇବା ଦ୍ୱାରା ପାଚନ ପ୍ରକ୍ରିୟା ଠିକ୍ ଭାବେ ହୋଇଥାଏ । ଏହି ପାଣିକୁ ପିଇବା ଦ୍ୱାରା ଖାଦ୍ୟ ଶିଘ୍ର ହଜମ ହେବା ସହ ଲିଭର ଏବଂ ଇନଟେଷ୍ଟାଇନ୍ ଠିକ୍ ଭାବେ କାର୍ଯ୍ୟ କରିବାରେ ସାହାଯ୍ୟ କରିଥାଏ।

ଲୁଣ ପାଣିରେ ଅଧିକ ପରିମାଣରେ ମିନେରାଲସ୍ ମାତ୍ରା ରହିଥିବା ହେତୁ ଏହା ଆଣ୍ଟିବ୍ୟାକ୍ଟେରିଆ ପରି କାମ କରିଥାଏ। ଶରୀରରେ ହାନିକାରକ ବ୍ୟାକ୍ଟେରିଆକୁ ବିନାସ କରିବା ସହିତ ଶରୀରକୁ ଡେଟକ୍ସ କରିଥାଏ।

ଯଦି ନିଦ ନହେବାର ସମସ୍ୟାରେ ଆପଣ ଅଛନ୍ତି ତେବେ ପ୍ରତିଦିନ ଲୁଣ ପାଣି ପିଇବା ଉଚିତ। ଲୁଣ ଆଡ୍ରେନାଲାଇନ୍ ଏବଂ କରଟିସୋଲ୍ କମାଇଥାଏ ଯାହାଦ୍ୱାରା ରାତିରେ ଭଲ ନିଦ ହୋଇଥାଏ।କଳା ଲୁଣର ପାଣି ପିଇବା ଦ୍ୱାରା ନା କେବଳ ଶରୀର ତାସହିତ ତ୍ୱଚା ସମ୍ବନ୍ଧୀୟ ସମସ୍ତ ସମସ୍ୟା ମଧ୍ୟ ଦୂର ହୋଇଥାଏ। ଏହା ତ୍ୱଚାକୁ ବ୍ରଣ ଏବଂ କୁଞ୍ଚନରୁ ରକ୍ଷା କରିଥାଏ । ଏହା ପାଚନ ଶକ୍ତକୁ ତ୍ୱରାନ୍ୱିତ କରିବା ସହିତ ପୋଷଣ ଦେଇଥାଏ ଯାହା ମୋଟା ନହେବା ପାଇଁ ସାହାଯ୍ୟ କରିଥାଏ । ଏହା ଶରୀରର ସବୁ କୋଷିକା ପର୍ଯ୍ୟନ୍ତ ପୋଷଣ ପହଞ୍ଚାଇବା ସହିତ ଚର୍ବି କମ୍ କରିବାରେ ସାହାଯ୍ୟ କରିଥାଏ ।

## ଉପକାରୀ ପାନମହୁରୀ

ବର୍ତ୍ତମାନ ସମୟରେ ଓଜନ ହ୍ରାସ କରିବା ଅତ୍ୟନ୍ତ କଷ୍ଟକର । କାରଣ ଅଫିସରେ ବସି କାମ କରିବା ମଧ୍ୟରେ, ଆପଣଙ୍କୁ ବ୍ୟାୟାମ ବା ଯୋଗ ପାଇଁ ସମୟ ବାହାର କରିବାକୁ ପଡ଼ିବ । ତେବେ ଚାଲିବାର ଅଭ୍ୟାସ ସଂପୂର୍ଣ୍ଣ ହ୍ରାସ ହୋଇଯାଇଛି । କାହିଁକି ନା ବସି ବସି ଜଙ୍କ ଫୁଡ ଖାଇବାର ଅଭ୍ୟାସ ଏମିତି ବଢିଗଲାଣି ଯେ ଏଭଳି ପରିସ୍ଥିତିରେ ମୋଟାପା ହ୍ରାସ କରିବା ଅତ୍ୟନ୍ତ କଷ୍ଟକର ହୋଇପଡିଛି। ଲୋକଙ୍କ ଓଜନ ଆହୁରି ବୃଦ୍ଧି ପାଇଛି । ଘରୁ କାମ କରୁଥିବା ଲୋକଙ୍କ ଶାରୀରିକ କାର୍ଯ୍ୟକଳାପ ଉପରେ ସଂପୂର୍ଣ୍ଣ ମାତ୍ରାରେ ହ୍ରାସ ପାଇବାରେ ଲାଗିଛି । ଓଜନ ବଢିବା ସହିତ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖିବାକୁ ମିଳୁଛି । ଲୋକଙ୍କଠାରେ ହୃଦ୍‌ଘାତ, ଉଚ୍ଚ ରକ୍ତଚାପ, ମଧୁମେହ ଭଳି ରୋଗ ବୃଦ୍ଧି ପାଇବାରେ ଲାଗିଛି। ତଥାପି, ଯଦି ନିଜ ଖାଦ୍ୟର ଟିକିଏ ଯତ୍ନ ନିଆଯାଏ ତାହାଲେ, ମେଦବହୁଳତା ହ୍ରାସ କରାଯାଇ ପାରିବ । ତେବେ ଓଜନ ହ୍ରାସ କରିବା ପାଇଁ ଘରୋଇ ଉପଚାର ମଧ୍ୟ କରିପାରିବେ । ଆପଣଙ୍କ ରୋଷେଇ ଘରେ ଏପରି ଅନେକ ଜିନିଷ ଅଛି, ଯାହାକୁ ବ୍ୟବହାର କରି ଆପଣ ପେଟରେ ବଢୁଥିବା ଚର୍ବିକୁ ହ୍ରାସ କରିପାରିବେ । ସେଥିମଧ୍ୟରୁ ଗୋଟିଏ ହେଉଛି ଫେନେଲ, ଅର୍ଥାତ୍ ପାନମହୁରୀ ଯାହା ଆପଣଙ୍କ ଓଜନ ହ୍ରାସ ପାଇଁ ବ୍ୟବହାର କରିପାରିବେ । ପାନମହୁରୀରୁ କିପରି ଓଜନ ହ୍ରାସ ପାଇଁ ପାନୀୟ ପ୍ରସ୍ତୁତ କରିବେ ଜାଣନ୍ତୁ ।



ପାନମହୁରୀରୁ ପ୍ରସ୍ତୁତ କରନ୍ତୁ ଓଜନ ହ୍ରାସ ପାଇଁ ପାନୀୟ

ତେବେ ଓଜନ ହ୍ରାସ ପାଇଁ ପ୍ରଥମେ ପାନମହୁରୀକୁ ବ୍ୟବହାର କରିପାରିବେ । ଏହାକୁ ଚା ଭାବେ ତିଆରି କରି ପିଇପାରିବେ । ଏଥିପାଇଁ ଆବଶ୍ୟକ ଏକ ଛୋଟ ଚାମଚରେ ପାନମହୁରୀ ଏବଂ ପାଣି । ସର୍ବପ୍ରଥମେ, ଫୁଟାଇବା ପାଇଁ ୧ ଗ୍ଲାସ ପାଣି ରଖନ୍ତୁ । ପାଣି ଫୁଟିବା ପରେ ସେଥିରେ ଏକ ଚାମଚ ପାନମହୁରୀ ମିଶାଇ ଦିଅନ୍ତୁ । କିଛି ସମୟ ପରେ ଗ୍ୟାସ ବନ୍ଦ କରନ୍ତୁ । ବର୍ତ୍ତମାନ ସେହି ଜଳକୁ ୧ ମିନିଟ୍ ପାଇଁ ଘୋଡାଇ ରଖନ୍ତୁ । ଟିକେ ଥଣ୍ଡା ହେଲା ପରେ ଏହାକୁ ପିଅନ୍ତୁ ।

## ରାମାୟଣ : ସହଯୋଗୀଙ୍କୁ ଅଧିକାର ପ୍ରଦାନ

ସାଧାରଣତଃ ଦେଖାଯାଏ ଯେ କୌଣସି ସଂସ୍ଥାରେ ବସ୍ ହିଁ ସମସ୍ତ ନିର୍ଣ୍ଣୟ ନେଇଥାନ୍ତି, କର୍ମଚାରୀ କେବଳ ମୁନିବଙ୍କ ଯୋଜନା ଅନୁଯାୟୀ କାମ କରିଥାନ୍ତି । ଏଭଳି ସ୍ଥିତିରେ ଦେଖାଯାଏ ଯେ କର୍ମଚାରୀ କୌଣସି ଦାୟିତ୍ୱ ନେଇନଥାନ୍ତି । କାମ ଖରାପ ହେଉଥିଲେ କିମ୍ବା ନହେଉଥିଲେ ବି ସେମାନେ ନିଜ ବୁଦ୍ଧି ଖଟାଇନଥାନ୍ତି । କେବଳ ମୁନିବଙ୍କ ଆଜ୍ଞା ପାଳନ କରିବା ଲାଗି ଯେନତେନ ପ୍ରକାରେ କାମ ସାରିଦେବାକୁ ଚେଷ୍ଟା କରିଥାନ୍ତି । ଫଳରେ ସଂସ୍ଥାର କ୍ଷତି ହୋଇଥାଏ । କିନ୍ତୁ ପ୍ରକୃତ ପରିଚାଳକ ସେଇ, ଯିଏ ନିଜ କର୍ମଚାରୀମାନଙ୍କୁ କାମ କରିବାର ଦାୟିତ୍ୱ ସହିତ ନିଷ୍ପତ୍ତି ତଥା ନିର୍ଣ୍ଣୟ ନେବାର ସ୍ୱାଧୀନତା ଦେଇଥାଏ । ଏହାଦ୍ୱାରା କର୍ମଚାରୀ ଅଧିକ ଦାୟିତ୍ୱସମ୍ପନ୍ନ ହୋଇ କାମ କରିଥାଏ । ନିଜ ସହଯୋଗୀ, ମିତ୍ର, ସମ୍ପର୍କୀୟ, କର୍ମଚାରୀଙ୍କ ଉପରେ ଭରସା ରଖି ସେମାନଙ୍କୁ କୌଣସି ଦାୟିତ୍ୱ ଦିଆଗଲେ ପରିଣାମ ନିଶ୍ଚିତ ରୂପେ ଭଲ ହୋଇଥାଏ । ଅନ୍ୟ ଉପରେ ଭରସା କରିବାକୁ ହେଲେ ପ୍ରଥମେ ଭଗବାନଙ୍କ ଉପରେ ଭରସା ରଖିବାକୁ ହେବ । ରାମାୟଣରୁ ଆମକୁ ଏହି ଶିକ୍ଷା ମିଳିଥାଏ ।



ଦେବୀ ସୀତାଙ୍କ ସନ୍ଧାନ ନିମନ୍ତେ ବାନରରାଜ ସୁଗ୍ରୀବଙ୍କୁ ଦାୟିତ୍ୱ ଦେଇଥିଲେ ପ୍ରଭୁ ଶ୍ରୀରାମ । ସୁଗ୍ରୀବଙ୍କୁ ପ୍ରତ୍ୟେକ ନିଷ୍ପତ୍ତି ନେବା ଲାଗି ସ୍ୱାଧୀନତା ଦେଇଥିଲେ । ସୁଗ୍ରୀବଙ୍କୁ ପ୍ରଭୁ ଶ୍ରୀରାମ ଯାହା କହିଥିଲେ, ତାହାକୁ ବର୍ଣ୍ଣନା କରି ଶ୍ରୀରାମଚରିତ ମାନସରେ ଗୋସ୍ୱାମୀ ତୁଳସୀ ଦାସ ଲେଖିଛନ୍ତି, "ଅବ ସୋଇ ଜତନୁ କରହୁ ମନ ଲାଇ । ଜୋହି ବିଧି ସୀତା କେ ସୁଦ୍ଧି ପାଇ।" ଅର୍ଥାତ୍ ନିଜ ବୁଦ୍ଧିରେ ଏପରି ଉପାୟ କର, ଯାହାଦ୍ୱାରା ଦେବୀ ସୀତାଙ୍କୁ ଖୋଜିବା ସମ୍ଭବ ହୋଇପାରିବ । ଶ୍ରୀରାମଙ୍କ ଠାରୁ ନିଷ୍ପତ୍ତି ନେବାର ସ୍ୱତନ୍ତ୍ରତା ପାଇ ସୁଗ୍ରୀବ ଦେବୀ ସୀତାଙ୍କ ସନ୍ଧାନ ନିମନ୍ତେ ୪ଟି ଅନୁସନ୍ଧାନ ଦଳ ଗଠନ କଲେ । ସବୁଠୁ ଯୋଗ୍ୟ ଦଳରେ ନୀଳ, ଅଙ୍ଗଦ, ଜାମ୍ବବନ୍ତ ଏବଂ ହନୁମାନ ରହିଥିଲେ । ଏମାନଙ୍କୁ ଦକ୍ଷିଣ ଦିଗକୁ ପଠାଗଲା । ଜାମ୍ବବନ୍ତ, ହନୁମାନଙ୍କ ନେତୃତ୍ୱରେ ଏହି ଦଳ ପ୍ରଥମେ ଲଙ୍କାର ସନ୍ଧାନ ପାଇଲେ, କିନ୍ତୁ ସେଠାକୁ ଯିବା ଲାଗି କେବଳ ହନୁମାନଙ୍କ ନିକଟରେ କ୍ଷମତା ରହିଥିଲା । ଯିବା ପୂର୍ବରୁ ଲଙ୍କାରେ କ'ଣ କରିବା ଉଚିତ୍ ସେ ସମ୍ପର୍କରେ ହନୁମାନ ବୁଦ୍ଧିମାନ ଜାମ୍ବବନ୍ତଙ୍କ ଠାରୁ ବୁଝିନେଲେ । ଜାମ୍ବବନ୍ତ କହିଲେ, ତୁମେ କେବଳ ଲଙ୍କା ଯାଇ ଦେବୀ ସୀତାଙ୍କୁ ସନ୍ଧାନ କରିଆସ ଏବଂ ପ୍ରଭୁ ଶ୍ରୀରାମଙ୍କୁ ତାଙ୍କ ଖବର ଦିଅ । ଏହି ସମୟରେ ଅନ୍ୟ ବାନରମାନେ ଚିନ୍ତା ମଧ୍ୟ କରିନଥିଲେ ଯେ ହନୁମାନ ଯାଇ ଲଙ୍କାରେ ନିଆଁ ଲଗାଇଦେବେ । ସଂଯୋଗବଶତଃ ଏହା ହିଁ ହେଲା । ରାବଣର ଦରବାରରେ ଯୁକ୍ତିତର୍କ ହେବା ପରେ ହନୁମାନଙ୍କ ଲାଙ୍ଗୁଡ଼ରେ ନିଆଁ ଲଗାଇଦିଆଗଲା । ହନୁମାନ ସେହି ନିଆଁରେ ସାରା ଲଙ୍କାକୁ ପୋଡ଼ି ପାଉଁଶ କରିଦେଲେ । ଶ୍ରୀହନୁମାନଙ୍କୁ କେବଳ ଦେବୀ ସୀତାଙ୍କୁ ଖୋଜି ଆଣିବାର ଦାୟିତ୍ୱ ଦିଆଯାଇଥିଲା । ତାଙ୍କ ନିକଟରେ ନିଷ୍ପତ୍ତି ନେବାର ସ୍ୱାଧୀନତା ରହିଥିଲା । ତେଣୁ ସେ ଦେବୀ ସୀତାଙ୍କ ସନ୍ଧାନ ପରେ ଲଙ୍କାଦହନ ଭଳି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଲେ । ଫଳରେ ପ୍ରଭୁ ଶ୍ରୀରାମ ଲଙ୍କାରେ ପାଦ ଥାପିବା ପୂର୍ବରୁ ତାଙ୍କ ପରାକ୍ରମର ଆଭାସ ପାଇଯାଇଥିଲେ ରାବଣ ଓ ତା'ର ରାକ୍ଷସ ପ୍ରଜା । ସେମାନେ ଭଲ ଭାବେ ଅନୁମାନ କରିପାରୁଥିଲେ ଯଦି ଶ୍ରୀରାମଙ୍କ ସେନାର ଜଣେ ଯୋଦ୍ଧା ସମ୍ପୂର୍ଣ୍ଣ ଲଙ୍କାକୁ ଜାଳିଦେଇ ପାରେ, ତା'ହେଲେ ସମ୍ପୂର୍ଣ୍ଣ ସେନା ଆସି ପହଞ୍ଚିଲେ ଅବସ୍ଥା କ'ଣ ହେବ! ନିଜ ସାଥୀ ଏବଂ ସହଯୋଗୀଙ୍କୁ ଦାୟିତ୍ୱ ସହ ନିଷ୍ପତ୍ତି ନେବାର ଅଧିକାର ପ୍ରଦାନ କରିବାର ଏହି ବିଶେଷ କଳା ପ୍ରଭୁ ଶ୍ରୀରାମଙ୍କୁ ଭଲ ଭାବେ ଜଣାଥିଲା । ରାମାୟଣରେ ଅନେକ ସମୟରେ ଶ୍ରୀରାମ ନିଜର ଏହି ଶୈଳୀର ଉପଯୋଗ କରିଥିଲେ ।

## ରାତିରେ ୟୁରିକ୍ ଏସିଡ୍ କାହିଁକି ବୃଦ୍ଧି ପାଏ ?

ଶରୀରରେ ପ୍ୟୁରିନ୍ ନାମକ ଏକ ଉପାଦାନ ଭାଙ୍ଗିଗଲେ ୟୁରିକ୍ ଏସିଡ୍ ସୃଷ୍ଟି ହୁଏ। ଏହା ସାଧାରଣତଃ ରକ୍ତରେ ଦ୍ରବୀଭୂତ ହୋଇ ବାହାରକୁ ବାହାରିଯାଏ, କିନ୍ତୁ ଯେତେବେଳେ ଏହାର ପରିମାଣ ବୃଦ୍ଧି ପାଏ, ଏହା ସ୍ଫଟିକ ଗଠନ କରି ସନ୍ଧିରେ ଜମା ହୋଇପାରେ । ବିଶେଷକରି ରାତିରେ, ଏପରି ପରିସ୍ଥିତିରେ ଶରୀର ଆମକୁ କିଛି ସଙ୍କେତ ଦିଏ, ଯାହାକୁ ଚିହ୍ନିବା ବହୁତ ଗୁରୁତ୍ୱପୂର୍ଣ୍ଣ।



ସନ୍ଧିରେ ହଠାତ୍ ତୀବ୍ର ଯନ୍ତ୍ରଣା: ଯେତେବେଳେ ୟୁରିକ ଏସିଡ୍ ବୃଦ୍ଧି ପାଏ, ପ୍ରଥମେ ସନ୍ଧିଗୁଡ଼ିକ ପ୍ରଭାବିତ ହୁଏ। ରାତିରେ ଗୋଟିଏ ଗୋଡରେ ହଠାତ୍ ଅସହ୍ୟ ଯନ୍ତ୍ରଣା ଏହାର ଏକ ପ୍ରମୁଖ ଲକ୍ଷଣ ହୋଇପାରେ।

ସନ୍ଧିରେ ଫୁଲା ଏବଂ ଉଷ୍ମତା: ଯଦି ଆପଣ ରାତିରେ ଆଙ୍ଗୁଠି, ଗୋଡ଼ କିମ୍ବା ଆଣ୍ଠୁରେ ହାଲୁକା ଫୁଲା ଏବଂ ଉଷ୍ମତା ଅନୁଭବ କରନ୍ତି, ତେବେ ଏହା ୟୁରିକ ଏସିଡ୍ ସ୍ଫଟିକ ଜମା ହେବାର ଏକ ଲକ୍ଷଣ।

ହାଲୁକା ଜ୍ୱର: ବର୍ଦ୍ଧିତ ୟୁରିକ ଏସିଡ୍ ଶରୀରରେ ପ୍ରଦାହ ବୃଦ୍ଧି କରେ । ଯାହା ଦ୍ୱାରା ହାଲୁକା ଜ୍ୱର, ଅସୁବିଧା କିମ୍ବା ରାତିରେ ଝାଳ ବାହାରିପାରେ।

କମ୍ ପରିସ୍ରା କିମ୍ବା ଜଳାପୋଡ଼ା ଅନୁଭବ: ଶରୀରରୁ ୟୁରିକ୍ ଏସିଡ୍ ପରିସ୍ରା ମାଧ୍ୟମରେ ବାହାରକୁ ବାହାରିଯାଏ, କିନ୍ତୁ ଯେତେବେଳେ ଏହା ବୃଦ୍ଧି ପାଏ, ପରିସ୍ରା କମ୍ ହୋଇପାରେ କିମ୍ବା ପରିସ୍ରା ସମୟରେ ଜଳାପୋଡ଼ା ଅନୁଭବ ହୋଇପାରେ। ଏହି ଲକ୍ଷଣଗୁଡ଼ିକ ରାତିରେ ଅଧିକ ଅନୁଭୂତ ହୋଇପାରେ।

କ୍ଲାନ୍ତି ଏବଂ ଭାରୀ ଅନୁଭବ: ଯଦି ରାତିରେ ପରିଶ୍ରମ ନକରି ମଧ୍ୟ ଶରୀର ଭାରୀ ଅନୁଭବ ହୁଏ କିମ୍ବା ଶୋଇବା ପରେ ମଧ୍ୟ ଆପଣ ସତେଜ ଅନୁଭବ କରନ୍ତି ନାହିଁ, ତେବେ ଏହା ଅଧିକ ୟୁରିକ ଏସିଡ୍ ଯୋଗୁଁ ମେଟାବୋଲିକ୍ ଅସନ୍ତୁଳନର ଲକ୍ଷଣ ହୋଇପାରେ ।

ରାତିରେ ଯନ୍ତ୍ରଣା: ଦିନସାରା ସନ୍ଧିରେ କୌଣସି ଯନ୍ତ୍ରଣା ହୁଏ ନାହିଁ, କିନ୍ତୁ ଯଦି ଏହି ଯନ୍ତ୍ରଣା କେବଳ ରାତିରେ ହୁଏ, ତେବେ ଏହା ୟୁରିକ ଏସିଡର ସମସ୍ୟା।

# ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ନିର୍ବାଚନ ଅଧିକାରୀଙ୍କ ପ୍ରଶିକ୍ଷଣ

**ଭୁବନେଶ୍ୱର, ୧୩।୩ (ମହାଭାରତ):** ରାଜ୍ୟରେ ହେବାକୁ ଥିବା ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର) କାର୍ଯ୍ୟକ୍ରମକୁ ସୁଚାରୁ ଭାବେ କାର୍ଯ୍ୟାନ୍ୱୟ କରିବା ଉଦ୍ଦେଶ୍ୟରେ ନିର୍ବାଚନ ଅଧିକାରୀମାନଙ୍କ ପାଇଁ ଚାରିଦିନିଆ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣ ୧୦ ମାର୍ଚ୍ଚ ଠାରୁ ୧୩ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଭୁବନେଶ୍ୱରର ଗୋଠପାଟଣା ସ୍ଥିତ ରେଭେନ୍ୟୁ ଅଫିସର୍ସ ଟ୍ରେନିଙ୍ଗ ଇନଷ୍ଟିଚ୍ୟୁଟ ରେ ଆୟୋଜିତ ହେଉଛି। ପ୍ରଶିକ୍ଷଣ ପ୍ରତିଦିନ ଦୁଇଟି ସେସନ୍ ରେ ଚାଲିବ। ପ୍ରଥମ ଦିନ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର.ଏସ. ଗୋପଲନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନର ପ୍ରଶିକ୍ଷଣରେ ବରଗଡ଼, ଝାରସୁଗୁଡା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେଉଁଝର, ମୟୁରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ), ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଏଇଆରଓ) ଓ ଡେପୁଟି କଲେକ୍ଟର (ନିର୍ବାଚନ) ମାନେ ଯୋଗଦେଇଥିଲେ।



ପ୍ରଶିକ୍ଷଣ ସମୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା, ଭୋଟର ତାଲିକା ସଂଶୋଧନ ପଦ୍ଧତି, ପୁରୁଣା ଭୋଟର ତାଲିକା ସହିତ ମତଦାତାଙ୍କ ମ୍ୟାପିଂ, ତଥ୍ୟ ସଂଗ୍ରହ ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟାନ୍ୱୟ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା। ଏହି ପ୍ରଶିକ୍ଷଣରେ ପ୍ରତିଷ୍ଠାନଗତ ଓ ମାନବ ସମ୍ବଳ ପ୍ରସ୍ତୁତିକୁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି। ପ୍ରକ୍ରିୟାର ପାରଦର୍ଶିତା ଓ ସକ୍ରିୟ ଅଂଶଗ୍ରହଣ ନିଶ୍ଚିତ କରିବା ପାଇଁ ରାଜନୈତିକ ଦଳମାନଙ୍କ ଦ୍ୱାରା ବୁଥ୍ ଲେଭେଲ୍ ଏଜେଣ୍ଟ (ବି ଏଲ ଏ) ନିଯୁକ୍ତି, ବି ଏଲ ଏ ମାନଙ୍କ ପାଇଁ ମତଦାତା ଯାଂଚ ଓ ଫର୍ମ ପ୍ରବନ୍ଧନ ସମ୍ପର୍କିତ ପ୍ରଶିକ୍ଷଣ, ପ୍ରତ୍ୟେକ ପୋଲିଂ ବୁଥ୍ ରେ ୨୦ ଜଣ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ଚିହ୍ନଟ ଓ ୨୦୦୨ ମସିହାର ଭୋଟର ତାଲିକା ସହିତ ମତଦାତାଙ୍କ ମ୍ୟାପିଂ କାର୍ଯ୍ୟ ସମାପ୍ତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ସେହିପରି, ପରିଗଣନା ଫର୍ମଗୁଡ଼ିକର ଡିଜିଟାଇଜେସନ୍ ପାଇଁ ଉପଯୁକ୍ତ ସ୍ଥାନ ଓ ଆବଶ୍ୟକ ସୁବିଧାସମୂହ ଚିହ୍ନଟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାସହ ଫର୍ମଗୁଡ଼ିକର ସ୍କାନିଂ, ଡାଟା ଏଂଟ୍ରି ଓ ସତ୍ୟାପନ କାମ ପାଇଁ ପ୍ରଶିକ୍ଷିତ କର୍ମଚାରୀମାନଙ୍କୁ ନିୟୋଜିତ କରାଯିବ। ଭୋଟରମାନଙ୍କର ଦାବି ଓ ଆପତି ଶୁଣାଣି ପାଇଁ ବିଭିନ୍ନ ସ୍ଥାନରେ ଶିବିର ଆୟୋଜନ କରାଯିବ, ଯାହା ମାଧ୍ୟମରେ ସହଜ ପହଂଚ ସହିତ ସମୟୋପଯୋଗୀ ଅଭିଯୋଗ ନିରାକରଣ ସୁନିଶ୍ଚିତ ହେବ।ଏହି ଶିବିରଗୁଡ଼ିକର ତାରିଖ, ସମୟ ଓ ସ୍ଥାନ ସମ୍ବନ୍ଧରେ ଭୋଟର ଓ ସମ୍ପୃକ୍ତ ହିତଧାରୀକାରୀ ମାନଙ୍କୁ ପୂର୍ବରୁ ସୂଚନା ଯୋଗାଇଦିଆଯିବ ବୋଲି ଆଲୋଚନା ହୋଇଥିଲା। ତଦୁପରି, ତଥ୍ୟ ପରିଚାଳନା ଓ ନିରୀକ୍ଷଣ ପାଇଁ ଇ ଆର ଓ/ ଏ ଇ ଆର ଓ ସ୍ତରରେ ଆବଶ୍ୟକ ମାନବ ସମ୍ବଳ ସହିତ ଆଇଟି ସେଲ୍ ସ୍ଥାପନ କରିବା ସହିତ ସଂଶୋଧନ ପ୍ରକ୍ରିୟା ସମୟରେ ମତଦାତା, ବି ଏଲ ଓ ଓ କ୍ଷେତ୍ରସ୍ତରର କର୍ମଚାରୀଙ୍କୁ ସହଯୋଗ ପାଇଁ ଡିଇଓ / ଏଇଆରଓ କାର୍ଯ୍ୟାଳୟରେ ହେଲ୍ପ ଡେସ୍କ ସ୍ଥାପନ କରାଯିବ ବୋଲି ଜଣାପଡ଼ିଛି।ଏହି ପ୍ରଶିକ୍ଷଣ ମାଧ୍ୟମରେ ଅଧିକାରୀମାନେ ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ପାଇଁ ପ୍ରାୟୋଗିକ ଓ ପ୍ରଶାସନିକ ଦିଗରେ ପ୍ରସ୍ତୁତ ରହିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପଲନ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନ ଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଶ୍ରୀ ଗୋପୀନାଥ କୁଅଁର,ଡ଼େପୁଟି ସିଇଓ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ନ୍ୟାୟ ସଂହିତା କାର୍ଯ୍ୟକାରିତାରେ ଓଡିଶାର ସ୍ଥାନ ତଳକୁ

# ମୁଖ୍ୟମନ୍ତ୍ରୀ ଇସ୍ତଫା ଦାବି କଲା ବିଜେଡି

**ଭୁବନେଶ୍ୱର, ୧୩।୩ (ମହାଭାରତ):** ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରିତାରେ ଓଡିଶା ପଛରେ ପଡିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହିତ ଗୃହ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜୁ ଜନତା ଦଳ । ବିଜେପି କ୍ଷମତାସୀନ ହେବା ପରଠାରୁ ରାଜ୍ୟର ଆଇନ ଶୃଙ୍ଖଳା ଦିନକୁ ଦିନ ଅଧିକ ବିପର୍ଯ୍ୟସ୍ତ ହୋଇପଡୁଥିବା ବେଳେ, ନ୍ୟାୟ ସଂହିତା କାର୍ଯ୍ୟକାରିତା କ୍ଷେତ୍ରରେ ଓଡିଶା ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ଢେର ପଛରେ ରହିବା, ରାଜ୍ୟ ସରକାରଙ୍କ ବିଫଳତା ଜଳ ଜଳ ହୋଇ ଦିଶୁଛି ବୋଲି ବିଜେଡି କହିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ନ୍ୟାୟ ସଂହିତା କାର୍ଯ୍ୟକାରୀ କ୍ଷେତ୍ରରେ ଜାତୀୟ ରାଙ୍କିଙ୍ଗରେ ଗତ ନଭେମ୍ବର ମାସରେ ଓଡିଶା ୧୪ତମ ସ୍ଥାନରେ ଥିବାବେଳେ ଗତ ୩ ମାସରେ ୨୮ତମ ସ୍ଥାନକୁ ଖସି ଆସିଛି । ୨୦୨୬ ଫେବୃଆରୀର ରିପୋର୍ଟ ଅନୁଯାୟୀ, ଜାତୀୟ ହାର ୬୦.୩୫ ଥିଲାବେଳେ, ଓଡିଶା ଏହାଠାରୁ ୮ ପଏଣ୍ଟ ପଛରେ ରହିଛି । ପୂର୍ବରୁ ୧୪ତମ ସ୍ଥାନରେ ଥିବା ଓଡିଶା ଉପରକୁ ଉଠିବା ପରିବର୍ତ୍ତେ ମାତ୍ର ୩ ମାସରେ ୧୪ଟି ରାଜ୍ୟର ପଛକୁ ଚାଲିଯିବା, ରାଜ୍ୟର ପୋଲିସ୍ ବିଭାଗର ଅପାରଗତା ସହିତ ରାଜ୍ୟ ସରକାରଙ୍କ ଗୃହ ବିଭାଗର ବିଫଳତାକୁ ପଦାରେ ପକାଇଛି । ଡ଼ ମହାନ୍ତି କହିଥିଲେ, ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ବିଜୁ ଜନତା ଦଳ ବାରମ୍ବାର ସ୍ୱର ଉତ୍ତୋଳନ କରିଆସୁଥିଲେ ମଧ୍ୟ ରାଜ୍ୟ ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରାଭଙ୍ଗ ହେଉନଥିଲା, ଯାହାଫଳରେ ଓଡ଼ିଶା ଆଜି ୨୮ତମ ସ୍ଥାନକୁ ଖସିଆସିଲା । ଓଡିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାରଙ୍କ ସମୟରେ ବାସ୍ତବରେ ସମସ୍ତ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ନିମ୍ନଗାମୀ ହୋଇଛି ।

# କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ଇସ୍ତଫା ଦାବି

**ଭୁବନେଶ୍ୱର, ୧୩।୩ (ମହାଭାରତ):** ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ପ୍ରଦେଶ ମହିଳା କଂଗ୍ରେସର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଏଡିଏମଙ୍କ ଜରିଆରେ କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ଇସ୍ତଫା ଦାବିକରି ମହାମହିମ ରାଷ୍ଟ୍ରପତିଙ୍କ ନିକଟକୁ ଏକ ସ୍ମାରକପତ୍ର ପ୍ରେରଣ କରିଛନ୍ତି। ପୂର୍ବରୁ ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଂଟିନ ଛକ ଠାରେ ଏବଂ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ହରଦୀପ ସିଂହ ପୁରୀଙ୍କ ଇସ୍ତଫା ଦାବିକରି ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଦସ୍ତଖତ ସମ୍ବଳିତ ଫ୍ଲେକ୍ସ ଫର୍ଦ୍ଦ ମଧ୍ୟ ଦାଖଲ କରାଯାଇଥିଲା। ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବାହିନୀପତି କହିଛନ୍ତି କେନ୍ଦ୍ରର ବିଜେପି ସରକାର ନୈତିକତା ଉପରେ ଗୁରୁତ୍ୱ ଦେଉନାହାନ୍ତି। ହରଦୀପ ସିଂହ ପୁରୀଙ୍କ ଜେଫରୀ ଇପିଷ୍ଟିନର ଅପରାଧ ଦୁନିଆର ଅଂଶୀଦାର ଥିଲେ ମଧ୍ୟ ତାଙ୍କୁ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରାଯାଉ ନାହିଁ। ପ୍ରଧାନମନ୍ତ୍ରୀ ମୋଦିଙ୍କର ନାମ ଇପିଷ୍ଟିନ ଫାଇଲରେ ବାହାରିଛି। ପୃଥିବୀର ବିଭିନ୍ନ ରାଜନେତା ଯେଉଁମାନେ ବିଭିନ୍ନ ଦେଶରେ ସରକାରୀ ବ୍ୟବସ୍ଥା ଭିତରେ ଅଂଶୀଦାର ଅଛନ୍ତି ସେମାନଙ୍କର ନାମ ଇପିଷ୍ଟିନ ଫାଇଲରେ ବାହାରିବାପରେ ସେମାନେ ନିଜ ପଦପଦବୀରୁ ଇସ୍ତଫା ଦେଇଛନ୍ତି। ହରଦୀପ ସିଂହ ପୁରୀଙ୍କୁ ମନ୍ତ୍ରୀ ମଣ୍ଡଳରେ ରଖିବା ଦ୍ୱାରା ମୋଦି ସରକାର ସାଧାରଣ ଲୋକଙ୍କର ବିଶ୍ୱସନୀୟତା ହରାଉଛନ୍ତି। ଜଣେ କେନ୍ଦ୍ରମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ଦେଶରେ ଆଲୋଚନା କରାଯାଏ। ତେଣୁ ତାଙ୍କର ବ୍ୟକ୍ତିତ୍ୱ ଏବଂ ଚରିତ୍ର ସ୍ୱଚ୍ଛ ରହିବା ଉଚିତ। ଜେଫରି ଇପିଷ୍ଟିନ ଯେଉଁଭଳି ଭାବରେ ନାବାଳିକା ମାନଙ୍କର ଯୌନଶୋଷଣ, ରକ୍ତ ଶୋଷଣ କରିଥିଲା ଏବଂ ସେମାନଙ୍କୁ ହତ୍ୟା କରିଥିଲା ଏଥିରୁ ସ୍ପଷ୍ଟଯେ ସେ ଜଣେ ରକ୍ତ ପିପାସୁ ପିଶାଚ। ଏଣୁ ମହିଳା କଂଗ୍ରେସ ଦାବି କରୁଛିକି ତୁରନ୍ତ କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କୁ ବହିଷ୍କାର କରାଯାଇ ତାଙ୍କ ବିରୁଦ୍ଧରେ ଉଚ୍ଚସ୍ତରୀୟ ଏବଂ ନିରପେକ୍ଷ ତଦନ୍ତ ହେବା ଉଚିତ। ସେ ମନ୍ତ୍ରୀ ମଣ୍ଡଳରେ ରହିଲେ ତଦନ୍ତ ବାଟମାରଣା ହେବ। ତାଙ୍କ ପାଇଁ କେନ୍ଦ୍ର ସରକାର ଲଜ୍ଜିତ ହେଉଛନ୍ତି ମାତ୍ର ତାଙ୍କୁ ଜାବୁଡ଼ି ଧରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଣତୀ ମିଶ୍ର, ବିଶ୍ୱକଲ୍ୟାଣୀ କର, ସୁନିତା ବିଶ୍ୱାଳ, ଶ୍ରୀୟାସ୍ମିତା ପଣ୍ଡା, ସିଲି ସେଠୀ, ଅମିଶା ସାମନ୍ତରାୟ, ଜୟସ୍ମିତା ମହାନ୍ତି, ଜାନକୀ ମଲ୍ଲିକ, ଉର୍ବଶ୍ରୀ ମିଶ୍ର, ପ୍ରୀତିଛନ୍ଦା ରାଉତରାୟ, ଅପସନା ବେଗମ ପ୍ରମୁଖ ଅଂଶଗ୍ରହଣ କରିଥିଲେ।




# ଟୋକିଓ ବୈଶ୍ୱିକ ବିତ ଫୋରମ୍‌ରେ ଓଡ଼ିଶା ଛାତ୍ରଛାତ୍ରୀଙ୍କ ଚମତ୍କାର ପ୍ରଦର୍ଶନ

**ଭୁବନେଶ୍ୱର, ୧୩।୩ (ମହାଭାରତ):** ଓଡ଼ିଶାର ଛାତ୍ରଛାତ୍ରୀମାନେ ଫିନଟେକ୍ ଓ ଇନସ୍ୟୁରଟେକ୍ ସାର୍ଟିଫିକେଟ ପ୍ରୋଗ୍ରାମ ଅଧୀନରେ ନିଜର ଫିନଟେକ୍ ପ୍ରକଳ୍ପକୁ ଟୋକିଓ ବୈଶ୍ୱିକ ବିତ ଫୋରମ୍ ରେ ପ୍ରଦର୍ଶିତ କରିଛନ୍ତି। ରେଭେନ୍ସା ବିଶ୍ୱ ବିଦ୍ୟାଳୟର ବି. ସିମ୍ରନ, ରାଜେଶ୍ୱରୀ ବେହେରା, ପୁଷ୍ପାଞ୍ଜଳି ବେହେରା, ମନୀଷା ଲେଙ୍କା, ସୌମ୍ୟ ରଞ୍ଜନ ବୈଥାଲୁ, ଉତ୍କଳ ବିଶ୍ୱବିଦ୍ୟାଳୟର ଶିବାଂଶୀ ନାୟକ, ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅର୍ନିବାଣ କର 'ଟ୍ରାଂଟିଫି'- ଆଗାମୀ ଦିନର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ୱାର୍କିଙ୍ଗ କ୍ୟାପିଟାଲ ପ୍ଲାଟଫର୍ମ' ପ୍ରକଳ୍ପକୁ ବୈଶ୍ୱିକ ବିତ ଫୋରମ୍ ରେ ପ୍ରଦର୍ଶିତ କରିଛନ୍ତି। କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନେ ନିଜର ଉଦ୍ୟୋଗ ପାଇଁ ଯେପରି ସହଜ ଓ ସୁବିଧାରେ ବ୍ୟାଙ୍କରୁ ଋଣ ନେଇପାରିବେ ଏବଂ ଏହି ବିତ୍ତୀୟ ପ୍ରକ୍ରିୟାକୁ ଯେପରି ଡିଜିଟାଇଜ କରାଯିବ, ତାହାକୁ ନେଇ ଛାତ୍ରଛାତ୍ରୀମାନେ ନିଜର ଫିନଟେକ୍ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ଏହି ପ୍ରକଳ୍ପକୁ ଗ୍ଲୋବାଲ ଫାଇନାନ୍ସ ଓ ଟେକନୋଲୋଜି ନେଟୱାର୍କ ଏବଂ ଜାପାନର ଏମୟୁଏଫଜି ବ୍ୟାଙ୍କ ଲିମିଟେଡ଼ର ଅଧିକାରୀମାନେ ପ୍ରଶଂସା କରିବା ସହ ଛାତ୍ରଛାତ୍ରୀଙ୍କ ଏହି ଅଭିନବ ପ୍ରୟାସ ପାଇଁ ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଓଡ଼ିଶା ସରକାର ଏବଂ ସିଙ୍ଗାପୁର ଜାତୀୟ ବିଶ୍ୱ ବିଦ୍ୟାଳୟ - ଏସିଆନ ଇନଷ୍ଟିଚ୍ୟୁଟ ଅଫ୍ ଡ଼ିଜିଟାଲ ଫାଇନାନ୍ସ ଏବଂ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକନୋଲୋଜି ନେଟୱାର୍କର ମିଳିତ ସହାଭାଗିତରେ ଓଡ଼ିଶାର ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଫିନଟେକ୍ ଓ ଇନସ୍ୟୁରଟେକ୍ ସାର୍ଟିଫିକେଟ ପ୍ରୋଗାମ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ଯେଉଁଥିରେ ୧୯୫ଜଣ ଛାତ୍ରଛାତ୍ରୀ ବିଭିନ୍ନ କ୍ୟାପଷ୍ଟୋନ ପ୍ରକଳ୍ପ ଉପରେ କାମ କରିଥିଲେ। ସେଥି ମଧ୍ୟରୁ ପ୍ରଥମ ସ୍ଥାନ ହାସଲ କରିଥିବା ୭ ଜଣିଆ ଛାତ୍ରଛାତ୍ରୀଙ୍କ ଏକ ଟିମ୍ ନିଜର ଫିନଟେକ୍ ପ୍ରକଳ୍ପକୁ ଟୋକିଓ ବୈଶ୍ୱିକ ବିତ ଫୋରମ୍ ରେ ପ୍ରଦର୍ଶିତ କରିବା ପାଇଁ ଚୟନିତ ହୋଇଥିଲେ। 'ବିତୀୟ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନବ ସୃଜନ ଓ ନୂତନ ଉଦ୍ୟମର ବିକାଶ ପାଇଁ ଫିନଟେକ୍ ଓ ଇନସ୍ୟୁରଟେକ୍ ସାର୍ଟିଫିକେଟ ପ୍ରୋଗ୍ରାମ ସହାୟକ ହୋଇପାରିଛି ଏବଂ ଓଡ଼ିଶା ସରକାରଙ୍କ ଏହି ପ୍ରୟାସ ପାଇଁ ଅନ୍ତର୍ଜାତୀୟ ଫୋରମ୍ ରେ ଆମ ପ୍ରକଳ୍ପକୁ ପ୍ରଦର୍ଶିତ କରିବା ପାଇଁ ଆମକୁ ସୁଯୋଗ ମିଳିପାରିଛି ' ବୋଲି ଛାତ୍ରଛାତ୍ରୀମାନେ ମତପ୍ରକାଶ କରିଛନ୍ତି।



# ଆଇବିସିଏସ୍ ପକ୍ଷରୁ ଜାତୀୟ ସମ୍ମିଳନୀ 'ସଷ୍ଟେନହେଲ୍‌ଥ'

**ଭୁବନେଶ୍ୱର, ୧୩।୩ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ (ଆଇବିସିଏସ), ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ ଏବଂ କନ୍‌ସୋରଟିୟମ୍ ଅଫ୍ ଆକ୍ରେଡିଟେଡ ହେଲ୍‌ଥ କେୟାର ଅର୍ଗାନାଇଜେସନ୍‌ସ(କାହୋ)ର ମିଳିତ ଆନୁକୂଲ୍ୟରେ ସୋଆ କ୍ୟାମ୍ପସ-୨ ପରିସରରେ ଦୁଇ ଦିନ ଧରି ଜାତୀୟ ସ୍ତରର "ସଷ୍ଟେନ୍‌ହେଲ୍‌ଥ - ୨୦୨୬" ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସିର ଡାଇରେକ୍ଟର ଜେନେରାଲ ଶ୍ରୀ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ 'ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସ୍ଥିରତା ଏବଂ ନୂତନ ଉଦ୍‌ଭାବନ'ର ପ୍ରସଙ୍ଗକୁ ନେଇ ଏହି କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ନିମନ୍ତେ କୃତ୍ରିମ ବୁଦ୍ଧିମତାର ବ୍ୟବହାର, ଡିଜିଟାଲ୍ ପରିବର୍ତ୍ତନ ଏବଂ ନୂତନ ଉଦ୍‌ଭାବନକୁ ନେଇ ରୋଗୀମାନଙ୍କୁ କିପରି ଉନ୍ନତମାନର ଚିକିତ୍ସା ଯୋଗାଇ ଦିଆଯାଇପାରିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଜଟିଳ ସମସ୍ୟା ଦେଖାଦେଲେ ତାହା ଆର୍ଥିକ କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରିଥାଏ। ଭବିଷ୍ୟତର ଯୁବପିଢ଼ିଙ୍କୁ ଚିକିତ୍ସା କ୍ଷେତ୍ରରେ ସଷ୍ଟେନ୍‌ହେଲ୍‌ଥ କେୟାରକୁ କିପରି ବଜାୟ ରଖିବା ସହିତ ଉଦ୍‌ଭାବନ ଓ ଡିଜିଟାଲ୍ ପରିବର୍ତ୍ତନ ବିକାଶର ଆବଶ୍ୟକତା ରହିଛି ବୋଲି ସେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ୟୁନିସେଫ୍‌ର ହେଲ୍‌ଥ ସ୍ପେଶିଆଲିଷ୍ଟ ଡକ୍ଟର ମୀନା ସୋମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱାସ୍ଥ୍ୟସେବାରେ ରୋଗୀର ଚିକିତ୍ସା କରିବା ସହିତ ଯତ୍ନ ନେବା ଓ ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ରୋଗୀ ସେବା ନିମନ୍ତେ ହେଲ୍‌ଥ କେୟାର, ଇନୋଭେସନ, ଫ୍ରେଣ୍ଡଲି କେୟାରିଂ ଉପରେ ଦୃଷ୍ଟି ଦେବା ଜରୁରୀ । ବର୍ତ୍ତମାନ ସମୟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଡିଜିଟାଲ୍ ଚିକିତ୍ସା ଏବଂ କୃତ୍ରିମ ବୁଦ୍ଧିମତାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରି କ୍ୱାଲିଟି ହେଲ୍‌ଥ କେୟାରରେ ସ୍ଥିରତା, ନୂତନତା ଓ କୃତ୍ରିମ ବୁଦ୍ଧିମତାକୁ ପ୍ରୟୋଗ କରି ସ୍ୱାସ୍ଥ୍ୟସେବା ସାଧାରଣ ଲୋକଙ୍କ ପାଖରେ କିପରି ପହଂଚା ଯାଇପାରିବ ଓ ଉନ୍ନତମାନର ଚିକିତ୍ସା ପ୍ରଦାନ କରାଯାଇପାରିବ ତାହା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଏଭଳି ସମ୍ମିଳନୀ ଦ୍ୱାରା ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ଛାତ୍ରଛାତ୍ରୀ, ରିସର୍ଚ୍ଚ ସ୍କଲାର ଓ ହସ୍ପିଟାଲ୍‌ର ସମସ୍ତ କର୍ମଚାରୀମାନେ ବିଶେଷ ଭାବରେ ଉପକୃତ ହେବା ସହିତ ରୋଗୀର ମାନସିକ, ଶାରୀରିକ ଓ ସାମାଜିକ ସ୍ୱାସ୍ଥ୍ୟର ସମତୁଲ ତଥା ଉନ୍ନତ ଚିକିତ୍ସା ପ୍ରଦାନ କରିପାରିବେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଆଇଏମଏସ ଆଣ୍ଡ ସମ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ତଥା ସମ୍ମିଳନୀର ମୁଖ୍ୟ ପରାମର୍ଶଦାତା ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର, କାହୋର ଚେୟାର ସଷ୍ଟେନେବଲ୍ ଫୋରମ୍ ତଥା ପ୍ରୋଗ୍ରାମ ପରାମର୍ଶଦାତା ଡାକ୍ତର କରନ୍ ଠାକୁର ଓ ଇଞ୍ଜିନିୟର୍ସ ଫୋରମର ଶ୍ରୀ ବିନୋଦ କୁମାର କେବି ଓ ଆଇବିସିଏସ୍‌ର ଡିନ୍ ତଥା ପ୍ରୋଗ୍ରାମ ନିର୍ଦ୍ଦେଶକ ପ୍ରଫେସର ଅୟସ କାନ୍ତ ମହାନ୍ତି ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର କ୍ୱାଲିଟି ବିଭାଗର ମୁଖ୍ୟ ତଥା ଆଇବିସିଏସ୍‌ର ହସ୍ପିଟାଲ୍ ଆଡ୍‌ମିନିଷ୍ଟ୍ରେସନ୍ ବିଭାଗର ପ୍ରଫେସର ଓ ପ୍ରୋଗ୍ରାମ କୋଅର୍ଡିନେଟର ଡକ୍ଟର ଅରୋଲିପି ଦାସ ସ୍ୱାଗତ ଭାଷଣ ପ୍ରଦାନ କରି ଏହି କାର୍ଯ୍ୟକ୍ରମର ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିବା ବେଳେ ଶେଷରେ ପ୍ରୋଗ୍ରାମ କୋଅର୍ଡିନେଟର ଶ୍ରୀମତି ପ୍ରସନ୍ନା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




# ୩୪,୧୦୧ଟି ଆକାଉଂଟ ଯାଂଚ, ୩୩୬ ଗିରଫ

**ଭୁବନେଶ୍ୱର, ୧୩।୩ (ମହାଭାରତ):** ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ 'ଅପରେସନ ସାଇବର କବଚ' ସମଗ୍ର ରାଜ୍ୟରେ ଜାରି ରହିଛି। ଏପର୍ଯ୍ୟନ୍ତ 'ଅପରେସନ ସାଇବର କବଚ' ଅନ୍ତର୍ଗତ ସମଗ୍ର ରାଜ୍ୟରେ ମୋଟ ୩୪,୧୦୧ଟି ମ୍ୟୁଲ୍/ ବେନାମୀ ବ୍ୟାଙ୍କ ଆକାଉଂଟ ଯାଂଚ କରାଯାଇଛି। ଏହାସହ ମ୍ୟୁଲ୍ ବ୍ୟାଙ୍କ ସମ୍ପର୍କିତ ୧୧୧୧ଟି ସାଇବର ମାମଲା, ଏଟିଏମ୍ ମାଧ୍ୟମରେ ଟଙ୍କା ଉଠାଣ ସମ୍ପର୍କିତ ୩୪ଟି ମାମଲା, ଚେକ୍ ମାଧ୍ୟମରେ ଟଙ୍କା ଉଠାଣ ସମ୍ପର୍କିତ ୩୬ଟି ମାମଲା ଏବଂ ନକଲି ସିମ୍/ ପିଓଏସ୍ ସମ୍ପର୍କିତ ୨୩ଟି ମାମଲା ରୁଜୁ ହୋଇଛି। ଏପର୍ଯ୍ୟନ୍ତ ୩୩୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୧୮୬ଟି ପୁରୁଣା ଏଫ୍.ଆଇ.ଆର୍ ସହ ସଂପୃକ୍ତ ୬୮୯୩ଜଣ ସନ୍ଦିଗ୍ଧ ଆକାଉଂଟଧାରୀ/ ସହାୟକଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି। ଏହି ଅଭିଯାନରେ ବଲାଙ୍ଗିର ଜିଲ୍ଲା ପୋଲିସ ୨୪୯ଟି ବେନାମୀ ଆକାଉଂଟ ଯାଂଚ କରି ୨ଟି ମାମଲା ରୁଜୁ କରି ୨୭ଜଣଙ୍କୁ ନୋଟିସ୍ ଜାରି କରିଛି। କେନ୍ଦୁଝର ଜିଲ୍ଲା ପୋଲିସ ୬ଟି ଆକାଉଂଟ ଯାଂଚ କରି ୬ଟି ମାମଲା ରୁଜୁ କରି ୨ଜଣଙ୍କୁ ଗିରଫ ଏବଂ ୪ ଜଣଙ୍କୁ ନୋଟିସ୍ ଜାରି କରିଛି। ରାଉରକେଲା ଜିଲ୍ଲା ପୋଲିସ ୨୫ଟି ବେନାମୀ ଆକାଉଂଟ ଯାଂଚ କରି ୭ଟି ମାମଲା ରୁଜୁ କରି ୪ଜଣଙ୍କୁ ନୋଟିସ୍ ଜାରି କରିଛି । ସେହିପରି କଟକ ଜିଲ୍ଲା ପୋଲିସ ୯ଟି ବେନାମୀ ଆକାଉଂଟ, ନୟାଗଡ଼ ଜିଲ୍ଲା ପୋଲିସ ୨୭୩ଟି ବେନାମୀ ଆକାଉଂଟ ଯାଂଚ କରି ୩୦ଜଣଙ୍କୁ ନୋଟିସ, ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ୬୦ଟି, ଭଦ୍ରକ ଜିଲ୍ଲା ପୋଲିସ ୫୨ଟି ଏବଂ ମୟୂରଭଞ୍ଜ ଜିଲ୍ଲା ପୋଲିସ ୩ଟି ଆକାଉଂଟ ଯାଂଚ କରି ୩ଜଣଙ୍କୁ ନୋଟିସ୍ ଜାରି କରିଛନ୍ତି। ଭୁବନେଶ୍ୱର (ୟୁପିଡି) ୧୭୭ଟି ଏବଂ କଟକ (ୟୁପିଡି) ୧୦ଟି ବେନାମୀ ଆକାଉଂଟ ଯାଂଚ କରି ୮ଜଣଙ୍କୁ ନୋଟିସ୍ ଜାରି କରିଛନ୍ତି। ବ୍ରହ୍ମପୁର ଜିଲ୍ଲା ପୋଲିସ ୧ଟି ପୁରୁଣା ଏଫ୍.ଆଇ.ଆର୍ ସହ ସଂପୃକ୍ତ ୮ଜଣଙ୍କୁ ନୋଟିସ୍ ଜାରି କରିଛି। ବୌଦ୍ଧ ଜିଲ୍ଲା ପୋଲିସ ୧୦ଟି ଆକାଉଂଟ ଯାଂଚ କରି ୧୦ଜଣଙ୍କୁ ନୋଟିସ୍ ଜାରି କରିଛି। ସେହିପରି ଗଜପତି ଜିଲ୍ଲା ପୋଲିସ ୧୯ଟି, ଗଞ୍ଜାମ ଜିଲ୍ଲା ପୋଲିସ ୬୮ଟି, କନ୍ଧମାଳ ଜିଲ୍ଲା ପୋଲିସ ୧ଟି ଆକାଉଂଟ ଯାଂଚ କରି ୧ଜଣଙ୍କୁ ନୋଟିସ ଜାରି କରିଛି।

# ଓଡିଶା ଯାତ୍ରୀ ଆପର ପ୍ରଚାର ପାଇଁ ଖର୍ଚ୍ଚ ହେଲାଣି ୧କୋଟି ୬୫ଲକ୍ଷରୁ ଅଧିକ

**ଭୁବନେଶ୍ୱର,୧୩।୩ (ମହାଭାରତ):** ଓଡିଶା ଯାତ୍ରୀ ଆପର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ୧କୋଟି ୬୫ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ଖର୍ଚ୍ଚ କଲେଣି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତରରେ ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣ ଚନ୍ଦ୍ର ମହାପାତ୍ର ।

ମନ୍ତ୍ରୀ କହିଛନ୍ତି ଯେ ଓଡିଶା ଯାତ୍ରୀ ଗତବର୍ଷ ଜାନୁଆରୀ ୪ ତାରିଖରେ ରାଜଧାନୀରେ ଶୁଭାରମ୍ଭ ହୋଇଥିଲା । ବର୍ତମାନ ଏହା ଭୁବନେଶ୍ୱର, କଟକ ଓ ପୁରୀ ଅଂଚଳରେ କାର୍ଯ୍ୟ କରୁଛି । କୁଟ ଦ୍ୱାରା ଏହି ସଂସ୍ଥାର ପରିଚାଳନା ମୁଭିଂ ଟେକ ଇନୋଭେସନ୍ସ ପ୍ରାଇଭେଟ ଲିମିଟେଡ ନାମକ ସଂସ୍ଥାଦ୍ୱାରା କରାଯାଉଛି । ଓଡିଶା ଯାତ୍ରୀ ଆପ ଦ୍ୱାରା ଯାତ୍ରୀମାନଙ୍କ ପାଇଁ ସୁଲଭ, ନିରାପଦ ଏବଂ ଦକ୍ଷ ପରିବହନ ପ୍ରଦାନ କରିବା ସହିତ ଡ୍ରାଇଭରମାନଙ୍କୁ ସେମାନଙ୍କ ରୋଜଗାରର ଶତ ପ୍ରତିଶତ ଦେଇ ସଶକ୍ତ କରିଥାଏ । ଓଡିଶା ଯାତ୍ରୀ ଆପ ଶୁଭାରମ୍ଭ ପରଠାରୁ ଏପର୍ଯ୍ୟନ୍ତ ୬.୬୪ ଲକ୍ଷ ଟ୍ରିପରେ ୧୦କୋଟି ୪୦ଲକ୍ଷ ଟଙ୍କାର ବ୍ୟବସାୟ ଚାଳକଙ୍କ ଦ୍ୱାରା କରାଯାଇଛି ଏବଂ ଏଥିରୁ କୁଟକୁ ୪କୋଟି ୬ଲକ୍ଷ ଟଙ୍କା ମିଳିଛି । ମନ୍ତ୍ରୀ କହିଛନ୍ତି ଯେ ଓଡିଶା ସରକାରଙ୍କ ଦ୍ୱାରା ଏହି ସେବା ଲୋକଲୋଚନକୁ ଆଣିବା ତଥା ଏହାର ସମ୍ପୂର୍ଣ୍ଣ ଲାଭ ଲୋକମାନଙ୍କୁ ଯୋଗାଇବାପାଇଁ ଓଡିଶା ସରକାରଙ୍କ ଦ୍ୱାରା ପ୍ରଚାର ପ୍ରସାର ପାଇଁ ମୋଟ ୧,୬୫,୨୨,୭୦୨ ଟଙ୍କା ଖର୍ଚ୍ଚ କରିଛନ୍ତି । ଏଥି ମଧ୍ୟରେ ଡିଜିଟାଲ ମାର୍କେଟିଙ୍ଗ ପାଇଁ ସର୍ବାଧିକ ପ୍ରାୟ ୧କୋଟି ୪୦ଲକ୍ଷ ଟଙ୍କା ବ୍ୟୟ ହୋଇଥିବାବେଳେ କିଓସ୍କ ନିର୍ମାଣ ପାଇଁ ୧୫ଲକ୍ଷ ୮୧ହଜାର, ଭିଡିଓ ବିଜ୍ଞାପନ ପାଇଁ ୬ଲକ୍ଷ ୬୬ ହଜାର ଓ ବ୍ରାଣ୍ଡ ପ୍ରମୋସନ ପାଇଁ ୩ଲକ୍ଷ ୧୩ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

# ନବନିଯୁକ୍ତ ସହକାରୀ ଶ୍ରମ ଅଧିକାରୀଙ୍କ ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୩।୩ (ମହାଭାରତ):** ଗୋପବନ୍ଧୁ ପ୍ରଶାସନ ଏକାଡେମୀ ପରିସରରେ ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବିମା ବିଭାଗ ଅଧୀନରେ ନବନିଯୁକ୍ତ ହୋଇଥିବା ସହକାରୀ ଶ୍ରମ ଅଧିକାରୀମାନଙ୍କ (ଓସିଏସ୍ ୨୦୨୩ ବ୍ୟାଚ୍) ପାଇଁ ଏକ ତିନି ମାସିଆ ସ୍ୱତନ୍ତ୍ର ତାଲିମ୍ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଂଟିଆ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ନିଜ ଅଭିଭାଷଣରେ ନବନିଯୁକ୍ତ ଅଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ପ୍ରତିଷ୍ଠିତ ଅନୁଷ୍ଠାନରୁ ଉପଯୁକ୍ତ ତାଲିମ୍ ଗ୍ରହଣ କରି ଆଗାମୀ ଦିନରେ ନିଷ୍ଠା ଓ ସମର୍ପଣର ସହ ଜନସାଧାରଣଙ୍କ ସେବା କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋପବନ୍ଧୁ ପ୍ରଶାସନ ଏକାଡେମୀର ମହାନିର୍ଦ୍ଦେଶକ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଚିତ୍ରା ଆରୁମୁଗମ୍ ଯୋଗ ଦେଇ ଅଧିକାରୀମାନଙ୍କୁ ସମ୍ବୋଧିତ କରିଥିଲେ। ସେ କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଓ ସାଧୁତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିବା ସହ ନିଜର ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ଉପଦେଶ ଦେଇଥିଲେ। ପୂର୍ବରୁ ଅନୁଷ୍ଠାନର ଉପ-ମହାନିର୍ଦ୍ଦେଶକ ମୋନାଲିସା ଲେଙ୍କା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ରୂପରେଖ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିବା ବେଳେ ଶେଷରେ ଶ୍ରମ ଆୟୁକ୍ତ ଇନ୍ଦ୍ରମଣୀ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସମାରୋହରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ନାଏକ, ଅତିରିକ୍ତ ଶାସନ ସଚିବ ରାଜେଶ ଅଗ୍ରୱାଲ ଏବଂ ଅତିରିକ୍ତ ଶ୍ରମ କମିଶନର ମଦନ ମୋହନ ପାଇକଙ୍କ ସମେତ ବିଭାଗର ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ନବନିଯୁକ୍ତ ଅଧିକାରୀମାନଙ୍କୁ ଉତ୍ସାହିତ କରିଥିଲେ।



# ଶାସନ କ୍ଷମତା କନ୍ଦଳ

କର୍ଣ୍ଣାଟକରେ ଜେଡିଏସର ପ୍ରଭାବ ଦିନକୁ ଦିନ ହ୍ରାସ ପାଉଥିବା ବେଳେ ବିଜେପି ଓ କଂଗ୍ରେସ ପାଳି କରି ରାଜ୍ୟରେ ଶାସନ କ୍ଷମତା ଦଖଲ କରିଆସୁଛନ୍ତି। ଗତ ବିଧାନସଭା ନିର୍ବାଚନରେ କଂଗ୍ରେସ ବିପୁଳ ବିଜୟ ହାସଲ କରି କ୍ଷମତାସୀନ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦରାମେୟା ଦ୍ୱିତୀୟ ଥର ଲାଗି ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ଏହି ପଦ ନିମନ୍ତେ ଅନ୍ୟ ଜଣେ ଦାବିଦାର ଥିଲେ । ସେ ହେଲେ ତତ୍କାଳୀନ ପିସିସି ସଭାପତି ଡି କେ ଶିବକୁମାର। ସେ ମୁଖ୍ୟମନ୍ତ୍ରୀ ହେବାକୁ ହକଦାର ଥିଲେ। କିନ୍ତୁ କଂଗ୍ରେସ ହାଇକମାଣ୍ଡ ବରିଷ୍ଠତା ଦୃଷ୍ଟିରୁ ସିଦ୍ଦରାମେୟାଙ୍କୁ ଏହି ପଦ ଲାଗି ବାଛିଲେ। ଶିବକୁମାର ହେଲେ ଉପ-ମୁଖ୍ୟମନ୍ତ୍ରୀ। ସେତେବେଳେ ବୁଝାମଣା ହୋଇଥିଲା ଯେ, ଉଭୟ ଶିବକୁମାର ଏବଂ ସିଦ୍ଦରାମେୟା ୫ ବର୍ଷିଆ କାର୍ଯ୍ୟକାଳ ମଧ୍ୟରେ ପାଳିକରି ଅଢ଼େଇ ବର୍ଷ ହେବ ମୁଖ୍ୟମନ୍ତ୍ରୀ ରହିବେ। ଅବଶ୍ୟ ଦଳ ପକ୍ଷରୁ ସେଭଳି କିଛି ଘୋଷଣା ହୋଇନଥିଲା। କିନ୍ତୁ ଏହା ଥିଲା ଅଘୋଷିତ ବୁଝାମଣା। ଇତିମଧ୍ୟରେ ସିଦ୍ଦରାମେୟାଙ୍କ ଅଢ଼ଇ ବର୍ଷର ଶାସନ କାଳ ସରିଗଲାଣି। ବୁଝାମଣା ଅନୁଯାୟୀ ସେ ମୁଖ୍ୟମନ୍ତ୍ରୀ ପଦ ଶିବକୁମାରଙ୍କୁ ଛାଡ଼ିଦେବା ଉଚିତ। କିନ୍ତୁ ସେ ଏବେ ଏଥିଲାଗି ନାରାଜ। ଏଥିରେ ଶିବକୁମାର ଅସନ୍ତୁଷ୍ଟ ହୋଇ ଏକପ୍ରକାର ବିଦ୍ରୋହ ଘୋଷଣା କରିଛନ୍ତି। ନିକଟରେ ସେ ପିସିସି ସଭାପତି ପଦ ଛାଡ଼ିବାକୁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି। ସେ ଦାବି କରିଛନ୍ତି ଯେ, ତାଙ୍କ ପଛରେ ରାଜ୍ୟର ସଂଖ୍ୟାଧିକ କଂଗ୍ରେସ ବିଧାୟକଙ୍କଡ଼୍କ ସମର୍ଥନ ରହିଛି। ଅନ୍ୟ ପକ୍ଷରେ ସିଦ୍ଦରାମେୟା ମଧ୍ୟ ଛାଡ଼ିବା ଜନ୍ତୁ ନୁହଁନ୍ତି। ସେ କହିଛନ୍ତି ଯେ, ଯେ ପର୍ଯ;ୟନ୍ତ କଂଗ୍ରେସ ହାଇକମାଣ୍ଡ ନକହିଛନ୍ତି , ସେ ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବେ ନାହିଁ। ଯେଉଁ ଦିନ ରାହୁଲ ଓ ସୋନିଆ ତାଙ୍କୁ କହିବେ ସେହିଦିନ ସେ ତାଙ୍କ ପଦ ଛାଡ଼ିଦେବେ। ତାଙ୍କ ପଛରେ ମଧ୍ୟ ଦଳର ସଂଖ୍ୟାଧିକ ବିଧାୟକ ଅଛନ୍ତି ବୋଲି ସେ ଦାବି କରିଛନ୍ତି। ଏହାକୁ ନେଇ ରାଜ୍ୟ କଂଗ୍ରେସରେ ଏକପ୍ରକାର ଅସ୍ଥିରତା ଏବଂ ଅନିଶ୍ଚିତତା ସୃଷ୍ଟି ହୋଇଛି। କଂଗ୍ରେସ ବିଧାୟକ ଦଳ ଏବେ ଦୁଇଫାଳ। ପରିସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି। ସମସ୍ୟାର ସମାଧାନ ଲାଗି ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ଉଭୟ ସିଦ୍ଦରାମେୟା ଏବଂ ଶିବକୁମାରଙ୍କୁ ଦିଲ୍ଲୀ ଡାକିଛନ୍ତି। ଉଭୟଙ୍କ ସହ ଆଲୋଚନା ପରେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଦଳର ଅନ୍ୟତମ ବରିଷ୍ଠ ନେତା ଇକବାଲ ହୁସେନ ଖାନ କହିଛନ୍ତି ଯେ, ଶିବକୁମାର ମୁଖ୍ୟମନ୍ତ୍ରୀ ହେବା ୨୦୦ ପ୍ରତିଶତ ନିଶ୍ଚିତ। ଆସନ୍ତା ନିର୍ବାଚନରେ କଂଗ୍ରେସ କର୍ଣ୍ଣାଟକରେ ଶିବକୁମାରଙ୍କ ନେତୃତ୍ୱରେ ଲଢ଼ିବ ବୋଲି ସେ କହିଛନ୍ତି। କିନ୍ତୁ କଥାଟା ଏତେ ସହଜ ଏବଂ ସରଳ ବୋଲି କୁହାଯାଇପାରିବ ନାହିଁ। କଂଗ୍ରେସ ହାଇକମାଣ୍ଡଙ୍କ ନୀତି ଯାହା ରାଜ୍ୟରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ହେବ ନାହିଁ। ଅତୀତରେ ରାଜସ୍ଥାନରେ ଅଶୋକ ଗେହଲଟ ଏବଂ ସଚିନ ପାଇଲଟଙ୍କ ମଧ୍ୟରେ ଏଭଳି ବିବାଦ ସୃଷ୍ଟି ହୋଇଥିଲା। କିନ୍ତୁ ଶେଷ ପର୍ଯ୍ୟନ୍ତ ଗେହଲଟ ହିଁ ମୁଖ୍ୟମନ୍ତ୍ରୀ ପଦରେ ରହିଲେ। ସଚିନ ପାଇଲଟଙ୍କୁ ରାଜସ୍ଥାନରେ କଂଗ୍ରେସର ନେତୃତ୍ୱ ନେବାକୁ ଆହୁରି ଅନେକ ଦିନ ଅପେକ୍ଷା କରିବାକୁ ପଡ଼ିବ। ଗେହଲଟ ଓ ସଚିନଙ୍କ ମଧ୍ୟରେ ବିବାଦ ଯୋଗୁ ରାଜସ୍ଥାନରେ କଂଗ୍ରେସ ପରାଜିତ ହେଲା ଏବଂ ଦଳ କ୍ଷମତାଚ୍ୟୁତ ହେଲା। କର୍ଣାଟକରେ ଏହାର ପୁନରାବୃତ୍ତି ହେବନି ବୋଲି କୁହାଯାଇପାରିବନି। କର୍ଣ୍ଣାଟକ କଂଗ୍ରେସ ପାଇଁ ଏକ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଏବଂ ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ। ଏହି ରାଜ୍ୟକୁ ହାତଛଡ଼ା କରିବା କଂଗ୍ରେସ ପାଇଁ ମହଙ୍ଗା ପଡ଼ିବ।

# ଷଡ଼ରପୁ

## ।। ଇଂ.ସଚ୍ଚିଦାନନ୍ଦ ନନ୍ଦ ।।

> ଲୋଭ - ଏହା ଭଦ୍ର ଲୋକକୁ ଚୋର କରିଦିଏ, ସନ୍ୟାସୀକୁ ସତ୍ୟାନାଶୀ କରିଦିଏ। ଲୋଭାସକ୍ତ ଲୋକ କାମାସକ୍ତ ବି ହୋଇଯାଇପାରେ। ସେ ଏଠାରେ ଲୋଭ ସହ କାମ ରୂପକ ଶତ୍ରୁ କବଳରେ ପଡ଼ି ଦ୍ୱିଗୁଣିତ କ୍ଷତି ସମ୍ମୁଖୀନ ହୁଏ। ଲୋଭୀ ଲୋକର ଭାବନାଧାରା ଏତେ ଅପବିତ୍ର ଥାଏ ଯେ ପରିଶେଷରେ ସେ ପାପୀରେ ପରିଣତ ହୋଇଯାଏ। କୌଣସି କାମ ନକରି ନିଜକୁ ନଷ୍ଟ କରିଦିଏ। ଦୁର୍ଯ୍ୟୋଧନର ରାଜ୍ୟ ଲୋଭର ପରିଣତି ସମସ୍ତେ ଜାଣନ୍ତି, କଂସର ଜୀବନ ପ୍ରତି ଥିବା ଲୋଭରା ପରିଣତି ଯାହା ହେଲା, ରାବଣର ନାରୀ ଲୋଭ ଫଳରେ ଯାହା ଘଟିଲା ସେଥିରୁ ଆମେ ଶିକ୍ଷା ଲାଭ କରିବା ଉଚିତ।

ସଂସାରରେ ଯାହାସବୁ ଘଟି ଯାଉଛି ସେଥିରେ ବ୍ୟତିବ୍ୟସ୍ତ ହେବାର କିଛି ନାହିଁ କାରଣ ସବୁ ପରା ଆମ ଭଗବାନଙ୍କ ଦ୍ୱାରା ଘଟୁଛି। ଆମେ ଆମ ଠାରେ ଥିବା ଷଡ଼ରପୁଙ୍କ ଦ୍ୱାରା ଅନେକ ସମୟରେ ଆକ୍ରାନତ ହେଉ, ଭୁଲ ହୋଇଯାଏ, ସେଥିପାଇଁ ଅନୁତାପ କରୁ, ଆହୁରି ନାନା ସମସ୍ୟା ସୃଷ୍ଟି ହୋଇଯାଏ, ସେଥିରୁ ତାହାର ପାର୍ଶ୍ୱ ପ୍ରତିକ୍ରିୟା ଆରମ୍ଭ ହୋଇଯାଏ ଏବଂ ଆମ୍ଭେମାନେ ହନ୍ତସନ୍ତ ହୋଇ ନାନା ଦୁଶ୍ଚିନ୍ତା ଏବଂ ଆଶଙ୍କାର ଶୀକାର ହୋଇପଡୁ। ସେ ସବୁଥିରୁ ନିଜକୁ ଉଦ୍ଧାର କରିବାର ଉପାୟ ଖୋଜିବସୁ। ଏଥିରେ କୃତକାର୍ଯ୍ୟ ହେବାର ଉପାୟ ମିଳେ କେବଳ ଏହି ଷଡ଼ରପୁଙ୍କ ସମୁଚିତ ବ୍ୟବହାର ଓ ପ୍ରୟୋଗ ଫଳରେ, ବୁଦ୍ଧି ବଳରେ। କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟଙ୍କୁ ରପୁ କୁହାଯାଇଛି। ସେଥିରୁ ଜଣାଯାଉଛି ଏଗୁଡ଼ିକ ଗୋଟିଏ ଗୋଟିଏ ଶତ୍ରୁ, ପୁଣି ଆମ ଭିତରେ ଥିବା ଶତ୍ରୁ। ବାହାରେ ଥିବା ଶତ୍ରୁଙ୍କୁ ହରାଇବା ବରଂ ସହଜ। ଭିତରେ ଥିବା ଶତ୍ରୁ, ଯିଏ ଆମ ସହ ଖାଇପିଇ ବଢୁଛି, ଉପରେ ଆମକୁ ଭଲ ଲାଗିଲା ଭଳି ଦେଖାଉଛି କିନ୍ତୁ ଭିତରେ ଥାଇ ଏଭଳି କର୍ମରେ ଆମକୁ ଲଗାଇ ଦେଉଛି, ତାହାର ପରିଣାମ ଦେଖିଲାବେଳକୁ ନିଜକୁ ଅପମାନ ଲାଗୁଛି, ନିଜ ରୂପ ମଧ୍ୟ ଅସୁନ୍ଦର ହୋଇଯାଉଛି। ସମାଜରେ ଆମ ପ୍ରତିଷ୍ଠା ମଧ୍ୟ ନଷ୍ଟ ହୋଇଯାଉଛି। ଆମ ବ୍ୟକ୍ତିତ୍ୱ ମଧ୍ୟ ଲୁଣ୍ଠିତ ହୋଇଯାଉଛି। ଆମକୁ ବେଶୀ ଖରାପ ଲାଗେ ଏଥିପାଇଁ ଆମେ ଆମ ନିଜ ଗୁଣ ଦ୍ୱାରା ଏହି ପରିଣାମ ଅର୍ଜନ କରିଛୁ, ଆଉ କେହି ଏଥିପାଇଁ ଦାୟୀ ନୁହନ୍ତି। କାହାକୁ କିଛି କହି ହୁଏନାହିଁ। କେବଳ ଅନୁତାପାନଳରେ ଦଗ୍ଧିଭୂତ ହେବା ହିଁ ସାର ହୁଏ। କେବଳ କଠୋର, ନିୟମିତ ଏବଂ ମୁକ୍ତି ପାଇବା ପାଇଁ ବ୍ୟାକୁଳିତ ସାଧନା ମାଧ୍ୟମରେ ସୁଫଳ ମିଳିପାରେ।

କାମ - ଏହା ଏକ ସର୍ବନାଶୀ ରପୁ; କିନ୍ତୁ ଏହାର ପ୍ରୟୋଗ ଖୁବ ଆନନ୍ଦ ଦିଏ ବୋଲି ଅଧିକରୁ ଅଧିକ ବ୍ୟବହୃତ ହୁଏ। ପରିଣାମସ୍ୱରୂପ ମଣିଷ ନାନା ଦୁର୍ନାମ, କୁଖ୍ୟାତି, ସାମାଜିକ ଅପବାଦ ତଥା ଅପରାଧରେ ବୁଡ଼ିଯାଏ। ମଣିଷ ଏହା ଫଳରେ ଏକ ପ୍ରକାର ଅନ୍ଧ ହୋଇଯାଏ। ନିଜର ବଂଶ, ପରମ୍ପରା, ଜାତି, ଗୋତ୍ର, ପ୍ରତିଷ୍ଠାକୁ ଭୁଲି ପୂର୍ବଜମାନେ ଅର୍ଜିଥିବା ସାମାଜିକ ପ୍ରତିଷ୍ଠାକୁ ମୁହୂର୍ତ୍ତକରେ ନଷ୍ଟ କରି ବସୁ। ଏହାଦ୍ୱାରା କେବଳ ସାମାଜିକ କ୍ଷତି ସହିବାକୁ ପଡ଼େ ତାହା ନୁହେଁ, ବ୍ୟକ୍ତିଗତ କ୍ଷତି ଏପରିକି ଆଧ୍ୟାତ୍ମିକ କ୍ଷତି ମଧ୍ୟ ସହ୍ୟ କରିବାକୁ ହୋଇଥାଏ, ଯେଉଁ କ୍ଷତି ପୂରଣ କରିବାକୁ ବର୍ଷ ବର୍ଷ ନୁହେଁ ଜନ୍ମ ଜନ୍ମ ଲାଗି ଯାଇପାରେ।

କ୍ରୋଧ - ଏହାର ପରିଚୟ ମିଳିବା ପୂର୍ବରୁ ସେ ବହୁତ କିଛି କ୍ଷତି ଘଟାଇ ଦେଇଥାଏ। ଏହାର କାରଣ ଏହାକୁ ପ୍ରୟୋଗ କଲାବେଳେ ନିଜକୁ ବହୁତ ଭଲ ଲାଗେ। ବେଳେବେଳେ ଜିତାପଟ ମିଳିଥାଏ। ମଣିଷ ଭାବେ ତତ୍କ୍ଷଣାତ ବିଜୟ ହାସଲ କରିବା ପାଇଁ କ୍ରୋଧ ଗୋଟିଏ ଭଲ ଅସ୍ତ୍ର। ପରେ କିନ୍ତୁ ଉପଲବ୍ଧି ଆସେ ଯେ ସେ ବିଜୟ କ୍ଷଣିକର କଥା ଥିଲା, ତାହା ପ୍ରକୃତ ବିଜୟ ନୁହେଁ। ଶାନ୍ତିପ୍ରିୟ ଲୋକେ ବାକ୍ ଯୁଦ୍ଧରେ ଭାଗ ନ ନେଇ ଚୁପ୍ ହୋଇଯାଆନ୍ତି। ତାହା ତାଙ୍କର ପରାଜୟ ନୁହେଁ ବରଂ ବିଜ୍ଞତାର ପରିଚୟ। କଥା ମାଧ୍ୟମରେ କ୍ରୋଧ ତ ବନ୍ଧୁକର ଗୁଳି ସହ ସମାନ। କର୍ମ ମାଧ୍ୟମରେ କ୍ରୋଧ ଅଶେଷ କ୍ଷତି ଘଟାଇଥାଏ। ପରିଶେଷରେ ଦେଖିବାକୁ ମିଳେ ଯେ ନିଜର କ୍ଷତି ହିଁ ସବୁଠାରୁ ବେଶୀ ହୋଇଛି। କ୍ରୋଧ କର୍ମ ରୂପ ନେବା ପୂର୍ବରୁ ମାନସିକ ସ୍ତରରେ ଯେଉଁ ପାଞ୍ଜଣା ପାଞ୍ଚିବାରେ ଲାଗେ ତାହା ସର୍ବାଧିକ କ୍ଷତିକାରକ। ନିଜ ମସ୍ତିଷ୍କର ତଥା ବ୍ୟକ୍ତି ସତ୍ତାର ଘୋର ବିଧ୍ୱଂସକ। ସେଥିପାଇଁ କୁହାଯାଇଛି କ୍ରୋଧ ବ୍ରାହ୍ମଣକୁ ଚଣ୍ଡାଳରେ, ମାନବକୁ ଦାନବରେ, ରକ୍ଷକକୁ ଭକ୍ଷକରେ, ଭଦ୍ରକୁ ଅଭଦ୍ରରେ, ଶିଷ୍ଟାଚାରୀକୁ ଦୁରାଚାରୀରେ ପରିଣତ କରିଦିଏ। ଶେଷରେ ନିଜର ଅସରନ୍ତି କ୍ଷତି କରି ଚାଲିଯାଏ।

ଲୋଭ - ଏହା ଭଦ୍ର ଲୋକକୁ ଚୋର କରିଦିଏ, ସନ୍ୟାସୀକୁ ସତ୍ୟାନାଶୀ କରିଦିଏ। ଲୋଭାସକ୍ତ ଲୋକ କାମାସକ୍ତ ବି ହୋଇଯାଇପାରେ। ସେ ଏଠାରେ ଲୋଭ ସହ କାମ ରୂପକ ଶତ୍ରୁ କବଳରେ ପଡ଼ି ଦ୍ୱିଗୁଣିତ କ୍ଷତି ସମ୍ମୁଖୀନ ହୁଏ। ଲୋଭୀ ଲୋକର ଭାବନାଧାରା ଏତେ ଅପବିତ୍ର ଥାଏ ଯେ ପରିଶେଷରେ ସେ ପାପୀରେ ପରିଣତ ହୋଇଯାଏ। କୌଣସି କାମ ନକରି ନିଜକୁ ନଷ୍ଟ କରିଦିଏ। ଦୁର୍ଯ୍ୟୋଧନର ରାଜ୍ୟ ଲୋଭର ପରିଣତି ସମସ୍ତେ ଜାଣନ୍ତି, କଂସର ଜୀବନ ପ୍ରତି ଥିବା ଲୋଭରା ପରିଣତି ଯାହା ହେଲା, ରାବଣର ନାରୀ ଲୋଭ ଫଳରେ ଯାହା ଘଟିଲା ସେଥିରୁ ଆମେ ଶିକ୍ଷା ଲାଭ କରିବା ଉଚିତ। ଶ୍ରୀମଦ୍‌ଭାଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖରେ କୁହାଯାଇଛି, ଏହି କାମ, କ୍ରୋଧ ଓ ଲୋଭ ତିନିଟି ହେଉଛି ନର୍କରର ତିନିଟି ଦ୍ୱାର। ଏହା ସର୍ବାଦୌ ବର୍ଜନୀୟ। ଅନ୍ୟ ତିନିଟି ମଧ୍ୟ କିଛି କମ ନୁହନ୍ତି।

ମୋହ - ମୋହଗ୍ରସ୍ତ ଲୋକକୁ ଏକ ପାଗଳ କୁହାଯାଇପାରେ। କାରଣ ତା'ମୋହ ତାକୁ ସର୍ବଦା ଭୁଲ ବାଟକୁ ନେଇଯାଇଥାଏ। କ'ଣ ଠିକ୍, କ'ଣ ଭୁଲ, କେଉଁଟି କରଣୀୟ, କ'ଣ ଅକରଣୀୟ, କ'ଣ ଶ୍ରେୟ, କ'ଣ ପ୍ରେୟ ତାହା ସେ ଜାଣିପାରେନାହିଁ। ବିଚାରଣା ଶକ୍ତି ହରାଇ ବସେ। ପତ୍ନୀମୋହ, ଭୂମିମୋହ, ଧନ ମୋହ ପ୍ରଭୃତିରେ ପଡ଼ି ନକଲା କାମ କରି ସୁନାମ, ସୁଖ୍ୟାତି, ପ୍ରତିଷ୍ଠା ପ୍ରଭୃତିରେ ନିଜେ ନିଜ ହାତରେ ଅଗ୍ନି ସଂଯୋଗ କରିଦିଅନ୍ତି। ଶେଷରେ ମୋହଗ୍ରସ୍ତ ଲୋକର ବୁଦ୍ଧି ନାଶ ହୋଇଯାଏ। ବୁଦ୍ଧି ନାଶ ହୋଇଯିବା ଏକ ପ୍ରକାର ମୃତ୍ୟୁ ସହ ସମାନ।

ମଦ - ଅନ୍ୟ ଅର୍ଥରେ ଗର୍ବ, ଅହଂକାର, ଦମ୍ଭ ପ୍ରଦର୍ଶନ। ଏଗୁଡ଼ିକର ପରିଣାମ ଆମେ ଇଛା କଲାମାତ୍ରେ ଶହ ଶହ ସଂଖ୍ୟାରେ ଆମ ଆଗରେ ପ୍ରତିଭାତ ହୋଇଯିବ। ଭଗବାନ ସବୁ ସହନ୍ତି କିନ୍ତୁ ଗର୍ବ ସହିପାରନ୍ତି ନାହିଁ, ତାଙ୍କ ପାଖରେ କାହାରି ଅହଂକାର କାମ ଦିଏନାହିଁ। ଯେଉଁଥିରେ ଭଗବାନ ସନ୍ତୁଷ୍ଟ ନୁହନ୍ତି ସେ ଗୁଣ ଧାରଣ କରି ମଣିଷ କି ଆନନ୍ଦ, କି ଉପକାର ବା କି ଲାଭ ପାଇବ ? ଗର୍ବୀ ଲୋକ ନିଜ ସ୍ତ୍ରୀ ଓ ପିଲାଙ୍କ ପ୍ରିୟ ହୋଇପାରନ୍ତି ନାହିଁ, କର୍ମକ୍ଷେତ୍ରରେ ନିଜ ଉପରିସ୍ଥ କର୍ମଚାରୀ ତଥା ନିଜ ସହକର୍ମୀଙ୍କ ପ୍ରିୟ ହୋଇପାରନ୍ତିନାହିଁ, ବ୍ୟବସାୟ କ୍ଷେତ୍ରରେ ନିଜ ଗରାଖଙ୍କ ପ୍ରିୟ ମଧ୍ୟ ହୋଇପାରନ୍ତି ନାହିଁ। ନିଜ ବାସସ୍ଥାନରେ ପଡ଼ୋଶୀର ପ୍ରିୟ ମଧ୍ୟ ହୋଇପାରନ୍ତି ନାହିଁ। ସମସ୍ତଙ୍କର ଅପ୍ରିୟ ହୋଇ କି ଶାନ୍ତି, କି ସନ୍ତୋଷ ସେ ଲାଭ କରିପାରିବ ? ଭଗବାନଙ୍କ ପ୍ରିୟ ହେବା ସୁଦୂର ପରାହତ ହୋଇଯିବ ତା'ପକ୍ଷରେ। ଜୀବନ ବ୍ୟର୍ଥ ହୋଇଯିବ।

ମାତ୍ସର୍ଯ୍ୟ - ମଣିଷ ଯଦି ଅନ୍ୟ ସହ ନିଜକୁ ତୁଳନା କରିବସିବ ସେ ଦେଖିବ ସେ ନିଜେ କେତେକଙ୍କ ଠାରୁ ଉତ୍କୃଷ୍ଟ ଓ ଅନ୍ୟ କେତେକଙ୍କ ଠାରୁ ନିକୃଷ୍ଟ। ସେ ଯେଉଁଠାରେ ଉତ୍କୃଷ୍ଟ ସେଠାରେ ଅହଂକାର ବଢ଼ିବାର ବିପଦଅଛି, ଯେଉଁଠାରେ ନିକୃଷ୍ଟ ସେଠାରେ ଈର୍ଷା ଅସୂୟା ବଢ଼ିବାର ଭୟ ଅଛି। ଉଭୟ ଯାକ ବିପଦପୂର୍ଣ୍ଣ। ଏଥିରୁ ରକ୍ଷା ପାଇବାର ଉପାୟ ଭଗବାନ ବତାଇଛନ୍ତି। ନିଜକୁ ଅନ୍ୟ ମାନଙ୍କ ସହ ତୁଳନା କରିବ ନାହିଁ। ଆମ ସହ କେହି ଜନ୍ମ ହୋଇନାହାନ୍ତି, ଆମ ସେହ କେହି ମଧ୍ୟ ପରଲୋକକୁ ଯିବେନାହିଁ। ନିଜକୁ ନିଜ ସହ ତୁଳନା କଲେ ଉପକାର। ନିଜର ଅତୀତ ସହ ନିଜର ବର୍ତ୍ତମାନକୁ ତୁଳନା କଲେ ନିଜର ଉନ୍ନତି ଅବନ୍ନତି ଜାଣିହେବ ଏବଂ ପ୍ରଚେଷ୍ଟା ଓ ପ୍ରଯତ୍ନ ଫଳରେ ସନ୍ତୋଷଜନକ ଫଳ ମିଳିବ। ଜାଣିହେବ ଯେ ନିଜର କଷ୍ଟଲବ୍ଧ ଚେଷ୍ଟା ଓ ପ୍ରାର୍ଥନା ଫଳରେ ସବୁକିଛି ହାସଲ କରିହେବ। କିଛି ନକରି କେବଳ ଯା ତା'ପ୍ରତି ଈର୍ଷାପରାୟଣ ହେଲେ କିଛି ସୁଫଳ ମିଳିବାର ନାହିଁ ବରଂ କୁପରିଣାମ ନିଶ୍ଚିତ ଭାବେ ପ୍ରାପ୍ତ ହେବ।

ରପୁମାନଙ୍କର ଖରାପ ଦିଗ ସହ ତାଙ୍କୁ ସଠିକ୍ ଭାବେ ବ୍ୟବହାର କରିପାରିଲେ କିଛି ଭଲ ମଧ୍ୟ ମିଳିପାରିବ। ଯଥା କାମ ଭାବକୁ ଯଦି ଈଶ୍ୱରଙ୍କ ସହ ଯୋଡ଼ିଦିଆଯାଏ ସେ କେବଳ ଈଶ୍ୱରଙ୍କୁ କାମନା କରିବ। ଫଳ ସର୍ବୋତ୍ତମ, ଉଦାହରଣ ଶ୍ରୀରାମକୃଷ୍ଣ ପରମହଂସ, ସ୍ୱାମୀ ନିଗମାନନ୍ଦ ସରସ୍ୱତୀ। କ୍ରୋଧକୁ ବ୍ୟବହାର କରି କେତେକ ପ୍ରଭୁକୃପା ଲାଭ କରିଛନ୍ତି। ଯଥା ଶ୍ରୀବତ୍ସ ବ୍ରାହ୍ମଣ। ଈଶ୍ୱର ଉପଲବ୍ଧିରେ ମନୋନିବେଶ କଲାବେଳେ ଏଥିରେ ବାଧା ଦେଉଥିବା ଦର୍ଶନେନ୍ଦ୍ରିୟ ପ୍ରତି କ୍ରୋଧବଶତଃ ନିଜ ଆଖି ଫୁଟାଇ ଦେଇଥିଲେ ଭକ୍ତ ବିଲ୍ୱମଙ୍ଗଳ। ତାଙ୍କୁ ମିଳିଯାଇଥିଲା ଦର୍ଶନ। ଲୋଭକୁ ମଧ୍ୟ ଈଶ୍ୱରାର୍ପିତ କରିହେବ। ଜଣେ ଜଣେ କହିଥାନ୍ତି, ଜଗନ୍ନାଥଙ୍କ ମହାପ୍ରସାଦରେ ମୋର ଲୋଭ। ଏ ଲୋଭ ତ ଭଲ କଥା। ଏ ଲୋଭକୁ ଚରିତାର୍ଥ କରିବା ଉଚିତ। ଫଳ ଭଲ ହେବା ନିଶ୍ଚିତ। ମୋହ - ମୀରା ଏହାର ଉଦାହରଣ। ରାଜକୁଳରେ ଜନ୍ମ, ରାଜବଂଶର କୁଳବଧୂ, ଏସବୁର ମୋହରେ ନପଡ଼ି ସର୍ବଶ୍ରେଷ୍ଠ ମୋହରେ ପଡ଼ି, ନିଜ ସହିତ ସମଗ୍ର ମାନବ ସମାଜ ପାଇଁ ଉଦାହରଣ ପାଲଟିଯାଇଛନ୍ତି। ଭଗବାନଙ୍କ ମୋହରେ ପଡ଼ି, ମୋହନ ବଂଶୀର ମୋହରେ ପଡ଼ି ଗୋପୀ ତଥା ରାଧା କାଳ କାଳକୁ ପୂଜ୍ୟ ହୋଇପାରିଛନ୍ତି। ମଦକୁ ମଧ୍ୟ ସାଧ କରିଥିଲେ ଅକ୍ରୁର। ନିଜର ସାମର୍ଥ୍ୟ ଉପରେ ତାଙ୍କର ଦୃଢ଼ ବିଶ୍ୱାସ ଥିଲା। ଦୃଢ଼ତାର ସହ ସେ ତାହାକୁ ବ୍ୟବହାର କରିଥିଲେ। ଯାଦବ ବଂଶର ସୁରକ୍ଷା, ବସୁଦେବ ଦେବକୀଙ୍କର ସୁରକ୍ଷା, ଶ୍ରୀକୃଷ୍ଣଙ୍କୁ ମଥୁରା ନେବା ଓ ସେଥିରେ ଥିବା ବିପଦ ଆପଦରୁ ସମସ୍ତଙ୍କୁ ରକ୍ଷା କରିବାର ଯୋଜନା ଭଗବାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା। ଜଟାୟୁ ନିଜ ମଦକୁ ବ୍ୟବହାର କରି ପୁଷ୍ପକ ବିମାନରେ ରାବଣ ସହ ଯୁଦ୍ଧ କରି, ଆହତ ହୋଇ, ରାମ କୃପାର ଅଧିକାରୀ ହୋଇଥିଲେ। ମାତ୍ସର୍ଯ୍ୟକୁ ବ୍ୟବହାର କରି କୈକେୟୀ ଓ ମନ୍ଥରା ପରିଶେଷରେ ରାମକୃପା ଲାଭ କରିଥିଲେ।

ଏଠାରେ ଦେଖିବାର କଥା, ଆମର କ୍ଷତି ଘଟାଉଥିବା ଶତ୍ରୁମାନଙ୍କୁ କେବଳ ଭଗବାନଙ୍କ କାମରେ ଲଗାଇ ଦେଇ ସେଥିରୁ କ୍ଷତି ବଦଳରେ ଲାଭାନ୍ୱିତ ହେବାର ଦୃଷ୍ଟାନ୍ତ ଅଧିକ। ତେଣୁ ଏଗୁଡ଼ିକୁ ଈଶ୍ୱରଙ୍କ ଠାରେ ଅରପି ଦେଇ ସେମାନଙ୍କ ଦ୍ୱାରା ଉପକୃତ ହୋଇପାରିବା ନିଃସନ୍ଦେହ।

ଅଲିଶା ବଜାର, କଟକ, ଦୂରଭାଷ : ୯୩୩୭୨୪୨୯୫୫

# ବଢୁଛି ମଧୁମେହ ରୋଗୀଙ୍କ ସଂଖ୍ୟା

## ।। ଗୋପାଳ ମହାପାତ୍ର ।।

ନିକଟରେ ଇଂଲଣ୍ଡରୁ ପ୍ରକାଶିତ ମେଡ଼ିକାଲ ଜର୍ଣ୍ଣାଲ ଲେସେଣ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ବାରତରେ ମଧୁମେହ (ଡାଇବେଟିସ୍) ରୋଗିଙ୍କ ସଂଖ୍ୟା ୧୦କୋଟିରୁ ଅଧିକ ହୋଇଗଲାଣି । ୪ ବର୍ଷ ତଳେ ଏହିରୋଗୀଙ୍କ ସଂଖ୍ୟା ଯାହାଥିଲା ତାର ୪୪ ପ୍ରତିଶତ ଏଇ ୪ ବର୍ଷ ମ୍ଧରେ ବୃଦ୍ଧି ପାଇଛି । ଆଇ.ସି.ଏମ୍.ଆର୍ ପକ୍ଷରୁ ଏ ପ୍ରସଙ୍ଗରେ କରାଯାଇଥିବା ଅ୍ଧୟନରୁ ଜଣାପଡ଼ିଛି ଯେ ପ୍ରି ଡାଇବେଟିସ୍ ବା ଯେଉଁମାନେ ଏହି ରୋଗରେ ଆକ୍ରାନ୍ତ ହେବାକୁ ଯାଉଛନ୍ତି ଅନ୍ୟ ଅର୍ଥରେ ଯେଉଁମାନଙ୍କଠାରେ ଏହି ରୋଗର ଲକ୍ଷଣ ଜଣାପଡୁଛି ସେମାନଙ୍କ ସଂଖ୍ୟା ସାଢ଼େ ତେର କୋଟିରୁ ଅଧିକ ଯାହା ଦେଶର ବର୍ତ୍ତମାନ ଜନସଂଖ୍ୟାର ୧୫ ପ୍ରତିଶତରୁ ଅଧିକ । ଅନ୍ୟପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁସାରେ ସାରା ବିଶ୍ୱରେ ପ୍ରତିବର୍ଷ ମଧୁମେହ ବା ଡାଇବେଟିସ ରୋଗରେ ପାଖାପାଖି ୪୦ ଲକ୍ଷ ଲୋକଙ୍କର ମୃତ୍ୟୁ ହେଉଛି । ଭାରତକୁ ଏକ ଯୁବା ଦେଶ ବୋଲି କୁହାଯାଉଛି କାରଣ ଦେଶରେ ଯୁବ ସଂଖ୍ୟା ଅଧିକ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାରତରେ ଯୁବପିଢ଼ୀ ଅଧିକ ଭାବରେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହି ତଥ୍ୟ ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ । ସ୍ୱର୍ଶକାତର କଥା ହେଉଛି ୨୦ରୁ ୩୫ ବର୍ଷର ଯୁବକମାନେ ଅଧିକ ଭାବେ ମଧୁମେହ ରୋଗରେ ପୀଡ଼ିତ ହେଉଛନ୍ତି । ଏଣୁ ମଧୁମେହ ବା ଡାଇବେଟିସ୍ ଏକ ସମସ୍ୟା ଭାବେ ଉଭାହେଲାଣି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ କହୁଛି ଯେ ୧୮ବର୍ଷରୁ କମବୟସର ପିଲାଙ୍କ ମ୍ଧରୁ ୨୨ ପ୍ରତିଶତ ମେଦବହୁଳତାର ଶିକାର ହେଉଛନ୍ତି । ଏ ପ୍ରସଙ୍ଗରେ କୁହାଯାଇଛି ଯେ ଜୀବନଚର୍ଯ୍ୟାରେ ବ୍ୟତିକ୍ରମ ହିଁ ମଧୁମେହ ରୋଗର ପ୍ରମୁଖ କାରଣ । ବ୍ୟାୟାମ ନକରିବା ଏପରିକି ଶାରୀରିକ ପରିଶ୍ରମରୁ ଦୁରେଇ ରହିବା, ଉଚ୍ଚ କ୍ୟାଲୋରୀର ଖାଦ୍ୟ ଖାଇବା, ଅଧିକ ମିଠା ଖାଇବା ମ୍ଧ ଏହି ରୋଗର ଅନ୍ୟତମ କାରଣ । ତାହେଲେ ପାଶ୍ଚାତ୍ୟ ଶୈଳୀକୁ ଆପଣେଇ ଆମେ କ'ଣ ରୋଗକୁ ଆମନ୍ତ୍ରଣ କରୁଛେ ? ଖାଦ୍ୟ ବିଶେଷଜ୍ଞମାନଙ୍କ ମତରେ ସ୍ୱାସ୍ଥ୍ୟପାଇଁ ସେ ସବୁ ଜିନିଷ ଠିକ୍ ଯାହା ଆମ ଆଖପାଖରେ ମିଳିଥାଏ । ଫଳ, ପନିପରିବା, ଖାଦ୍ୟଶସ୍ୟର ପ୍ରକୃତି ଯାହା ଆମ ଶରୀରର ପ୍ରକୃତି ମ୍ଧ ଠିକ୍ ସେୟା । ଶରୀର ପାଇଁ ଫାଷ୍ଟଫୁଡ୍ ଆଦୌ ଠିକ୍ ନୁହେଁ । ସେହିଭଳି ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବ୍ୟବହାର କରିବା ଦ୍ୱାରା ବାହାରର ପ୍ରାକୃତିକ ବାୟୁ ପାଇବାରୁ ଆମେ ବଞ୍ଚିତ ହେଉଛେ । ନୂଆ ନୂଆ ପ୍ରକାରର ପାନୀୟ ଏବଂ ଆମ ପରିବେଷରେ ଉତ୍ପନ୍ନ ହେଉନଥିବା ଫଳ (ଖାଦ୍ୟପଦାର୍ଥ) ବାବଦରେ କୌଣସି ପରୀକ୍ଷା ନୀରିକ୍ଷା ନ କରି ଆମେ ତାକୁ ଗ୍ରହଣ କରିନେଉଛେ । ବଜାରରେ ଉପଲବ୍ଧ ଅନେକ ପ୍ରକାରର ପ୍ୟାକେଟ ଖାଦ୍ୟ ଏବଂ 'ଷ୍ଟ୍ରୁଡ୍ ମ୍ଧ ଆମେ ବ୍ୟବହାର କରୁଛେ ଯାହା ସ୍ୱାସ୍ଥ୍ୟ ଉପରେ ବିପରିତ ପ୍ରଭାବ ପକାଇ ଥାଏ ।

ଭାରତରେ ମଧୁମେହ, ଏଞ୍ଜାଇଟି ଡିଜ୍‌ଅର୍ଡ଼ର, ଅବସାଦ ଭଳି ଜୀବନଶୈଳୀ ସଂବନ୍ଧିତ ରୋଗ ବିଶେଷ ଭାବରେ ସହରାଞ୍ଚଳରେ ଅଧିକ ଦେଖାଯାଉଛି । ମଧୁମେହ ଭଳି ଅବସାଦ ଓ ମାନସିକ ଚାପ ମ୍ଧ ଯୁବକ ମାନଙ୍କଠାରେ ଅଧିକ ଭାବେ ଦେଖିବାକୁ ମିଳୁଛି। ଏବେ ଗ୍ରାମାଞ୍ଚଳରେ ମ୍ଧ ଏସବୁ ରୋଗ ବ୍ୟାପିଲାଣି ଓ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଲାଣି । ବିଶ୍ୱସ୍ତରୀୟ ରିପୋର୍ଟ ଅନୁସାରେ ବିଶ୍ୱର ଅନ୍ୟଦେଶମାନଙ୍କ ଅପେକ୍ଷା ଭାରତରେ ଅଧିକ ମଧୁମେହ ରୋଗୀ ଅଛନ୍ତି । ଭାରତର ୩୧ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶମାନଙ୍କ ବାବଦରେ ମେଡ଼ିକାଲ ଜର୍ଣ୍ଣାଲ ଲେସେଣ୍ଟରେ ପ୍ରକାଶ ପାଇଛି । ଗୋଆ, ପୁଡୁଚେରି, କେରଳ, ଚଣ୍ଡଗଡ଼, ଦିଲ୍ଲୀ, ତାମିଲନାଡୁ ଓ ପଶ୍ଚିମବଙ୍ଗ, ସିକିମ୍, ପଞ୍ଜାବ ଏବଂ ହରିଆଣାରେ ମଧୁମେହ ରୋଗୀଙ୍କ ସଂଖ୍ୟା ଅଧିକ । ଓଡ଼ିଶାରେ ମ୍ଧ ଏହି ରୋଗ ବ୍ୟାପିବାରେ ଲାଗିଛି । ୨୦୧୬ର ସରକାରୀ ତଥ୍ୟ ଅନୁସାରେ ଅଧିକ ମଧୁମେହ ରୋଗୀ ଥିବା ଦେଶର ୨୦ଟି ଜିଲ୍ଲା ମ୍ଧରେ ରହିଥିଲା ଖୋର୍ଦ୍ଧା ଜିଲ୍ଲା ଏବଂ କଟକ ଜିଲ୍ଲା । ୨୦୨୦ ଡିସେମ୍ବର ମାସରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଓଡ଼ିଶାରେ ୪.୨ନିୟୁତ ମଧୁମେହ ରୋଗୀ ଥିଲେ । ଏଣୁ ଏବେ ଏମାନଙ୍କ ସଂଖ୍ୟା ବଢ଼ିଯିବଣି ନିଶ୍ଚୟ । ୨୦୨୧ରେକେନ୍ଦ୍ର ସରକାରଙ୍କ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍ ଏ୍, ଏଚ୍ ଏସ୍) ଯେଉଁ ରିପୋର୍ଟ ପ୍ରକାଶ କରିଥିଲେ ତାହା ଉଦ୍‌ବେଗ ଜନକ। ରିପୋର୍ଟ ଅନୁସାରେ ଓଡ଼ିଶାର ପ୍ରତି ୪ଜଣ ପୁରୁଷଙ୍କ ମ୍ଧରୁ ଜଣେ ମଧୁମେହ ଓ ଅବସାଦଗ୍ରସ୍ତ ରୋଗୀ ହୋଇଥିବା ବେଳେ ପ୍ରତି ୫ଜଣ ମହିଳାଙ୍କ ମ୍ଧରେ ଜଣେ ଏଭଳି ରୋଗୀ ଅଛନ୍ତି । ଏହି ରିପୋର୍ଟ ଅନୁସାରେ ରାଜ୍ୟର ୧୫ବର୍ଷର ୨୫.୫ ପ୍ରତିଶତ ପୁଅ ଏବଂ ୨୨.୪ ପ୍ରତିଶତ ପ୍ରତିଶତ ଝିଅ ଉଚ୍ଚରକ୍ତଚାପ ରୋଗର ଶୀକାର । ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନଙ୍କ ଅନୁସାରେ ମଧୁମେହ ଏକ ସାଇଲେଣ୍ଟ କିଲର ବା ଅନ୍ୟ ଅର୍ଥରେ ଧିରେ ଧିରେ ମଣିଷକୁ ମୃତ୍ୟୁମୁଖକୁ ଟାଣି ନେଉଥିବା ରୋଗ।

ଦେଶରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦିନ ପ୍ରତିଦିନ ବଢ଼ିବାରେ ଲାଗିଛି । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁ ବୟସର ଲୋକଙ୍କୁ ଆକ୍ରାନ୍ତ କରୁଛି ଏହି ରୋଗ । ସୁସ୍ଥବ୍ୟକ୍ତିର ଖାଇବା ପୂର୍ବର ରକ୍ତରେ ଗ୍ଲୁକୋଜ ସ୍ତର ୭୦ରୁ ୧୦୦ ଏମ୍.ଜି.ଡିଏଲ୍ ରହିଥାଏ । ଖାଇବା ପରେ ଏହି ସ୍ତର ୧୨୦ରୁ ୧୪୦ଏମ୍.ଜି.ଡିଏଲ୍ ହୋଇଯାଇଥାଏ ଏବଂ ଏହା ଧିରେ ଧିରେ କମିଯାଇଥାଏ । କିନ୍ତୁ ମଧୁମେହ ରୋଗ ହେଲେ ଏହିସ୍ତର ବଢ଼ିଯାଇଥାଏ । ଏକ ଦଶନ୍ଧି ପୂର୍ବରୁ ଭାରତରେ ମଧୁମେହ ରୋଗ ୪୦ବର୍ଷ ବା ତା ଠାରୁ ଅଧିକ ବୟସର ଲୋକଙ୍କୁ ହେଉଥିଲା । କିନ୍ତୁ ଏବେ ସବୁ ବୟସର ଲୋକଙ୍କୁ ଆକ୍ରାନ୍ତ କରୁଛି । ବିଶେଷଜ୍ଞ ମାନଙ୍କ ମତରେ ୨୦୩୦ ବେଳକୁ ଭାରତର ମଧୁମେହ ରୋଗୀଙ୍କ ସଂଖ୍ୟା ୫୫କୋଟିରୁ ଅଧିକ ହୋଇଥିବ । କେନ୍ଦ୍ର ସରକାର ଏକଥାକୁ ଗୁରୁତ୍ୱର ସହ ବିଚାର କରିବା ଉଚିତ୍ ନ ହେଲେ ଆଗାମୀ କିଛି ବର୍ଷ ପରେ ଭାରତ ଏକ ରୋଗୀଙ୍କ ଦେଶରେ ପରିଣତ ହୋଇଯିବ । ମଧୁମେହର ଚିକିତ୍ସା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । ଅନେକ ବିଶେଷଜ୍ଞଙ୍କ ମତରେ ଜୀବନଚର୍ଯ୍ୟା ଠିକ୍ ରହିଲେ ଏହି ରୋଗ ପାଖ ମାଡ଼ି ପାରିବ ନାହିଁ। ମଧୁମେହ ରୋଗକୁ ବିଲୋପ କରାଯାଇ ନ ପାରିଲେ ମ୍ଧ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ । ଏହାର ନିୟନ୍ତ୍ରଣ ପାଇଁ ଅନେକ ଚିକିତ୍ସା ରହିଛି କିନ୍ତୁ ପ୍ରାକୃତିକ ଚିକିତ୍ସା ଏଥିପାଇଁ ଅଧିକ ଉପାଦେୟ । ଯୋଗ ମ୍ଧ ମଧୁମେହକୁ ନିୟନ୍ତ୍ରଣ କରିପାରେ । ପ୍ରାଣାୟାମ, ବ୍ୟାୟାମ ଓ ଆସନ ଦ୍ୱାରା ମ୍ଧ ମଧୁମେହକୁ ନିୟନ୍ତ୍ରଣ କରାଯାଇପାରିବ ।

ରାମଚନ୍ଦ୍ରପୁର, ରଣପୁର, ମୋ.- ୯୪୩୮୪୮୫୦୯୪

# ପରମହଂସ ପ୍ରଜ୍ଞାନାନନ୍ଦ

## ।। ହେମନ୍ତ କୁମାର ପରିଡ଼ା ।।

ସାଧୁସନ୍ଥମାନେ ହେଉଛନ୍ତି ଯୁଗେ ଯୁଗେ ଆମ୍ଭମାନଙ୍କର ମାର୍ଗଦର୍ଶକ ତଥା ଏ ଧରଣୀର ଆଶୀର୍ବାଦ । ସେମାନେ ତାଙ୍କର ସତ୍ ସଂକଳ୍ପ, ସତ୍ ଚିନ୍ତନ ଓ ସତକର୍ମ ଦ୍ୱାରା ସାରା ସଂସାରର ଅଶେଷ କଲ୍ୟାଣ ସାଧନ କରିଥାଆନ୍ତି । ଏହିଭଳି ଜଣେ ସତ୍‌ପୁରୁଷ ହେଉଛନ୍ତି ବିଶ୍ୱବିଦିତ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ । ତାଙ୍କର ଜନ୍ମ ଓ କର୍ମରେ ଦିବ୍ୟତା ତାଙ୍କୁ ମହାମାନବ କରିବା ସହିତ ବିଶ୍ୱବିଦିତ କରିଛି ।

କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ସନ୍ନିକଟ ବେଲତଳ ଗ୍ରାମର ବନ୍ଧପଡ଼ା ଠାରେ ୧୯୫୯ ମସିହା ଅଗଷ୍ଟ ୧୦ ତାରିଖ ଦିନ ତାଙ୍କର ଜନ୍ମ । ପବିତ୍ର ଶ୍ରାବଣମାସ ଶୁକ୍ଳ ସପ୍ତମୀର ଏକ ଶ୍ରାବଣୀ ସକାଳେ ସେ ମାତା ବୈଦେହୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ । ପିତା ହେଉଛନ୍ତି ଶ୍ରୀ ନିରଞ୍ଜନ ଦାଶ । କୁଳୀନ ଅଧିକାରୀ ବ୍ରାହ୍ମଣ ପରିବାର । ଜନ୍ମର କିଛି ଦିନ ପୂର୍ବରୁ ଜଣେ ସନ୍ନ୍ୟାସୀ ଆସି ତାଙ୍କ ମାଙ୍କୁ କହିଥିଲେ 'ମା' ତୁମ କୋଳରେ ଜଣେ ମହାତ୍ମା ଆସୁଛନ୍ତି । ସେ ଏ ବିଶ୍ୱର ଗୁରୁ ହୋଇ ବହୁଲୋକଙ୍କୁ ଦିବ୍ୟ ମାର୍ଗ ପ୍ରଦର୍ଶନ କରିବେ । ସନ୍ନ୍ୟାସୀଙ୍କ କଥା ସତ୍ୟ ହେଲା । ଉପଯୁକ୍ତ ସମୟରେ ପୁତ୍ର ସନ୍ତାନଟିଏ ଜନ୍ମ ଲାଭ କଲେ । ସନ୍ନ୍ୟାସୀଙ୍କ ଭବିଷ୍ୟ ବାଣୀକୁ ସମ୍ମାନ ଜଣାଇ ପିଲାଟିର ନାମ ରଖାଗଲା ତ୍ରିଲୋକୀ । ଗ୍ରାମ୍ୟ ପାଠଶାଳାରୁ ପଟ୍ଟାମୁଣ୍ଡାଇ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଓ ପରେ ପରେ ରେଭେନ୍ସା ମହାବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ । ଅର୍ଥନୀତିର ଜଣେ ଅଧ୍ୟାପକ ଭାବେ ରେଭେନ୍ସା ମହାବିଦ୍ୟାଳୟ ସମେତ କେତକ ସରକାରୀ କଲେଜରେ ଅଧ୍ୟାପନା କରିଥିଲେ । ସେ ଥିଲେ ଅତ୍ୟନ୍ତ ମେଧାବୀ, ମଧୁରଭାଷୀ, ଛାତ୍ରପ୍ରିୟ ଓ ବନ୍ଧୁବତ୍ସଳ । ଜଣେ ଦକ୍ଷ୍ୟ ଅଧ୍ୟାପକ ଭାବେ ତାଙ୍କର ସୁନାମ ଥିଲା ।

ପିଲାଟି ଦିନରୁ ତାଙ୍କ ଭିତରେ ବୈରାଗ୍ୟଭାବ ପରିଲକ୍ଷିତ ହୋଇଥିଲା । ସାଧୁ ସନ୍ଥଙ୍କୁ ଦେଖିଲେ ସେ ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଥିଲେ । ସେମାନଙ୍କ ସେବା ପାଇଁ ଆବଶ୍ୟକ ହେଲେ ଛୁଟି ନେଇ ସେମାନଙ୍କ ସହ ସମୟ ବିତାଉଥିଲେ । ଯେତେବେଳେ ସମୟ ପାଉଥିଲେ ହିମାଳୟ ପଳାଉଥିଲେ । ମା'ଗଙ୍ଗାଙ୍କ କୂଳରେ ରହି ଜପଧ୍ୟାନ, ସ୍ୱାଧ୍ୟାୟ ଓ ତପସ୍ୟାରେ ସମୟ ଅତିବାହିତ କରିଥିଲେ । ଗୁରୁଙ୍କ ଅନୁସନ୍ଧାନରେ ସେ ସାରା ଭାରତ ଭ୍ରମଣ କରିଛନ୍ତି । ଶେଷରେ କ୍ରିୟାଯୋଗ ଧାରାର ମହାନ ସନ୍ଥ ପରମହଂସ ହରିହରାନନ୍ଦଙ୍କ ପାଦତଳେ ନିଜକୁ ସମର୍ପି ଦେଇଥିଲେ । ଗୁରୁଙ୍କ ନିର୍ଦ୍ଦେଶକ୍ରମେ ଚାକିରି ପଦପଦବୀ ତ୍ୟାଗକରି ସେ କ୍ରିୟାଯୋଗର ପ୍ରଚାର ପାଇଁ ବିଦେଶ ଯାତ୍ରା କରିଥିଲେ । ୧୯୯୫ ମସିହା ଏପ୍ରିଲ ୨୫ ତାରିଖ ଦିନ ଶ୍ରୀଗୁରୁଙ୍କ ଠାରୁ ପବିତ୍ର ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ସେ ହେଲେ ସ୍ୱାମୀ ପ୍ରଜ୍ଞାନାନନ୍ଦ ଗିରି । ଏହି ନାମରେ ସେ ସେବେଠାରୁ ପରିଚିତ ହେଲେ । ନିଜର ଗଭୀର ଆତ୍ମ ପ୍ରତ୍ୟୟ ଓ ଦୃଢ଼ ସାଧନା ଯୋଗୁଁ ସେ ଗୁରୁଙ୍କର ବହୁପ୍ରିୟ ଓ ନିକଟତମ ଶିଷ୍ୟ ଥିଲେ । ସାଧନାର ଗଭୀରତାକୁ ଲକ୍ଷ୍ୟ କରି ଗୁରୁଦେବ ହରିହରାନନ୍ଦ ଶିଷ୍ୟ ପ୍ରଜ୍ଞାନାନନ୍ଦ ଭିତରେ ସିଦ୍ଧିର ଅନେକ ଦିବ୍ୟ ଲକ୍ଷଣ ଦେଖିପାରିଥିଲେ । ତେଣୁ ତାଙ୍କର ୩୯ତମ ଜନ୍ମ ଉତ୍ସବ ପାଳନ ଅବସରରେ ସର୍ବ ସମକ୍ଷରେ ତାଙ୍କୁ ପରମହଂସ ଉପାଧିରେ ଭୂଷିତ କରିଥିଲେ । ପରମହଂସ ଅବସ୍ଥା ଆଧ୍ୟାତ୍ମ ଜଗତର ଏକ ଉଚ୍ଚତମ ସ୍ଥିତି । ମାତ୍ର ୩୯ ବର୍ଷରେ ପ୍ରଜ୍ଞାନାନନ୍ଦ ଏହି ସ୍ଥିତିରେ ପହଞ୍ଚି ପାରିଥିଲେ । ପରେ ପରମହଂସ ପ୍ରଜ୍ଞାନାନନ୍ଦ ଭାବେ ସେ ବିଶ୍ୱ ପ୍ରସିଦ୍ଧ ହେଲେ ।

ପ୍ରେମ, ପବିତ୍ରତା ଓ ପ୍ରଖର ପ୍ରଜ୍ଞାର ସେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ । ଯେତିକି ବିଜୟୀ ସେତିକି ନମ୍ର ଓ ଧୀର । ସାଦ ସାହାସ୍ୟ ବଦନ । ନାମ ଗୁଣର ମଧୁର ସମନ୍ୱୟ ତାଙ୍କଠାରେ ଏକତ୍ର ଦେଖିବାକୁ ମିଳେ । ଜଗତର କଲ୍ୟାଣ ପାଇଁ ଦୁଃସ୍ଥ ଜନତାର ସେବା ପାଇଁ ସେ ଶତତ ଚେଷ୍ଟିତ ।

ମାଳତୀ କୁଞ୍ଜ, ପ୍ଲଟ ନଂ. ୫୨୬/ଡି, ସେକ୍ଟର-୧୦, ସିଡ଼ିଏ, କଟକ-୧୪, ଦୂରଭାଷ : ୮୭୬୩୧୦୭୧୨୬

# ନାନପୁର ନିକଟସ୍ଥ ବିରୂପା ନଦୀରୁ ଚୋରା ବାଲିଚାଲାଣ ଓ ବେନିୟମ ଇଟାଭାଟି



ବାଲିଚନ୍ଦ୍ରପୁର, (ମହାଭାରତ) : ଯାଜପୁର ଜିଲ୍ଲା ଦର୍ପଣ ତହସିଲ ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ପଂଚାୟତ ଅଧିନ ନାନପୁର ପୋଲ ନିକଟରୁ ବାଲି ଚୋରା ଚାଲାଣ ହେବା ସହ ନଦୀ ପଠାରେ ବେନିୟମ ଇଟାଭାଟି ପୋଡ଼ାଯାଉଛି। ପ୍ରତ୍ୟେକ ରାତିରେ ଓ ଭୋରୁ ଟ୍ରାକ୍ଟର ଯୋଗେ ଏଠାରୁ ବିଭିନ୍ନ ସ୍ଥାନକୁ ବାଲି ଚୋରା ଚାଲାଣ ହେଉଛି। ଯାହା ଫଳରେ ଆଗାମୀ ଦିନରେ ଜାତୀୟ ରାଜପଥର ନାନପୁର ପୋଲଟି ଦୁର୍ବଳ ହେବାର ସମ୍ଭାବନା ଅଛି। ନାନପୁର ଠାରେ ନଦୀ ପଠାରେ ଅନେକ ଗୁଡ଼ିଏ ଇଟାଭାଟି ପୋଡ଼ାଯାଉଥିବା ଦେଖିବାକୁ ମିଳିଛି। ତେବେ ଇଟାଭାଟି ପୋଡ଼ି ଦ୍ୱାରା ଗରମରେ ସ୍ଥାନୀୟ ଲୋକେ ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ଏମାନେ ପ୍ରଶାସନକୁ କୌଣସି ଭୟ ନକରି ନିୟମିତ ଭାବେ ଚୋରା ବାଲି ଚାଲାଣ ଓ ଇଟାଭାଟି ପୋଡୁଥିବା ଦେଖିବାକୁ ମିଳିଛି। ଏ ସବୁ କାହା ଇଙ୍ଗିତରେ କରାଯାଉଛି ତାହା ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ରାଜସ୍ୱ ବିଭାଗ, ପୋଲିସ ପ୍ରଶାସନ, ଜାତୀୟ ରାଜପଥ ବିଭାଗ, ପ୍ରଦୂଷଣ ବିଭାଗ, ରାଜ ରାସ୍ତା କଡ଼ରେ ଏ ସବୁ ଖୁଲମ ଖୁଲା ହେଉଥିବା ଦେଖି ମଧ୍ୟ ତାଙ୍କର ନିରବତା ସାଧାରଣ ଲୋକଙ୍କୁ ବିସ୍ମିତ କରିଛି। ଏ ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିବାରୁ ସେମାନେ ବେପିକର ହୋଇ ଦିନ ଦ୍ୱିପ୍ରହରେ ଏ ସବୁ କାରବାର ନିୟମିତ କରିଚାଲିଛନ୍ତି। ଏଥିପାଇଁ ପ୍ରଶାସନ ତୁରନ୍ତ ବିହିତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି।

## ମାଗଣା ଚାଉଳ ଉପରେ ଦଲାଲଙ୍କ ଦୃଷ୍ଟି, ଚୁପ୍ କାହିଁକି ଯୋଗାଣ ବିଭାଗ




ଉମରକୋଟ, (ମହାଭାରତ): ସରକାର ଗରିବ ଲୋକଙ୍କ ପେଟ ଭରିବା ପାଇଁ ମାଗଣା ଚାଉଳ ଯୋଗାଇ ଦେଉଥିବା ବେଳେ, ସେହି ଯୋଜନାକୁ ନେଇ ଏବେ ଉଠିଛି ସଙ୍ଗୀନ ଅଭିଯୋଗ। ଅଭିଯୋଗ ଟି ହେଉଛି ଉମରକୋଟ ପୌରପରିଷଦରେ କିଛି ଦଲାଲ ସହରର ଆରସିଇଏମଏସ ଠାରେ ଦିଆଯାଉଥିବା ମାଗଣା ଚାଉଳକୁ ଗରିବ ଖାଉଟିମାନଙ୍କୁ ଅଳ୍ପ ଟଙ୍କାର ଲୋଭ ଦେଖାଇ ସରକାରୀ ମାଗଣା ଚାଉଳ କିଣି ନେଉଛନ୍ତି । ଚାଉଳ ଦେବା ସ୍ଥାନରେ ଦଲାଲ ଓ ଖାଉଟିଙ୍କ ମଧ୍ୟରେ ଖୁଲମ ଖୋଲା ବିକ୍ରି ହେଉଥିବା ଦେଖିବାକୁ ମିଳୁଛି ପରେ ସେହି ଚାଉଳକୁ ବଜାରରେ ବିକ୍ରି କରି ଭଲ ଲାଭ କମାଯାଉଥିବା ବୁଦ୍ଧିଜୀବୀ ମହଲରେ ଦେଖିବାକୁ ମିଳିଛି । ଏହା ଫଳରେ ଗରିବଙ୍କ ଅଧିକାର ଉପରେ ଚାଲିଛି ଖୋଲା ଖେଳ । ଏହା ଦୀର୍ଘଦିନ ଧରି ଚାଲୁଥିବା ସତ୍ତ୍ୱେ ମଧ୍ୟ ସମ୍ପୃକ୍ତ ଯୋଗାଣ ବିଭାଗର ଅଧିକାରୀମାନେ ସବୁ ଜାଣିଥିଲେ ମଧ୍ୟ ଚୁପ ବସି ରହିଛନ୍ତି। ଏହା ଫଳରେ ସରକାରଙ୍କ ଗରିବମୁଖୀ ଯୋଜନାର ଲାଭ ସଠିକ୍ ଲୋକଙ୍କ ପାଖକୁ ପହଞ୍ଚୁନାହିଁ ଓ ଅନୀତିକର ବ୍ୟବସାୟ ବଢ଼ି ଚାଲିଛି । ସବୁଠାରୁ ବଡ଼ ପ୍ରଶ୍ନ — ଏତେ ସବୁ ଘଟଣା ସମ୍ପର୍କରେ ସବୁ ଜାଣିଥିଲେ ମଧ୍ୟ କାହିଁକି ଚୁପ୍ ? ବସିଛନ୍ତି ଯୋଗାଣ ବିଭାଗର ଅଧିକାରୀ? କାହାର ଚାପ ନା କି କାହାର ସହଯୋଗ ବୁଦ୍ଧିଜୀବୀ ମହଲରେ ଏନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସେମାନେ ତୁରନ୍ତ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା ପ୍ରଶାସନ ନେବ କି କଡ଼ା ପଦକ୍ଷେପ, ନା ଏଭଳି ଚାଲି ରହିବ ଗରିବଙ୍କ ହକ୍ ଉପରେ ଏହି ଖେଳ।

## ବ୍ୟାସ ଫାଉଣ୍ଡେସନର ଷଷ୍ଠ ବାର୍ଷିକୋତ୍ସବ ଓ ତ୍ରୟୋଦଶ ପତ୍ରିକା 'ଗୀତାଜ୍ଞାନାଞ୍ଜନ'ର ଲୋକାର୍ପଣ ଓ ପ୍ରତିଭାପୂଜନ ସମାରୋହ



ପାରାଦୀପ, (ମହାଭାରତ) : ସେବା ଓ ଆଧ୍ୟାତ୍ମିକ ପ୍ରଚାର ପ୍ରସାର ଧର୍ମୀ ଅନୁଷ୍ଠାନ 'ବ୍ୟାସ ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ' ର ଷଷ୍ଠ ବାର୍ଷିକୋତ୍ସବ ଏବଂ ଆଧ୍ୟାତ୍ମିକ ପତ୍ରିକା 'ଗୀତାଜ୍ଞାନାଞ୍ଜନ' ର ତ୍ରୟୋଦଶ ସଂସ୍କରଣ ଶୁଭୋନ୍ମୋଚନ ହେବା ସହ ବିବିଧ ପ୍ରତିଭାଧାରୀଙ୍କୁ ମଞ୍ଚାସିନ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ମଧୁବନ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ସତ୍ୟସାଇ ସେବା ଅନୁଷ୍ଠାନର ରାଜ୍ୟନ୍ୟାସୀ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ବ୍ରହ୍ମ ଜଗନ୍ନାଥ ମିଶନ, ତାଳଦଣ୍ଡା ର ପ୍ରତିଷ୍ଠାତା ଡ଼.ସଞ୍ଜୀବ କୁମାର ମୁଦୁଲି, ମା ସାରଳା ମନ୍ଦିରର ମୂଖ୍ୟ ପୂଜକ ରଞ୍ଜନ କୁମାର ପଣ୍ଡା, ଅବସରପ୍ରାପ୍ତ ସିବିଆଇ ଆଇନ ପରାମର୍ଶଦାତା ଡ଼.କାଳୀ ଚରଣ ମିଶ୍ର, ଇଫକୋ ପାରାଦୀପର ଲୋକ ସମ୍ପର୍କ ଅଧିକାରୀ ଡ଼.ପ୍ରସନ୍ନ କୁମାର ବେଉରା, ଜିଲ୍ଲା ମୋ ଭାରତ ମିଶନ ର ଅଧିକାରୀ ନିଖିଲ କୋକୁଲ୍ଲା, ବ୍ୟାସ ବିଷ୍ଣୁ ସ୍ନେହାଳୟ ଭୂମିଦାତା ବିଷ୍ଣୁ ଚରଣ ସ୍ୱାଇଁ ତଥା ସଂଗଠନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ ମଞ୍ଚାସିନ ଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସଂଗଠନର ସଭାପତି ପଣ୍ଡିତ ଡକ୍ଟର ସିଦ୍‌ଧେଶ୍ୱର ପଣ୍ଡା ପରିଚାଳନା କରିଥିବା ବେଳେ ଅଧ୍ୟାପକ ପଣ୍ଡିତ ପ୍ରଶାନ୍ତ କୁମାର ଶତପଥୀ ପ୍ରାରମ୍ଭିକ ବେଦପାଠ କରିବା ସହ ଭାଗବତ ଗୀତାର ପଞ୍ଚଦଶ ଅଧ୍ୟାୟ ପାଠ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ଅଧକ୍ଷା ଶ୍ରୀମତୀ ଆଚାର୍ଯ୍ୟ ସଂଗଠନର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ମଞ୍ଚାସିନ ଅତିଥି ମାନେ ବ୍ୟାସ ଫାଉଣ୍ଡେସନ ର ନିଃସ୍ୱାର୍ଥପର ସେବା କାର୍ଯ୍ୟକ୍ରମକୁ ଭୁୟସୀ ପ୍ରଶଂସା କରିଥିଲେ କ୍ଷ ଏହି ଅବସରରେ ଆଦିଦେବ ଏଣ୍ଟରଟେନମେଣ୍ଟ ର ପ୍ରତିଷ୍ଠାତା ଡ଼.ବନ୍ଦିତା ସୁଭଦର୍ଶିନୀ ପଟ୍ଟନାୟକଙ୍କ ତତ୍ୱାବଧାନରେ କୁନି କୁନି ଶିଶୁ କଳାକାର ମାନଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟାଭିନୟ ପ୍ରଦର୍ଶିତ ହୋଇଥିଲା, ଯାହା ଦର୍ଶକ ମାନଙ୍କୁ ଅଭିଭୂତ କରିଥିଲା । ପରେ ପରେ ବିବିଧ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାଧାରୀ ଙ୍କୁ ବ୍ୟାସ ସେବା, ବ୍ୟାସ ପ୍ରତିଭା, ବ୍ୟାସ ପୁତ୍ର ତଥା ସମାଜସେବୀ ରାକେଶ କୁମାର ପଟ୍ଟନାୟକ ଓ ତାଙ୍କ ସହଧର୍ମିଣୀ ଡ଼.ବନ୍ଦିତା ସୁଭଦର୍ଶିନୀଙ୍କୁ ଆଦର୍ଶ ଦମ୍ପତି, ଚକୋର-ଚକୋରୀ ସମ୍ମାନ ପ୍ରଦାନ କରାଯାଇଥିଲା । ପରିଶେଷରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ବିବେକାନନ୍ଦ ହୋତା ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରମୋଦ କୁମାର କର, ଶିଶିର କୁମାର କର, ସଂଗ୍ରାମ ମନ୍ତ୍ରୀ, ଆକାଶ କୁମାର ପ୍ରଧାନ, ନଗେନ୍ଦ୍ର ନାଥ ସ୍ୱାଇଁଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇପାରିଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଆଧ୍ୟାତ୍ମିକ ପ୍ରେମୀ ବ୍ୟକ୍ତିବିଶେଷ ଯୋଗଦାନ କରିଥିଲେ ।

## ଏଲପିଜି ଗ୍ୟାସ ଦରବୃଦ୍ଧି ଏବଂ କୃତ୍ରିମ ଅଭାବ ସହ କଳାବଜାରୀ ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ




ନୟାଗଡ଼, (ମହାଭାରତ) : ଜାଳେଣି ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ଆଜି ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ ଜିଲ୍ଲା ସଭାପତି ରଣଜିତ ଦାଶଙ୍କ ନେତୃତ୍ୱରେ ସ୍ଥାନୀୟ ଓଡଗାଁ ଛକ ଠାରେ କଂଗ୍ରେସ କାର୍ଯ୍ୟକର୍ତ୍ତା ମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଲପିଜି ଗ୍ୟାସ ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି କରି ହାଣ୍ଡିଶାଳରେ ଚଡକ ପକାଇଛନ୍ତି କେନ୍ଦ୍ର ସରକାର ବୋଲି କଂଗ୍ରେସ ଅଭିଯୋଗ କରିଛି। ପ୍ରଧାନମନ୍ତ୍ରୀ ଙ୍କ ତୃଟିପୂର୍ଣ୍ଣ ବିଦେଶନୀତି ପାଇଁ ଦେଶବ୍ୟାପି ଗ୍ୟାସ ସଙ୍କଟ ଦେଖାଦେଇଛି। ଗତ ଗୁରୁବାର ଦିନ ବିଧାନସଭାରେ କଂଗ୍ରେସ ବିଧାୟକ ମାନେ ରାଜ୍ୟରେ ଗ୍ୟାସ ସଙ୍କଟ ଏବଂ କଳାବଜାରି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରି ଘେରିବାରୁ ସରକାରଙ୍କ ଚାପରେ ଜିଲ୍ଲାପାଳ ମାନେ ସାମ୍ବାଦିକ ସମ୍ମିଳନୀ କରି ଜିଲ୍ଲା ମାନଙ୍କରେ ପର୍ଯ୍ୟାପ୍ତ ଗ୍ୟାସ ମହଜୁଦ ଥିବା କହିଥିବା ବେଳେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା ରହିଛି। ଆଜି ସମଗ୍ର ଜିଲ୍ଲାରେ ପ୍ରତ୍ୟେକ ଗ୍ୟାସ ବିତରକ ସଂସ୍ଥା ସାମ୍ନାରେ ଲୋକେ ଖାଲି ସିଲିଣ୍ଡର ଧରି ଲମ୍ବା ଲାଇନ ଲଗାଇ ଥିଲେ ମଧ୍ୟ ଗ୍ୟାସ ମିଳି ପାରୁନାହିଁ ବୋଲି କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ। ଗ୍ୟାସ ସିଲିଣ୍ଡର ପିଛା କଳାବଜାରୀ ମଧ୍ୟମରେ ୧୬୦୦ ଟଙ୍କା ନେଉଥିବାରୁ ଛୋଟ ଛୋଟ ଚା, ଜଳଖିଆ, ଚାଟ, ଗୁପଚୁପ ଦୋକାନୀ ମାନେ ଘୋର ପ୍ରଭାବିତ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଯଦି ଏହି ପ୍ରାୟୋଜିତ କଳାବଜାରୀ ପ୍ରତି ସଜାଗ ନରୁହନ୍ତି ତେବେ ଆଗାମୀ ଦିନରେ ଭୟଙ୍କର ଗ୍ୟାସ ସଙ୍କଟ ସୃଷ୍ଟି ହେବାର ସମ୍ଭାବନା ରହିଥିବା କଂଗ୍ରେସ ଜିଲ୍ଲା ସଭାପତି ଶ୍ରୀ ଦାଶ କହିଛନ୍ତି। ଏହି ଭିକ୍ଷୋଭ ପ୍ରଦର୍ଶନ ବେଳେ କଂଗ୍ରେସ ନେତା ବିଭୁପ୍ରସାଦ ମିଶ୍ର, ଅମଜାଦ ଖାଁ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରସାଦ ପରିଡା, ପୀତବାସ ଖୁଣ୍ଟିଆ, କୃଳେଶ ଚନ୍ଦ୍ର ମହାନ୍ତି, ସତ୍ୟନାରାୟଣ ସୁରଜଗଦେବ, ଜିଲ୍ଲା ମନରେଗା ଆନ୍ଦୋଳନ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାନ୍ତ, ନୟାଗଡ଼ ମୁନିସିପାଲିଟି ସଭାପତି ରାଜକିଶୋର ଜେନା, ନୟାଗଡ଼ ବ୍ଲକ ସଭାପତି ହାସୀମ ଖାଁ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା, ଯୁବ ଛାତ୍ର ମହିଳା ନେତୃବୃନ୍ଦ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ଏଏମ୍ / ଏନ୍‌ଏସ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ଉଡାନ୍ ଆନ୍ତଃ ଗ୍ରାମୀଣ କ୍ରିକେଟ୍ ପ୍ରିମିୟର ଲିଗରେ ପାରାଦ୍ୱୀପଗଡ଼ ଚମ୍ପିଅନ୍




ପାରାଦୀପ, (ମହାଭାରତ) : ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ଦ୍ୱାରା ଜଗତସିଂହପୁର ଜିଲ୍ଲାର ପାରାଦ୍ୱୀପଗଡ଼ଠାରେ ମାର୍ଚ୍ଚ ୯ ରୁ ୧୨ ତାରିଖ ମଧ୍ୟରେ ଆୟୋଜିତ 'ଉଡାନ୍' ଆନ୍ତଃ ଗ୍ରାମୀଣ କ୍ରିକେଟ୍ ପ୍ରିମିୟର ଲିଗ୍ ର ତୃତୀୟ ସଂସ୍କରଣ ର ଏକ ସଂଘର୍ଷପୂର୍ଣ୍ଣ ଫାଇନାଲ ମୁକାବିଲାରେ ପାରାଦ୍ୱୀପଗଡ଼ ଦଳ ଚମ୍ପିଅନ୍ ଆଖ୍ୟା ଅର୍ଜନ କରିଛି । ଏହି ଟୁର୍ଣ୍ଣାମେଣ୍ଟରେ ନୂଆଗଡ଼, ବାଲିଡିଆ, ହାଣ୍ଡିଆ, ମୂଷାଡିଆ, ସିଙ୍ଗିଟାଳି, ପାରାଦ୍ୱୀପଗଡ଼, ଚକ୍ରଧରପୁର, ଭୁତମୁଣ୍ଡାଇ, ପିପଳ, ଭୀମାନାସୀ, ବିଜୟଚାନ୍ଦପୁର ଓ ଫୁଲବେଲାରୀ ଇତ୍ୟାଦି ଗ୍ରାମର ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ଯୁବବର୍ଗମାନଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ, ଏଏମ୍ / ଏନଏସ୍ ଇଣ୍ଡିଆ ସିଏସ୍ଆର୍ ପଦକ୍ଷେପ 'ଉଡାନ୍' ଅଧୀନରେ ଆୟୋଜିତ ଏହି ଦିବାରାତ୍ରି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟକୁ ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ସିଏସ୍ଆର ମୁଖ୍ୟ ଡ.ବିକାଶ ଯାଦବେନ୍ଦୁ, ପାରାଦ୍ୱୀପଗଡ଼ ସରପଞ୍ଚଙ୍କ ପ୍ରତିନିଧି ତଥା ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, ଏଏମ୍ / ଏନ୍‌ଏସ୍ ଇଣ୍ଡିଆର ଅନ୍ୟ ବରିଷ୍ଠ ଅଧିକାରୀ, ସମସ୍ତ ଖେଳାଳି,କର୍ମଚାରୀ ଏବଂ ସ୍ଥାନୀୟ କ୍ରୀଡା ପ୍ରେମୀଙ୍କ ଉପସ୍ଥିତିରେ ମିଳିତ ଭାବେ ଉଦଘାଟନ କରିଥିଲେ। ଏହା ପୂର୍ବରୁ ଗତ ମାର୍ଚ୍ଚ ୧୧ ତାରିଖରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚରେ ଭୁତମୁଣ୍ଡାଇ ନୂଆଗଡ଼କୁ ୪୩ ରନରେ ପରାସ୍ତ କରିଥିବାବେଳେ ପାରାଦ୍ୱୀପଗଡ଼ ୪୮ ରନରେ ବାଲିଡିଆକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ପାରାଦ୍ୱୀପଗଡ଼ ଗ୍ରାମ ଖେଳ ପଡ଼ିଆରେ ଆୟୋଜିତ ୧୦ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ପାରାଦ୍ୱୀପଗଡ଼ ଭୁତମୁଣ୍ଡାଇ ଦଳକୁ ୨୫ ରନ୍ ରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ପାରାଦ୍ୱୀପଗଡ଼ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୬ ୱିକେଟ୍ ହରାଇ ୧୧୧ ରନ୍ ସ୍କୋର କରିଥିବାବେଳେ ଭୁତମୁଣ୍ଡାଇ ଦଳ ୧୦ ଓଭରରେ ୪ ୱିକେଟ୍ ହରାଇ ୮୬ ରନ୍ ସଂଗ୍ରହ କରିଥିଲା। ଉଦଯାପନୀ ସମାରୋହରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପାରାଦ୍ୱୀପ ପେଲେଟ ପ୍ଲାଣ୍ଟର ବରିଷ୍ଠ ଅଧିକାରୀ ତଥା ଇଲେକ୍ଟ୍ରିକାଲ ବିଭାଗ ମୁଖ୍ୟ କେଦାର ପଟ୍ଟନାୟକ, ମେକାନିକାଲ ବିଭାଗ ମୁଖ୍ୟ ପାର୍ଥପ୍ରତିମ ଚଟାର୍ଜି, ପ୍ରଡକ୍ସନ୍ ବିଭାଗ ସେକ୍ସନ ହେଡ୍ ଶିବା କ୍ରୀଷ୍ଣା ଜି ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବିଜେତା ଦଳ ପାରାଦ୍ୱୀପଗଡ଼ କୁ ୨୫ ହଜାର ଟଙ୍କା ନଗଦ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଉପବିଜେତା ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ନଗଦ ରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ପାରାଦ୍ୱୀପଗଡ଼ ଦଳର ରଣଜିତ ଦାସ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ବିବେଚିତ ହୋଇଥିବାବେଳେ ସେହି ଦଳର କୁମାର ବଣ୍ଟି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ ହୋଇଥିଲେ । ଏହି ଟୁର୍ଣ୍ଣାମେଣ୍ଟ କ୍ରିକେଟ ପ୍ରତିଭାଙ୍କୁ ଏକ ଉପଯୁକ୍ତ ସୁଯୋଗ ପ୍ରଦାନ କରିବା ସହିତ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ଏକଜୁଟ କରୁଛି, ଯାହା କ୍ରୀଡ଼ା ପଦକ୍ଷେପ ମାଧ୍ୟମରେ ଯୁବବର୍ଗଙ୍କ ଯୋଗଦାନକୁ ପ୍ରୋତ୍ସାହିତ କରିବା ପାଇଁ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

## କଳାହାଣ୍ଡି ଜିଲ୍ଲାରେ ରୋଷେଇ ଗ୍ୟାସ ମହଜୁଦ,ଜିଲ୍ଲାର ଜନସାଧାରଣ ଗୁଜବ ଦ୍ୱାରା ପ୍ରଭାବିତ ନହେବା ପାଇଁ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା

କଳାହାଣ୍ଡି /ଭବାନୀପାଟଣା, (ମହାଭାରତ) : କଳାହାଣ୍ଡି ଜିଲ୍ଲାରେ ଯଥେଷ୍ଟ ପରିମାଣର ଇନ୍ଧନ ଗ୍ୟାସ ବିତରକ ମାନଙ୍କ ନିକଟରେ ରେ ଗଚ୍ଛିତ ରହିଅଛି ଏବଂ ଅନୁଯାୟୀ ବିତରଣ କରାଯାଉଅଛି । ତେଣୁ ଜନସାଧାରଣ କୌଣସି ଗୁଜବ ଦ୍ୱାରା ପ୍ରଭାବିତ ନ ହୋଇ ଏଥିପ୍ରତି ନିଶ୍ଚିତ ରହିବା ସହିତ ବିତରକ ମାନଙ୍କ ନିକଟ ରେ ଅଯଥା ଭିଡ ନକରି କ୍ରମାନ୍ୱୟରେ ଉପଯୁକ୍ତ ସମୟରେ ବିତରକ ମାନଙ୍କ ଠାରୁ ରନ୍ଧନ ଗ୍ୟାସ ନେବା ପାଇଁ ଜିଲ୍ଲା ପ୍ରଶାସନ, ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ କଳାହାଣ୍ଡି ଜନସାଧାରଣଙ୍କୁ ସୂଚନା ଦିଆଯାଇଛି। ଜିଲ୍ଲାର ସମସ୍ତ ଲୋକ ପେଟ୍ରୋଲ, ଡିଜେଲ,ରନ୍ଧନ ଗ୍ୟାସ କିପର ଠିକ ସମୟରେ ପାଇପାରିବେ ଏବଂ ଏ ଦିଗରେ ବିତରକମାନେ ଯେପରି କୌଣସି ବ୍ୟତିକ୍ରମ ନ କରିନ୍ତି ସେଥିପ୍ରତି ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସ୍ତରୀୟ ଏବଂ ବ୍ଲକ ସ୍ତରୀୟ କମିଟି ଗଠନ କରାଯାଇ ତିକ୍ଷ୍ଣ ନଜର ରଖାଯାଇଛି। ଜିଲ୍ଲା ଯୋଗାଣ ଅଧିକାରୀ ଏଥି ପ୍ରତି ସଜାଗ ରହିବା ପାଇଁ ଜିଲ୍ଲାପାଳ କଳାହାଣ୍ଡି ନିର୍ଦ୍ଦେଶ ଦେଇଛନ୍ତି।

## ଜଙ୍ଗଲ ନିଆଁ ନିୟନ୍ତ୍ରଣ ଓ ବନ୍ୟଜନ୍ତୁ ସୁରକ୍ଷା ନେଇ ସଚେତନତା ଶିବିର

ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲା ମୋଟୁ ବନାଞ୍ଚଳ ପକ୍ଷ୍ୟରୁ ଏମଭି ୭୯ ଠାରେ ଜଙ୍ଗଲ ନିଆଁ ନିୟନ୍ତ୍ରଣ ଓ ବନ୍ୟଜନ୍ତୁ ସୁରକ୍ଷା ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋଟୁ ବନବିଭାଗ ଏମଭି ୭୯ ସ୍ଥିତ ରେଞ୍ଜ୍ କର୍ଯ୍ୟାଳୟ ଠାରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବମଲ ମୋନସୁନ ଖେମୁଣ୍ଡୁ, ରେଞ୍ଜ ଅଫିସର ତନୁଜା କାର୍ତିକି, ପରିଚାଳନାରେ ତପନ କୁମର ସାହା, ମୋଟୁ ଫୋରେଷ୍ଟର ମୁରଲୀ ଧର ଅନୁଗୁଳିଆ, ଦୀପଙ୍କର ଶିଉଳି ଫୋରେଷ୍ଟର ଏବଂ ଅତିଥି ଏମଭି-୭୯ ଡଃ ଶ୍ୟାମା ପ୍ରସାଦ ଡିଗ୍ରୀ ମହାବିଦ୍ୟାଳୟର ଯୁକ୍ତ ତିନି ଅଧକ୍ଷା ପ୍ରଭାସିନୀ ମହାପାତ୍ରଙ୍କ ସହ ଆଖ ପାଖ ଗ୍ରାମର ଙ୍ଖସ୍ୱଙ୍ଖ ମେମ୍ବର ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ରେ ବଣ ଅଗ୍ନିକୁ ରୋକିବା ପାଇଁ ଅଣ୍ଟା ଭିଡିଲା ବନ ବିଭାଗ। ଗ୍ରୀଷ୍ମ ଋତୁ ପୂର୍ବରୁ ଜଙ୍ଗଲକୁ ନିଆଁରୁ ରକ୍ଷା କରିବା ପାଇଁ ମୋଟୁ ରେଞ୍ଜ ଅଫିସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜଙ୍ଗଲ ସୁରକ୍ଷା କମିଟିର ସଭାପତିମାନଙ୍କୁ ସାମିଲ କରାଯାଇ ନିଆଁ ଲିଭାଇବାର ବିଭିନ୍ନ କୌଶଳ ଶିଖାଯାଇଛି।

## ଚନ୍ଦନ ମେଳା ପାଇଁ ପାଇଁ ପ୍ରସ୍ତୁତି ବୈଠକ



ଦେବଗଡ, (ମହାଭାରତ): ଆଜି ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ୍‌ର କଲା ଗ୍ରାମର ବହୁ ପୁରାତନ ଚନ୍ଦନ ମେଳା ପାଇଁ ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଛି। ଏଥିରେ ଗତ ବର୍ଷର ଚନ୍ଦନ ମେଳାର ଆୟ ବ୍ୟୟର ହିସାବ ଦେବା ସହିତ ନୂତନ କମିଟି ଗଠନ କରାଯାଇଛି। ଚଳିତ ବର୍ଷର ନୂତନ ସଭାପତି ଭାବେ କଳିଙ୍ଗ କୀର୍ତ୍ତି ପ୍ରଧାନ (ସିପୁ), ଉପ ସଭାପତି ପ୍ରହଲ୍ଲାଦ ପ୍ରଧାନ, ସମ୍ପାଦକ ଶ୍ରୀକାନ୍ତ ସାହୁ ସିଲୁ), ସହ ସମ୍ପାଦକ ସୁଦାମ ଚନ୍ଦ୍ର ବେହେରାଙ୍କୁ କମିଟି ମନୋନୀତ କରିଛି। ଏବର୍ଷ ଯାତ୍ରାର ଖର୍ଚ୍ଚର ଅଟକଳ ୨୦/୨୫ ଲକ୍ଷ ମଧ୍ୟରେ ରଖାଯାଇଛି। କଲା, ସଇଡା ଗ୍ରାମର ବହୁ ସଂଖ୍ୟାରେ ଭଦ୍ରବ୍ୟକ୍ତି ମାନେ ଏହି ସଭାରେ ଯୋଗଦାନ କରିଥିଲେ। ଚଳିତ ବର୍ଷ ବିଭିନ୍ନ ପ୍ରକାର ସାଜସଜ୍ଜା, ନୂତନ ରଙ୍ଗ ବିରଙ୍ଗର ଲାଲୋକ ସଜା, ମିନାବଜାର, ଅପେରା ତା ସାଙ୍ଗକୁ ସାଂସ୍କୃତିକ କାର୍ଯକ୍ରମ ହେବ । ଏହି ଚନ୍ଦନ ମେଳା ୬ ଦିନ ଧରି ଦେଖିବାକୁ ମିଳିବ ବୋଲି କମିଟିର ସେକ୍ରେଟାରୀ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

# ଶୁଖିଲା ପଡ଼ିଛି ମହାନଦୀ, ବାଲିର ଶଯ୍ୟାରେ ଶୋଇପଡ଼ିଛି ମହାନଦୀ : ଜଳ ଅଭାବରୁ ସୃଷ୍ଟି ହେଲାଣି ସାଂଘାତିକ ଅବସ୍ଥା



ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲା ଦେଇ ବୋହି ଯାଇଥିବା ମହାନଦୀ ଶୁଖିଲା ପଡ଼ିଛି। ଛତିଶଗଡ଼ ବ୍ୟାରେଜ ନିର୍ମାଣ କରିବା ପରଠାରୁ ମହାନଦୀ ଜଳସ୍ତର ଦିନକୁ ଦିନ ହ୍ରାସ ପାଉଥିବା ବେଳେ ଏବେ ଗୀଷ୍ମଋତୁ ଆରମ୍ଭରୁ ଏହା ଆହୁରି ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ଫଳରେ ମହାନଦୀ ଉପରେ ନିର୍ଭର କରି ଚଳୁଥିବା ନୟାଗଡ଼ ଜିଲ୍ଲା ବଡ଼ମୂଳ ଠାରୁ ଆରମ୍ଭ କରି କରବର ଯାଏଁ ଅନେକ ଗ୍ରାମବାସୀ ତଥା କୈବର୍ତ୍ତ ସମ୍ପ୍ରଦାୟ ଜୀବିକା ହରାଇବାକୁ ବସିଲେଣି। ଅନେକ ଏବେ ବାହାର ରାଜ୍ୟକୁ ଯାଇ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ଦୀର୍ଘ ୨୦ ବର୍ଷ ତଳକୁ ଲକ୍ଷ୍ୟ କଲେ ମହାନଦୀ ପାର ହେବାକୁ ନୌକା ଉପରେ ନିର୍ଭର କରିବାକୁ ପଡୁଥିଲା। ଫଳରେ ନଦୀର ବିଭିନ୍ନ ସ୍ଥାନରେ ଘାଟ କରାଯାଇ ର ଘାଟ କରାଯାଇ ନୌକା ଦ୍ୱାରା ନଦୀ ପାର କରାଯାଉଥିଲା। ଏହା ଦ୍ୱାରା ଶହ ଶହ କୈବର୍ତ୍ତ ପରିବାରର ହଜାର ହଜାର ପେଟକୁ ଦାନା ମିଳୁଥିଲା। ନୟାଗଡ଼ ଜିଲ୍ଲା ସିଧାମୂଳା ଠାରେ ବ୍ରିଜ ନିର୍ମାଣ ପରେ ଗମନା ଗମନ ସୁବିଧା ହୋଇଥିଲେ ମଧ୍ୟ ଅଧାରୁ ଅଧିକ କୈବର୍ତ୍ତ ପରିବାର ଜୀବିକା ହରାଇଥିଲେ। ଅନେକେ ମହାନଦୀରେ ମାଛଧରି ପେଟ ପୋଷୁଥିବା ବେଳେ ଅନେକ ଚାଷବାସକୁ ଆପଣାଇଥିଲେ। ବିଗତ ଦିନରେ ନୟାଗଡ଼ ସମେତ ଖୋର୍ଦ୍ଧା ଓ କନ୍ଧମାଳ ଜିଲ୍ଲାକୁ ମହାନଦୀରୁ ମାଛ ପଠାଯାଉଥିଲା। ମହାନଦୀରୁ ଏକ ସ୍ୱତନ୍ତ୍ର ଧରଣର ମଧୁର ଚିଙ୍ଗୁଡ଼ି ରାଜ୍ୟ ବାହାରକୁ ରପ୍ତାନୀ କରାଯାଉଥିଲା। ଏହି ଚିଙ୍ଗୁଡ଼ି ଦୁଇ କିମ୍ବା ତିନିଟିରେ ଗୋଟିଏ କେଜି ହୁଏ। ହେଲେ ମହାନଦୀର ମଧୁର ଚିଙ୍ଗୁଡ଼ି ଏବେ ସ୍ୱପ୍ନ ପାଲଟିଛି। ଛତିଶଗଡ଼ ସରକାର ମହାନଦୀରେ ବ୍ୟାରେଜ ନିର୍ମାଣ କରିବା ପରେ ଧୀରେ ଧୀରେ ନଦୀର ଜଳସ୍ତର ହ୍ରାସ ପାଇଥିବା ବେଳେ ଏବେ ନଦୀର ଅନେକ ସ୍ଥାନରେ ପାଣି ଏତେ ମାତ୍ରରେ କମ ରହିଛି ଯେ ଯଦି ଜଣେ ଚାହିଁବ ଚାଲି ଚାଲି ନଦୀ ପାର ହେଇପାରିବ। ଯାହା ଫଳରେ ନଦୀରେ ମାଛ ସଂଖ୍ୟା ବହୁ ମାତ୍ରାରେ କମିଯାଇଛି। ଗଣିଆ ବ୍ଲକର ମହାନଦୀ ଅବବାହିକାରେ ଅବସ୍ଥିତ ଗ୍ରାମ ରାଉତପଡ଼ା, ଛାମୁଣ୍ଡିଆ, ବଡ଼ସିଲିଙ୍ଗା, ବଡ଼ମୂଳ, ଖଣ୍ଡପଡ଼ା ବ୍ଲକର ସିଧାମୂଳା, ବଡ଼ ବାଣପୁର, କଣ୍ଟିଲୋ ଏବଂ ଭାପୁର କରବର, ପଦ୍ମାବତୀ ଆଦି ଗ୍ରାମର କୈବର୍ତ୍ତ ସମ୍ପ୍ରଦାୟ ଏବଂ ନୌକା ଚାଳକ ସେମାନଙ୍କ ଜୀବିକା ହରାଇବା ସହ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଅନ୍ୟପକ୍ଷେ କୈବର୍ତ୍ତଙ୍କ ପାଇଁ ଏବେ ପ୍ରମୁଖ ସମସ୍ୟା ପାଲଟିଛି ଡଙ୍ଗା। ସେତେବେଳର ଡଙ୍ଗା ସବୁ ଭାଙ୍ଗିରୁଜି ଆସୁଥିବା ବେଳେ ବର୍ତ୍ତମାନ ଗୋଟିଏ ଡଙ୍ଗା ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ରୋଜଗାର ନ ଥିବା ବେଳେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କାହିଁକି ଡଙ୍ଗା ତିଆରି କରିବେ ବୋଲି ଅନେକ ମତ୍ସଜୀବୀ ପ୍ରଶ୍ନ କରିଛନ୍ତି। ଫଳରେ ଅନେକ କୈବର୍ତ୍ତ ପରିବାର ସୁଦୂର ଚିଲିକାରୁ ମାଛ ଏବଂ ଅନ୍ଧ୍ର ମାଛକୁ ନେଇ ସେମାନଙ୍କ ଜୀବିକା ଧରି ରଖୁଥ?ବା ବେଳେ ଅନେକ ବାହାର ରାଜ୍ୟରେ ଦାଦନ ଖଟିଲେଣି। କଣ୍ଟିଲୋ ଏକ ପର୍ଯ୍ୟଟନସ୍ଥଳୀ ହେଉଥିବାରୁ ଏଠାକାର କିଛି କୈବର୍ତ୍ତ ଲୋକ କଣ୍ଟିଲୋ ନିକଟରେ ଡଙ୍ଗା ଏବଂ ବୋଟ ଦ୍ୱାରା ସେମାନଙ୍କ ପରିବାର ପୋଷୁଥିବା ବେଳେ ଜିଲ୍ଲାର ଅନ୍ୟ କୌଣସି ସ୍ଥାନରେ ଏହା ଆଉ ଦେଖାଯାଉ ନାହିଁ। ମହାନଦୀକୁ ନ ବଞ୍ଚାଇଲେ ଆଗାମୀ ଦିନରେ ଭୟାଭୟ ପରିସ୍ଥିତି ସୃଷ୍ଟି ହେବ ବୋଲି ମତ ପ୍ରକାଶ ପାଇଛି।

## ଯୋଡା ମହୋତ୍ସବର ଦ୍ୱିତୀୟ ବୈଠକ



ଯୋଡା,(ମହାଭାରତ)ଯୋଡା ମହୋତ୍ସବ ନିମନ୍ତେ ବୁଧବାର ଦିନ ପ୍ରାୟ ୬ ଟା ସମୟରେ ଯୋଡା ପୌରପାଳିକାର ସଭା ଗୃହ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି ।ଏଥିରେ ମହୋତ୍ସବ ପାଳନ ନିମନ୍ତେ ସର୍ବ ସମ୍ମତି କ୍ରମେ କର୍ମକର୍ତ୍ତା ମନୋନୀତ କରାଯାଇଥିଲା ।ମହୋତ୍ସବ କମିଟିରେ ସଭାପତି ଭାବେ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା,କାର୍ଯ୍ୟକାରୀ ସଭାପତି ଭାବେ ଚମ୍ପୁଆ ନିର୍ବାଚନ ମଣ୍ଡଳୀ ର ସାଂସଦ ପ୍ରତିନିଧି ଆର୍ କେ ଦାସ,ସାଧାରଣ ସମ୍ପାଦକ ଭାବେ ପାର୍ଥ ସାରଥି ଷଡ଼ଙ୍ଗୀ, ଉପଦେଷ୍ଟା ଭାବେ ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ,ଯୋଡା ନଗର ପାଳ ଜଗଦୀଶ ପ୍ରସାଦ ସାହୁ,ଉପାଧ୍ୟକ୍ଷ ସନ୍ଧ୍ୟା ପାତ୍ର, ,ସୁଶାନ୍ତ କୁମାର ବାରିକ,ପ୍ରକାଶ କୁମାର ମହାନ୍ତି,,ଉପ ସଭାପତି ଭାବେ ,ଚର୍ଚ୍ଚିଲ୍ ମହାକୁଡ,ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା,ଯୋଡା ପୌର ନିର୍ବାହୀ ଅଧିକାରୀ ଶ୍ୱେତ ପଦ୍ମା ଧଳ,ଯୋଡା ବିଡ଼ିଓ ଡେନିସ ବେହେରା,ସମ୍ପାଦକ ଭାବେ ,ଆର୍ କେ ସିଂ,ରେଣୁକା ବେହେରା, ଜଗନ୍ନାଥ ପାଣିଗ୍ରାହୀ,ଯୋଡା ନଗର ସାଂସଦ ପ୍ରତିନିଧି ବି ଏନ୍ ଦାସ,କୋଷାଧ୍ୟକ୍ଷ ଭାବେ ସୁଶାନ୍ତ କୁମାର ବେବର୍ତ୍ତା ,ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ୧୨ ଜଣ ଙ୍କୁ ମନୋନୀତ କରାଯାଇଥିଲା ।ଆସନ୍ତା ଏପ୍ରିଲ ମାସ୩, ୪ ଓ ୫ ତାରିଖ ତିନି ଦିନ ଧରି ଯୋଡା ମହୋତ୍ସବ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତି ନିଆଯାଇଥିଲା । ଯୋଡା ମହୋତ୍ସବ ବୈଠକରେ ଯୋଡା ପୌର ଅଧକ୍ଷ ଜଗଦୀଶ ପ୍ରସାଦ ସାହୁ,ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ଏବଂ କମିଟି ର ନୂତନ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ପାରାଦୀପ ବନ୍ଦର ୨୦୦୧ ବ୍ୟାଚ ଇଞ୍ଜିନିୟରଙ୍କ ବନ୍ଧୁମିଳନ ଓ ରୌପ୍ୟ ଜୟନ୍ତୀ ପାଳନ



ପାରାଦୀପ (ମହାଭାରତ): ପାରାଦୀପ ବନ୍ଦର ପ୍ରାଧିକରଣ ୨୦୦୧ ବ୍ୟାଚ୍ ର ବୈଦ୍ୟୁତିକ ଏବଂ ଯାନ୍ତ୍ରିକ ବିଭାଗ ଇଞ୍ଜିନିୟର ମାନଙ୍କ ଦ୍ୱାରା ସ୍ଥାନୀୟ ହନୁମାନ ମନ୍ଦିରରେ ମଙ୍ଗଳବାର ଦିନ ଏକ ପାରିବାରିକ ବନ୍ଧୁମିଳନ ସମାବେଶ ସହିତ ବନ୍ଦରରେ ୨୫ ବର୍ଷର ସେବା ନିମି□ ରୌପ୍ୟ ଜୟନ୍ତୀ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଦିବ୍ୟ ଆଶୀର୍ବାଦ ଏବଂ ପ୍ରସାଦ ସେବନ ସହିତ ଆରମ୍ଭ ହୋଇଥିଲା, ଯାହା ୨୦୦୧ ମସିହାରେ ବନ୍ଦର ସେବାରେ ଯୋଗ ଦେଇଥିବା ୧୬ ଜଣ ଇଞ୍ଜିନିୟରଙ୍କୁ ଏକତ୍ର କରିଥିଲା। ଏହି କାର୍ଯ୍ୟକ୍ରମରେ ନିଯୁକ୍ତିରୁ ବୃତ୍ତିଗତ ଅଭିଜ୍ଞତା ସମ୍ପର୍କରେ ବନ୍ଧୁମାନେ ନିଜ ଭିତରେ ଆଲୋଚନା କରିଥିଲେ। ସମାବେଶରେ ପ୍ରାୟ ପୂର୍ଣ୍ଣ ଉପସ୍ଥିତି ଦେଖିବାକୁ ମିଳିଥିଲା, ଯାହା ନିଃସର୍ତ୍ତ ସମର୍ଥନର ଏକ ଗଭୀର ବନ୍ଧନକୁ ପ୍ରତିଫଳିତ କରୁଥିଲା। ତେବେ ଅସୁସ୍ଥତା ଯୋଗୁଁ ଜଣେ ପ୍ରିୟ ସହକର୍ମୀଙ୍କ ଅନୁପସ୍ଥିତି ଗଭୀର ଭାବରେ ଅନୁଭୂତ ହୋଇଥିଲା। ଏକତାର ଏକ ସ୍ପର୍ଶକାତର ପ୍ରଦର୍ଶନରେ, ସମଗ୍ର ପାରାଦୀପ ବନ୍ଦର ପରିବାର ତାଙ୍କର ଶୀଘ୍ର ଆରୋଗ୍ୟ ପାଇଁ ହୃଦୟର ସହିତ ପ୍ରାର୍ଥନା କରି ପରବର୍ତ୍ତୀ ସମାବେଶରେ ତାଙ୍କର ଉପସ୍ଥିତି କାମନା କରିଥିଲେ।ଏହି ରୌପ୍ୟ ଜୟନ୍ତୀ ପାଳନ ସମୟରେ, ସଦସ୍ୟମାନେ ୨୫ ବର୍ଷର ଯାତ୍ରା,ସ୍ମୃତି,ଅନୁଭୂତି ଓ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିଥିଲେ ଏବଂ ସଫଳତାର ସହ ଏହି ସମାବେଶ ଉଦଯାପିତ ହୋଇଥିଲା ।

## ସ୍ୱୟଂସହାୟକ ଗୋଷ୍ଠୀ ମାନଙ୍କ ପାଇଁ ଜ୍ଞାନବର୍ଦ୍ଧନ କର୍ମଶାଳା



ଦଶପଲ୍ଲା, (ମହାଭାରତ): ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲାଙ୍କ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୬ ଅବସରରେ ପରିମଳରେ ନିୟୋଜିତ ସ୍ୱୟଂସହାୟକ ଗୋଷ୍ଠୀ ମାନଙ୍କ ପାଇଁ ଜ୍ଞାନବର୍ଦ୍ଧନ କର୍ମଶାଳା ସହ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା।ଏହି କର୍ମଶାଳାରେ ଏସଏଚଜି ସଦସ୍ୟମାନଙ୍କୁ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାପନା ସମ୍ପର୍କରେ ବିଭିନ୍ନ ଦିଗରେ ଜ୍ଞାନବୃଦ୍ଧି କରାଯାଇଥିଲା। ସେହିପରି ସ୍ୱାସ୍ଥ୍ୟ ଶିବିରରେ ସଦସ୍ୟମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଡାକ୍ତରମାନଙ୍କ ଦ୍ୱାରା ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଇଥିଲା। ଦୁର୍ଗେସ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।ଏହି ଅବସରରେ ଅଧକ୍ଷା ପୁନମ ପ୍ରିୟଦର୍ଶିନୀ, ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ଙ୍କ ସହିତ ୪, ୬, ୯ନମ୍ବର କାଉନସିଲର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।ଅତିଥି ମାନଙ୍କ କହିବାନୁସାରେ ସମାଜରେ ମହିଳାଙ୍କ ଗୁରୁ ଓ ସେମାନଙ୍କ ଭୂମିକାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟ ରେ ଏହି ମହିଳା ଦିବସ ପାଳନ କରାଯାଉଛି। ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କର ଗୁରୁ ରହିଆସିଛି। ମହିଳା ମାନେ ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ । ମା ଭୂମିକା ରୁ ଆରମ୍ଭ କରି ସ୍ତ୍ରୀ ,ଭଉଣୀ, ଝିଅବାନ୍ଧବୀ ଆଦି ସମସ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସୁଛନ୍ତି। ଶୃଙ୍ଖଳିତ, ବିକଶିତ ପରିବାର ଗଠନରେ ମଧ୍ୟ ନାରୀଙ୍କ ବେଶ ପ୍ରମୁଖ ଭୂମିକା ରହୁଛି। ସର୍ବଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ କରୁଥିବା ଛୋଟ ଛୋଟ କଳାକାରଙ୍କୁ ସମ୍ମାନୀତ କରାଯିବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ମଧ ସମ୍ମାନୀତ କରାଯାଇଥିଲା।

# ଜଗନ୍ନାଥଙ୍କ ଏନ୍ତୁଡ଼ିଶାଳରେ ପାରମ୍ପରିକ ଲଉଡ଼ି ଖେଳ



କାକଟପୁର (ମହାଭାରତ) :ଦୋଳ ପୂର୍ଣ୍ଣିମାକୁ ମୁଖ୍ୟତଃ ଯାଦବ ମାନେ ଅତି ଆନନ୍ଦ ଓ ଉଲ୍ଲାସରେ ପାଳନ କରିଥାନ୍ତି । ଦୋଳ ଉତ୍ସବର ମୁଖ୍ୟ ଆକର୍ଷଣ ଗୋପାଳଙ୍କ ଲଉଡ଼ି ଖେଳ ।ଦୋଳ ପୂର୍ଣ୍ଣିମା ତିଥିରେ ଗୋପାଳ ଯୁବକମାନେ ହାତରେ କେନ୍ଦୁବାଡ଼ି ଧରି ବିଭିନ୍ନ ଗୋଠ , ମଠ ଓ ମନ୍ଦିରରେ ସମାରିକ କଳା ପ୍ରଦର୍ଶନ କରିଥାନ୍ତି । କାକଟପୁରର ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା ମଙ୍ଗଳାଙ୍କ ଚୈତ୍ର ମାସର ପ୍ରଥମ ପାଳି ମଙ୍ଗଳବାର ତଥା ନେତ ବନ୍ଧା ଉତ୍ସବ ଦିନ ମନ୍ଦିର ବେଢାରେ ଗୋପାଳମାନେ ଓଗାଳ ପରିବେଷଣ କରିବା ସାଙ୍ଗକୁ ଫଗୁ ଖେଳିବା ପ୍ରଥା କେଉଁ ଆବାହମାନ କାଳରୁ ରହିଆସିଛି । ଏହି ପରମ୍ପରା ଏବେବି ଗୋପାଳମାନେ ବଜାୟ ରଖିଆସିଥିବା ବେଳେ ମା ମଙ୍ଗଳାଙ୍କ ନେତ ବନ୍ଧା ଉତ୍ସବ ସରିବା ପରେ ଗୋପାଳ ମାନେ ବୀର ବେଶ ହୋଇ ପୂର୍ବରୁ ମଙ୍ଗଳପୁର ଠାରେ ଆଉ ଏବେ ଦେଉଳି ମଠ ଠାରେ ବାଡ଼ି ଲଉଡ଼ି ଖେଳ ପ୍ରଦର୍ଶନ କରିଆସୁଛନ୍ତି । ଏହି ଲଉଡ଼ି ଖେଳରେ ୧ ଶହରୁ ଉର୍ଦ୍ଧ ଗୋଠର ଗୋପାଳମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୁଏ । ଏଥିପାଇଁ ବିଚାରକ ମଣ୍ଡଳୀଙ୍କ ( ଦ୍ୱାରା ) ଯୋଗ୍ୟ ବିବେଚିତ ହୋଇଥିବା କୃତି ପ୍ରତିଯୋଗୀମାନଙ୍କୁ କାକଟପୁର କାକଟପୁର ବ୍ଲକ ମା ମଙ୍ଗଳା ଯାଦବ ସଂଘ ପକ୍ଷରୁ ପ୍ରତି ବର୍ଷ ପୁରସ୍କୃତ ମଧ କରାଯାଇଥାଏ । ହାତରେ କେନ୍ଦୁବାଡ଼ି , ଅଣ୍ଟାରେ ଘଣ୍ଟି ଘାଗୁଡ଼ି ସହ କେତେକ ପ୍ରତିଯୋଗୀ ଅଣ୍ଟାରେ ବଂଶୀ ବାନ୍ଧିଥାନ୍ତି ।ବିଭିନ୍ନ ଗୋଠର ଗୋପାଳମାନେ ଦଳଗତ ହୋଇ ଦେଉଳି ମଠ ପଡିଆରେ ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ଓଗାଳ ପରିବେଷଣ ଓ ବାଡ଼ି ଲଉଡ଼ି ପ୍ରଦର୍ଶନ ବେଳେ ବାଜି ଉଠେ ମଇଁଷିର ଶିଙ୍ଗା ଓ ହରିବୋଲ ହୁଳହୁଳି (ଧ୍ୱନି)ରେ ପ୍ରକମ୍ପିତ ହୋଇଉଠେ ଦେଉଳି ମଠର ପରିସର । ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ରଚିତ ଗୋପାଳଙ୍କ ଓଗାଳ ଗାନ କରି ବାଦ୍ୟର ତାଳେ ତାଳେ ଗୋପାଳମାନେ ସହଯୋଗୀମାନଙ୍କ ବାଡ଼ି ସହିତ ନିଜ ବାଡ଼ିକୁ ପିଟି ଯେଉଁ ଶବ୍ଦ ସୃଷ୍ଟି କରିଥାନ୍ତି ତାହା ସେ ସମୟରେ ଅପୂର୍ବ ଝଙ୍କାର ସୃଷ୍ଟି କରିବା ସହିତ ଦର୍ଶକମାନଙ୍କୁ ବିମୋହିତ କରିଥାଏ । ଏହି ଲଉଡ଼ି ଖେଳ ଦେଖିବାକୁ ଓ ଓଗାଳ ଶୁଣିବାକୁ ଦେଉଳି ମଠରେ ସାଧୁ ସନ୍ୟାସୀଙ୍କ ସହିତ ଲୋକଙ୍କ ଭିଡ଼ ଜମେ । କାରଣ ଗୋପାଳଙ୍କ ଓଗାଳ ଗାନ ଭିତରେ ରାଧା କୃଷ୍ଣଙ୍କ ପ୍ରେମ ଓ ଗୁଣ କୀର୍ତ୍ତନ କରାଯାଇଥାଏ । ଏହି କାର୍ଯ୍ୟକ୍ରମରେ କାକଟପୁର ବ୍ଲକ ଯାଦବ ସଙ୍ଘର ସଭାପତି ପୁରୁଷୋତ୍ତମ ମଠିଆ , ସଂପାଦକ ନୃସିଂହ ପ୍ରସାଦ ପୋଲେଇ , ଯୁବ ସଭାପତି ପ୍ରଶାନ୍ତ ବେହେରା , ଉପସଭାପତି ଦୈତାରୀ ବେହେରା କୋଷାଧ୍ୟକ୍ଷ ମନୋଜ ଦାସ , ଯୁବସଂପାଦକ ଚିତ୍ତ ରଞ୍ଜନ ବେହେରା , ବେଣୁଧର ଦାସ , ସୁବାସ ଦାସ , ଶିବ ପ୍ରସାଦ ଦାସ , ଭରତ ବେହେରାଙ୍କ ସମେତ ପୁରୀ ଜିଲ୍ଲା ଯାଦବସଙ୍ଘର ସଭାପତି ଗୋପାଳ ଚନ୍ଦ୍ର ବେହେରା , ଯାଦବ ଯୁବ ନେତୃତ୍ୱ ମନୋରଞ୍ଜନ ଦାସଙ୍କ ସହିତ ବିଭିନ୍ନ ଗୋଠର ମୁରବୀ ଏବଂ ସଂଘର ସମସ୍ତ କର୍ମକର୍ତ୍ତା , ସଭ୍ୟ, ଓ ଯାଦବଭାଇ ମାନେ ଉପସ୍ଥିତ ଥିଲେ।

## ଠାକୁରମୁଣ୍ଡା ଶରତ ରାସ୍ତାରେ ବିପଦପୂର୍ଣ୍ଣ ଭାବରେ ଝୁଲୁଛି ଟ୍ରାନ୍ସଫର୍ମର



କରଞ୍ଜିଆ,(ମହାଭାରତ)ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଅଞ୍ଚଳରେ ଏକ ଗୁରୁତର ସମସ୍ୟା ଦେଖାଦେଇଛି। ଠାକୁରମୁଣ୍ଡା ଶରତ ରାସ୍ତାରେ ବ୍ୟାଙ୍କ ଅଫ ଇଣ୍ଡିଆ ନିକଟରେ ଥିବା ଏକ ୫୦୦ କେଭି ଟ୍ରାନ୍ସଫର୍ମର ପ୍ରାୟ ଏକ ମାସ ହେବ ବିପଦପୂର୍ଣ୍ଣ ଭାବରେ ରାସ୍ତା ଉପରେ ଝୁଲୁ ଅବସ୍ଥାରେ ରହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ଟ୍ରାନ୍ସଫର୍ମର ଠାକୁରମୁଣ୍ଡା ବଜାର ଓ ପାଖପାଖି ଅଞ୍ଚଳକୁ ବିଦ୍ୟୁତ ଯୋଗାଣ କରୁଛି ।ପୂର୍ବରୁ ଏହି ଟ୍ରାନ୍ସଫର୍ମରଟି ରାସ୍ତା ତଳେ ସ୍ଥାପିତ ଥିଲା। କିନ୍ତୁ ମରାମତି କାମ ପାଇଁ ଏହାକୁ ଉଠାଇ ଏକ ଟ୍ରଲି ଉପରେ ରଖାଯାଇଛି ଏବଂ ସେହି ଅବସ୍ଥାରେ ରାସ୍ତା ଉପରେ ରହି ବଜାରକୁ ବିଦ୍ୟୁତ ଯୋଗାଣ କରୁଛି। ଏହି ଅବସ୍ଥା ପ୍ରାୟ ୧୯ ଦିନ ହେବ ଚାଲିଆସୁଛି, ଯାହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ସୃଷ୍ଟି କରିଛି ।ଏହି ସ୍ଥାନଟି ଠାକୁରମୁଣ୍ଡା ବଜାର ନିକଟରେ ଥିବାରୁ ସବୁବେଳେ ଲୋକ ଭିଡ଼ ରହେ ଏବଂ ଯାନବାହନ ଚଳାଚଳ ମଧ ଅଧିକ ରହିଥାଏ। ଏହିପରି ପରିସ୍ଥିତିରେ ରାସ୍ତା ଉପରେ ଟ୍ରଲି ଉପରେ ରହିଥିବା ଟ୍ରାନ୍ସଫର୍ମର ଯେକୌଣସି ସମୟରେ ଦୁର୍ଘଟଣା ଘଟାଇପାରେ ବୋଲି ସ୍ଥାନୀୟ ଲୋକମାନେ ଆଶଙ୍କା କରୁଛନ୍ତି ।ଏହି ସମସ୍ୟା ସମ୍ପର୍କରେ ବିଦ୍ୟୁତ ବିଭାଗର ବିଭାଗୀୟ ଜେଇ ନଳିନୀକାନ୍ତ ପ୍ରଧାନଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ତାଙ୍କ ସହିତ ସଂଯୋଗ ସମ୍ଭବ ହୋଇପାରିନାହିଁ ।ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ଯେ, ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଦ୍ୟୁତ ବିଭାଗ ଶୀଘ୍ର ଏହି ଟ୍ରାନ୍ସଫର୍ମରକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା ସହ ଆବଶ୍ୟକ ମରାମତି କାମ ସମ୍ପୂର୍ଣ୍ଣ କରିବା ଉଚିତ, ନହେଲେ ଯେକୌଣସି ସମୟରେ ବଡ଼ ଅପ୍ରୀତିକର ଘଟଣା ଘଟିପାରେ।

## ପୋଲିସ କୁ ଲୁଟେରା ଙ୍କ ଖୋଲା ଚ୍ୟାଲେଞ୍ଜ
## ରାଧାକୃଷ୍ଣ ଙ୍କ ମନ୍ଦିର ରେ ବୁଲାଇଲେ କଳାକନା

ଅସ୍ତରଙ୍ଗ (ମହାଭାରତ) :ଗତ କିଛି ଦିନ ହେଲା ଲୁଟେରା ଙ୍କ ଟାର୍ଗେଟ ରେ ମଠ ମନ୍ଦିର ରହିଥିବା କାରଣରୁ ସ୍ଥାନୀୟ ଲୋକ ଙ୍କ ଭିତରେ ଭୟ ର ବାତାବରଣ ସୃଷ୍ଟି ହୋଇଛି। କାକଟପୁର, ଅସ୍ତରଙ୍ଗ ଅଞ୍ଚଳ ରେ ଅନେକ ଐତିହାସିକ ମନ୍ଦିର ରୁ କିଛି ମାସ ହେବ ଲୁଟ ହୋଇଥିବା ବେଳେ ଗତ ବୁଧବାର ରାତିରେ ଅସ୍ତରଙ୍ଗ ବ୍ଲକ ଖଣ୍ଡାସାହି ବାଲିସାହି ଗ୍ରାମର ରାଧାକୃଷ୍ଣ ଙ୍କ ମନ୍ଦିର ରୁ ଲକ୍ଷାଧିକ ଟଙ୍କା ର ସାମଗ୍ରୀ ଚୋରି ହୋଇଛି ।ରବିବାର ସକାଳୁ ପୂଜାରୀ ନିୟମିତ ନୀତି ପାଇଁ ମନ୍ଦିର କୁ ଆସି ଦେଖିଥିଲେ ମନ୍ଦିରର ମୁଖ୍ୟ ଦ୍ୱାର ତାଲା ପଡୁଥିବା କୁନ୍ଦା ଭଙ୍ଗା ଯାଇଛି ଆଉ ଦ୍ୱାର ଖୋଲା ଯାଇ ଠାକୁର ଙ୍କ ମୁଣ୍ଡରେ ଥିବା ଦୁଇଟା ରୁପା ମୁକୁଟ



ଦୁଇ ହଳ ରୁପା ପାଉଜି,ରୁପାର ହାର ଏକଟି , ସୁନାର ମଙ୍ଗଳ ସୂତ୍ର ଗୋଟିଏ, ସୁନା ନାକ ଫୁଲ ଏକଟା , ସୁନା ମୁଦି ଦୁଇଟା,ସୁନା ଖଡୁ ଏକଟି,ରୁପା ଖଡୁ ଦୁଇଟା, ରୁପା ଗିନା ଏକଟି, ଥାଳିଆ ଏକଟି, ପିତଳ ଘଣ୍ଟ ଦୁଇଟା, ପିତଳ ଢାଳ ଦୁଇଟା, ପିତଳ କୁଣ୍ଡ ଏକଟା, ହାତ ଘଣ୍ଟି, ଦ୍ୱୀପ, ଆଳତି ଦ୍ୱୀପ,ତସଲାଦୁଇଟା, ଥାଳି ଦୁଇଟା ସମେତ ଅନ୍ୟ ସବୁ ପୂଜା ସରଞ୍ଜାମ ଚୋରୀ ହୋଇଯାଇଥିବା ପୂଜକ ପୁରୁଷୋତ୍ତମ ପଣ୍ଡା ଦେଖି ଗ୍ରାମ ବାସୀଙ୍କୁ ଜଣାଉବା ସହିତ ସଭାପତି ଭାସ୍କର ରାଉତ ଙ୍କ ସହିତ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବାରମ୍ବାର ମନ୍ଦିର ରୁ ଚୋରି ହେଉଥିବା ରୁ ସେମାନେ କିଏ ତାହା ଆଜି ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଥିବା ବେଳେ ଅସ୍ତରଙ୍ଗ, କାକଟପୁର ଅଞ୍ଚଳ ରେ ମନ୍ଦିର ଲୁଟେରା ଙ୍କ ଉତ୍ପାତ ଏବେ ସାଧରଣ ଲୋକ ଙ୍କ ଭିତରେ ଭୟ ର ବାତାବରଣ ସୃଷ୍ଟି କରିଛି। ସ୍ଥାନୀୟ ଅଞ୍ଚଳ ରେ ବିଭିନ୍ନ ନିଶା କାରବାର ବୃଦ୍ଧି ଘଟୁଥିବା ବେଳେ ଏହା ପଛରେ ନିଶାଖିଆ ଲୁଟେରା ହୋଇ ଥାଇ ପାରନ୍ତି ବୋଲି ସ୍ଥାନୀୟ ଲୋକ ଙ୍କ ଅଭିଯୋଗ ମଧ ରହିଛି। ଯାହା ଥାନା ଅଧିକାରୀଙ୍କ ଆଗରେ ଏକ ଚ୍ୟାଲେଞ୍ଜ ଭାବରେ ରହିଚି। ଏହି ସମ୍ବନ୍ଧରେ କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁଙ୍କୁ ପଚାରିବାରୁ ସେ ତାଙ୍କ ମତାମତ ରେ କହିଲେ ଯେ କେସ ନମ୍ବର ୧୦୯/୨୬ରେ ମାମଲା ରୁଜୁ କରାଯାଇ ବିଭିନ୍ନ ଦିଗରୁ ତଦନ୍ତ କରାଯାଉଛି ଖୁବ ଶୀଘ୍ର ଲୁଟେରାଙ୍କୁ ଧରା ଯିବ।

## ପୋଖରୀଗୋଛା ଓ ଟାକରା ଜଙ୍ଗଲରେ ଭୟାବହ ଅଗ୍ନିକାଣ୍ଡ
### ମହୁଲ ସଂଗ୍ରହ ପାଇଁ ନିଆଁ ଲଗାଉଛନ୍ତି, ୩୪ ରୁ ଉର୍ଦ୍ଧ ସ୍ଥାନରେ ଲାଗିଛି

ନୟାଗଡ଼, ( ମହାଭାରତ ) : ମହୁଲ ସଂଗ୍ରହ ପାଇଁ ଜାଳି ଦେଉଛନ୍ତି ଜଙ୍ଗଲ। ଯାହାକି ବିଗତ ଦିନ ଅପେକ୍ଷା ଆଜି ଦଶପଲ୍ଲା ବନାଞ୍ଚଳରେ ଜଙ୍ଗଲ ନିଆଁକୁ ନେଇ ସ୍ଥିତି ଗମ୍ଭୀର ହୋଇପଡ଼ିଛି। ଦଶପଲ୍ଲାର ଘଞ୍ଚ ଜଙ୍ଗଲ କୁହାଯାଉଥିବା ପୋଖରୀଗୋଛା ଓ ଟାକରା ସେକ୍ସନର କେନ୍ଦ୍ରୀୟ ସଂରକ୍ଷିତ ଜଙ୍ଗଲରେ ଭୟାବହ ଅଗ୍ନିକାଣ୍ଡ ହୋଇଛି। ଏହି ନିଆଁ ଏତେ ଗମ୍ଭୀର ହୋଇପଡ଼ିଛି ଯେ ଦିନ ତମାମ୍ ବନପାଳ ଙ୍କ ଠାରୁ ଆରମ୍ଭ କରି ବନରକ୍ଷୀ ଓ ସ୍କ୍ୱାର୍ଡ କର୍ମଚାରୀ ମାନେ ମିଳିତ ଭାବେ ନିଆଁକୁ ଲିଭାଇବାକୁ ଉଦ୍ୟମ ଜାରି ରଖିଛନ୍ତ। ଏହି ନିଆଁକୁ ନେଇ ଜଙ୍ଗଲରେ ରହୁଥିବା ବନ୍ୟପ୍ରାଣୀ ଏବେ ତ୍ରାହିତ୍ରାହି ଡାକିଲେଣି। କିଏ ନିଆଁରେ ଜଳିପୋଡ଼ି ଯାଉଛି ତ ପୁଣି କିଏ ଜନବସତି ମୁହାଁ ହୋଇ ବିପଦ ମୁହଁକୁ ଠେଲି ହେଉଛି। ବଡ଼କଥା ହେଉଛି, ବିଗତ ଦିନ ଅପେକ୍ଷା ଆଜି ଗୋଟିଏ ଦିନରେ ସନ୍ଧ୍ୟାସୁଦ୍ଧା ୩୪ଟି ସ୍ଥାନରେ ନିଆଁ ଲାଗିଥିବା ରିପୋର୍ଟ ଆସିଥିବା ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶ କହିଛନ୍ତି। ହେଲେ ବେସରକାରୀ ସ୍ତରରେ ଏହା ଅଧିକ ରହିଛି। ଯାହାକି ଆଜି ବିଭିନ୍ନ ସ୍ଥାନରେ ଜଙ୍ଗଲ ନିଆଁକୁ ଆୟତ କରିବା ପାଇଁ ଦମକଳ ବାହିନୀକୁ ସାମିଲ୍ ହେବାକୁ ପଡ଼ିଛି। ଦଶପଲ୍ଲାର ରଙ୍ଗମାଟିଆ ଓ କଲେଜ ପାଖ ଆଦି ୪ଟି ସ୍ଥାନକୁ ଯାଇ ଜଙ୍ଗଲ ନିକଟବର୍ତ୍ତୀ ସ୍ଥାନରୁ ନିଆଁ ଲିଭା ଯାଇଥିବା ଦମକଳ ବାହିନୀ ପକ୍ଷରୁ ସୂଚନା ମିଳିଛି। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଗାଁ ଗାଁରେ ସଚେତନତା କରାଯାଉଥିବା ବେଳେ ଜଙ୍ଗଲ ନିକଟବର୍ତ୍ତୀ ଲୋକ ମାନେ ଜଙ୍ଗଲରୁ ମହୁଲ ସଂଗ୍ରହ କରିବା ପାଇଁ ଏହି ନିଆଁ ଲଗାଇ ଦେଉଛନ୍ତି। ମହୁଲ ଗଛର ମୂଳକୁ ସଫା କରିବା ପାଇଁ ଏହି ନିଆଁ ଲଗାଯାଉଥିବା ବେଳେ ଧୀରେ ଧୀରେ ଏହି ନିଆଁ ଜଙ୍ଗଲକୁ ବ୍ୟାପୀଯାଉଛି। ସେହିଭଳି ବନ୍ୟପ୍ରାଣୀ ଅଞ୍ଚଳରେ ଥିବା ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ମଧ ନିଆଁ ଲାଗିଥିବା ସୂଚନା ମିଳିଛି। ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ନିଆଁକୁ ଆୟତ କରିବା ପାଇଁ ଉଦ୍ୟମ ଜାରି ରହିଛି। ବାଣିଗୋଛା (ପଶ୍ଚିମ) ବନାଞ୍ଚଳ କାର୍ଯ୍ୟାଳୟରେ କୌଣସି ଅଧିକାରୀ ନଥିବା ହେତୁ ନିଆଁକୁ ଆୟତ କରିବା କଷ୍ଟକର ହୋଇ ପଡୁଛି। ଏହି ବନାଞ୍ଚଳ ଦାୟିତ୍ୱ କୁଶଙ୍ଗ ବନା□ଳ ଅଧିକାରୀଙ୍କ ହାତକୁ ଟେକି ଦିଆଯାଇଥିବା ହେତୁ ଏବେ ଜଙ୍ଗଲ ନିଆଁ ପାଇଁ ନାନା ସମସ୍ୟା ଉପୁଜୁଥିବା କୁହାଯାଉଛି। ତେବେ ଜଙ୍ଗଲ ନିଆଁ ପାଇଁ ପୂର୍ବାହ୍ନରେ ଚତୁର୍ପାର୍ଶ୍ୱ ଧୂଆଁର ଆସ୍ତରଣ ମଧ୍ୟରେ ରହୁଛି ପରିବେଶ ଦୂଷିତ ହେବା ସହିତ ସବୁଜିମା ଧ୍ୱଂସ ପାଉଛି। ବନ୍ୟପ୍ରାଣୀଙ୍କ ବାସସ୍ଥାନ ଜଳିପୋଡ଼ି ଛାରଖାର ହେଉଛି।

# ପଣସ ମିଶନ ଦିଗହରା:ଅଭାବୀ ବିକ୍ରିର ଶିକାର ଆଦିବାସୀ



ନାରାୟଣପାଟଣା , (ମହାଭାରତ )- କୋରାପୁଟ ଜିଲାର ପ୍ରତ୍ୟେକ ଗ୍ରାମ ଓ ପାହାଡ଼ ଜଙ୍ଗଲରୁ ଆଦାୟ ହେଉଥିବା ପଣସ କିଣିବା ପାଇଁ ଦଲାଲ ସକ୍ରିୟ ।ଏଥିପାଇଁ ବନ୍ଧୁଗାଁ, ନାରାୟଣପାଟଣା, , ଲକ୍ଷ୍ମୀପୁର ବ୍ଲକର ରାସ୍ତାଘାଟରେ ଛୋଟ ଛୋଟ ଭାଡ଼ି ବାନ୍ଧି ମଣ୍ଡି ସଦୃଶ୍ୟ ଲୋକଙ୍କ ଠାରୁ କଷି ପଣସ କିଲୋ ପିଛା ୨୦ ରୁ ୩୦ ଟଙ୍କାରେ କିଣୁଛନ୍ତି । କାରଣ କୋରାପୁଟର ଜଙ୍ଗଲୀ ପଣସରେ ଭିଟାମିନ ଏ, ବି୬, ସି, କ୍ୟାଲସିୟମ, ପୋଟାସିୟମ, ଆଇରନ, ଫଲିକ ଏସିଡ, ଥାୟାମିନ ଏବଂ ନିଆମିନ ପରି ଅନେକ ପୋଷକତତ୍ତ୍ୱ ରହିଛି । ଯେଉଁଥିପାଇଁ କିଲୋରେ କିଣି ବାହାର ରାଜ୍ୟକୁ ପ୍ରତିଦିନ ଚାଲାଣ କରୁଛନ୍ତି ଦଲାଲ ।ଅନ୍ୟପଟେ କୋରାପୁଟ ଜିଲା ତଥା ଆମ ବ୍ଲକ ରେ ପଣସ ପାଇଁ ନାଁ ଅଛି ବଜାର ନା ଅଛି ପଣସ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀର ପ୍ରକ୍ରିୟାକରଣ କେନ୍ଦ୍ର । ନା ମିଳୁଛି କେନ୍ଦ୍ର ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ । ତେଣୁ କୋରାପୁଟ ଜିଲା ପ୍ରଶାସନ ସମେତ ରାଜ୍ୟ ସରକାରଙ୍କ ପଣସ ମିଶନ ଦିଗହରା ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ସାଉଁଟିଛି । ସୂଚନା ମୁତାବକ ଆଦିବାସୀଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଲାଗି ଯେଉଁସବୁ ଜଙ୍ଗଲଜାତ ଦ୍ରବ୍ୟ ରହିଛି ସେଥିରେ କୋରାପୁଟ ଜିଲ୍ଲା ନାରାୟଣପାଟଣା ଜଙ୍ଗଲୀ ପଣସ ଅନ୍ୟତମ । ବର୍ତ୍ତମାନ ଗାଁଗହଳିର ରାସ୍ତାକଡ଼ରେ ଏହାର ଚାହିଦା ବେଶୀ। କାରଣ ବାହାର ରାଜ୍ୟର ଦଲାଲ ସକ୍ରିୟ ହୋଇ ଗ୍ରାମବାସୀଙ୍କ ଠାରୁ କଷି ପଣସ କିଲୋ ପିଛା ୨୦ ରୁ ୩୦ ଟଙ୍କା ଦରରେ କିଣି ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ଦେଖିବାକୁ ମିଳୁଛି । ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ବିହାର, ମଧ୍ୟପ୍ରଦେଶ ଓ କେରଳରେ ଏହାର ଚାହିଦା ଓ ବଜାର ମୂଲ୍ୟ ଅଧିକ ରହିଥିବା ଯୋଗୁଁ ଏବେ ଜିଲାର ଗାଁ ଗାଁ ବୁଲି ପଣସ ସଂଗ୍ରହରେ ଲାଗି ପଡିଛନ୍ତି ଦଲାଲ । ଏପରିକି ଗଛ ସହ ଫଳ ଲାଗିଥିବା ପଣସ କଷିକୁ ଆଗୁଆ ଅଗ୍ରିମ ଦେଇ ସମୟ ପୂର୍ବରୁ କିଣି ରଖୁଛନ୍ତି । ସାଧାରଣତଃ ଜାନୁଆରୀ ମାସରୁ ଫଳୁଥିବା ଏହି ପଣସ । ମାର୍ଚ୍ଚ ମାସ ବେଳକୁ ବଜାରରୁ ଗାଏବ ହେଇ ଯାଉଛି । ଏପଟେ ଚାଷୀଙ୍କ ପଣସ ବିକ୍ରି ପାଇଁ ପ୍ରଶାସନ ପକ୍ଷରୁ କୌଣସି ସୁବିଧା ନାହିଁ । ମିଶନଶକ୍ତି ଅଧୀନରେ ହଜାର ହଜାର ମହିଳା ଗୋଷ୍ଠୀ ଜିଲାରେ ସକ୍ରିୟ ଥିବା ବେଳେ ଏଥିରୁ ଚିପ୍ସ, ଆଚାର, ବ୍ୟଞ୍ଜନ, ମଞ୍ଜିରୁ ଅଟା ଆଦି ପ୍ରସ୍ତୁତି ପାଇଁ ନାହିଁ ପ୍ରୋତ୍ସାହନ କିମ୍ ପ୍ରକ୍ରିୟାକରଣ କେନ୍ଦ୍ର । ଏଣୁ ଚାଷୀ ଦଲାଲ ହାତରେ ଟେକି ଦେବାକୁ ବାଧ୍ୟ ହେଉଛି । ସେଥିପାଇଁ ପାଚିଲା ପଣସ ଖାଇବା ପାଇଁ ହେଉ ବା ପର୍ବପର୍ବାଣୀ ଲାଗି ଲୋକ ଭୁଲି ଗଲେଣି ।ଗୁଣର ଭଣ୍ଡାରରେ ପରିପୂର୍ଣ୍ଣ ଏହି ପଣସ ଯାହାକୁ ଉଭୟ କଞ୍ଚା ଓ ପାଚିଲାରେ ଖିଆଯାଏ ଆଗାମୀ ଦିନରେ ଏହି ସାମଗ୍ରୀ ଲୋପ ହୋଇଯିବ ବୋଲି ଆଶଙ୍କା କରାଯାଉଛି । କୋରାପୁଟ ଜିଲାରେ ଥିବା ଉଦ୍ୟାନ, କୃଷି, ଜଙ୍ଗଲ ବିଭାଗ ଓ ଚାଷୀଙ୍କ ଦ୍ୱାରା ଏକର ଏକର ଜମିରେ ପଣସ ଗଛ ଲଗାଯାଇଥିବା ଓ ବର୍ଷକୁ ଟନ ଟନ ପଣସ ଉତ୍ପାଦନ ହେଉଛି ବୋଲି ସୂଚନା ମିଳିଛି । ଜିଲା ଓରମାସ ତରଫରୁ ସରକାର ପଣସ ମିଶନ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟମାନଙ୍କ ଜରିଆରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ଚାଷୀ ଓ ବେପାରୀ ମାନଙ୍କ ପାଇଁ ଖୁବ ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ସିଇଓ ବର୍ଷ ବର୍ଷ ହେବ କହି ଆସୁଥିବାବେଳେ ଆଜିପର୍ଯ୍ୟନ୍ତ ଗୋଟିଏ କାର୍ଯ୍ୟକାରୀ ହେଉନାହିଁ।

## ଇରାନକୁ ବଡ଼ ଝଟକା, କ୍ଷେପଣାସ୍ତ୍ର ମାଡ଼ରେ ଗୋଡ଼ ହରାଇଲେ ଇରାନର ନୂଆ ସୁପ୍ରିମ ଲିଡର୍



ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଇରାନକୁ ବଡ଼ ଝଟକା । ଗୋଡ଼ ହରାଇଲେ ଇରାନର ନୂଆ ସୁପ୍ରିମ ଲିଡର୍ ମୋଜତାବା ଖାମେନେଇ । ଏକ ଏୟାର ଷ୍ଟ୍ରାଇକରେ ମୋଜତାବା ଖାମେନେଇ ଗୋଡ଼ ହରାଇ କୋମାରେ ପୀଡ଼ିତ ହୋଇଛନ୍ତି। ଏକ ବିଶେଷ ସୂତ୍ରରୁ ମିଳିଛି ଏହି ସୂଚନା । ପିତା ଆୟୋତୋଲ୍ଲା ଅଲ୍ଲୀ ଖାମେନେଇଙ୍କ ମୃତ୍ୟୁ ପରେ ଇରାନର ନୂଆ ସୁପ୍ରିମ ଲିଡର ହୋଇଥିବା ମୋଜତାବାଙ୍କ କୋମା ସ୍ଥିତି ନେଇ ବିଗିଡ଼ିଛି ଇରାନର ପ୍ରତିରକ୍ଷା ବ୍ୟବସ୍ଥା । ଆୟୋତୋଲ୍ଲା ଅଲ୍ଲୀ ଖାମେନେଇଙ୍କ ଉପରେ କ୍ଷେପଣାସ୍ତ୍ର ମାଡ଼ ବେଳେ ମୋଜତାବା ଆହତ ହୋଇଥିବା ସୂଚନା ମିଳିଛି । ମୋଜତାବା କୋମାରେ ପୀଡ଼ିତ ହେବା ପରେ ବର୍ତ୍ତମାନ ଇରାନ ସେନାକୁ କିଏ ପରିଚାଳନା କରିବ ତାହାକୁ ନେଇ ଉଠିଛି ବଡ଼ ପ୍ରଶ୍ନ । ତେବେ ଆୟୋତୋଲ୍ଲା ଅଲ୍ଲୀ ଖାମେନେଇଙ୍କ ମୃତ୍ୟୁ ପରେ ମୋଜତାବାଙ୍କୁ କଡ଼ା ସୁରକ୍ଷା ବଳୟରେ ରଖିଥିଲା ଇରାନ ପ୍ରତିରକ୍ଷା ବିଭାଗ । ଓଜଏଓ ସମେତ ଇରାନର ଖୁଖାର୍ ପୋଲିସ ବାହିନୀ ସୁରକ୍ଷା ବଳୟରେ ରହିଥିଲେ ମୋଜତାବା । ଏତେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥାଇ ମଧ୍ୟ ମୋଜତାବା କିପରି ଆକ୍ରମଣର ଶିକାର ହେଲେ ତାହାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି ।

## ଦୁଇ ଘଣ୍ଟା ଗ୍ୟାସ୍ ସିଲିଣ୍ଡର ନେବାକୁ ଲାଇନରେ ଠିଆ ହୋଇଥିଲେ ବୃଦ୍ଧ, ଆସିଲା ହାର୍ଟ ଆଟାକ୍

ଜଳନ୍ଧର : ପଞ୍ଜାବ ବରନାଲା ଜିଲ୍ଲା ଶୋହନା ଗାଁରେ ଅଭାବନୀୟ ଘଟଣା। ଗ୍ୟାସ୍ ସିଲିଣ୍ଡର ନେବା ପାଇଁ ଲାଇନରେ ଠିଆ ହୋଇଥିବା ବୃଦ୍ଧ ହାର୍ଟଆଟାକରେ ମୃତ୍ୟୁବରଣ କରିଛନ୍ତି । ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଖବର ମୁତାବକ, ଶୋହନାରେ ରହୁଥିବା ୬୬ ବର୍ଷୀୟ ବୃଦ୍ଧ ଭୂଷଣ କୁମାର ମିତ୍ତଲ ସକାଳ ୮ଟାରେ ଗ୍ୟାସ୍ ସିଲିଣ୍ଡର ନେବା ପାଇଁ ସ୍ଥାନୀୟ ଗ୍ୟାସ୍ ଏଜେନ୍ସୀ ବାହାରେ ଲାଇନରେ ଲାଗିଥିଲେ । ଏଠାରେ ସିଲିଣ୍ଡର ନେବା ପାଇଁ ଲମ୍ବା ଲାଇନ ଲାଗିଥିଲେ । ଭୂଷଣ କୁମାରଙ୍କ ନମ୍ବର ୨୫ରେ ରହିଥିଲା । ଦୁଇ ଘଣ୍ଟା ଧରି ଗ୍ୟାସ୍ ନେବାକୁ ଅପେକ୍ଷା କରିଥିଲେ । ଏହି ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିଲା । ଆଉ ଏଠାରେ ଥିବା ଲୋକ ତାଙ୍କୁ ଧରିପକାଇଥିବା ବେଳେ ହାର୍ଟଆଟାକ୍ ଆସିଥିଲା। ଆଉ ଘଟଣା ସ୍ଥଳରେ ତାଙ୍କ ଜୀବନ ଚାଲିଯାଇଥିଲା । ଘଟଣା ବିଷୟରେ ସୂଚନା ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ମାହୋଲ ଦେଖାଦେଇଛି। ପରିବାର ଲୋକ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ହସପିଟାଲ ନେଇଛନ୍ତି । ଏହି ଘଟଣା ପରେ ସ୍ଥାନୀୟ ଲୋକ ଏବଂ ରାଜନୈତିକ ନେତାଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି । କଂଗ୍ରେସ ନେତା ସୁଖବିନ୍ଦର ସିଂହ ଧାଲିୱାଲ ଘଟଣାରେ କେନ୍ଦ୍ର ସରକାରକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ବୃଦ୍ଧ ଜଣକ ମଜୁରୀ ଲାଗି ନିଜ ପରିବାର ଚଳାଉଥିଲେ । କଂଗ୍ରେସ ନେତା ମୃତକଙ୍କ ପରିବାର ପ୍ରତି ସମବେଦନା ବ୍ୟକ୍ତ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବୃଦ୍ଧଙ୍କୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି ।

## ମଝି ଆକାଶରେ ଦୁଇଟି ଇନ୍ଧନ ବିମାନ ଧକ୍କା: ୪ କ୍ରୁ ସଦସ୍ୟ ମୃତ

ୱାଶିଂଟନ: ଇରାନ ବିରୁଦ୍ଧରେ ଜାରି ରହିଥିବା ସାମରିକ ଅଭିଯାନ ମଧ୍ୟରେ ଆମେରିକା ଓ ଇସ୍ରାଏଲ ବଡ଼ ଧରଣର ସାମରିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଶୁକ୍ରବାର ଆମେରିକା ବାୟୁସେନାର ଏକ ଗୁରୁତ୍ୱପୂର୍ଣ୍ଣ ଇନ୍ଧନ ଯୋଗାଣ ବିମାନ କେସି-୧୩୫ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଘଟଣାରେ ବିମାନରେ ଥିବା ୬ ଜଣ କ୍ରୁ ସଦସ୍ୟଙ୍କ ମଧ୍ୟରୁ ୪ ଜଣ ପ୍ରାଣ ହରାଇଛନ୍ତି। ଆମେରିକାର କେନ୍ଦ୍ରୀୟ କମାଣ୍ଡ ଅନୁଯାୟୀ, ଏହି ଯୁଦ୍ଧରେ ଆନୁଷ୍ଠାନିକ ଭାବେ ଆମେରିକା ଏପର୍ଯ୍ୟନ୍ତ ୪ଟି ବିମାନ ହରାଇସାରିଲାଣି। ସେଣ୍ଟକମ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଦୁର୍ଘଟଣାରେ ଦୁଇଟି ବିମାନ ସାମିଲ ଥିଲେ। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ଦେଖାଯାଉଛି ଯେ, ଦ୍ୱିତୀୟ ଆମେରିକୀୟ ଇନ୍ଧନ ଟ୍ୟାଙ୍କର୍ଟି କ୍ଷତିଗ୍ରସ୍ତ ଅବସ୍ଥାରେ ତେଲ ଅଭିଭ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିଛି। ବିମାନର ପଛ ଅଂଶ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ଇନ୍ଧନ ଭରିବା ସମୟରେ ଦୁଇଟି ଟ୍ୟାଙ୍କର୍ ବିମାନ ପରସ୍ପର ସହ ଧକ୍କା ହୋଇଥିଲେ, ଯାହାଫଳରେ ଗୋଟିଏ ବିମାନ ଖସିପଡ଼ିଥିବା ବେଳେ ଅନ୍ୟଟି କୌଣସି ପ୍ରକାରେ ଅବତରଣ କରିବାରେ ସଫଳ ହୋଇଛି। ଅନ୍ୟପଟେ ସେଣ୍ଟକମ୍ ସ୍ପଷ୍ଟ କରିଛି ଯେ, ଏହି ଦୁର୍ଘଟଣାରେ ଶତ୍ରୁପକ୍ଷର ଗୁଳିମାଡ଼ର କୌଣସି ପ୍ରମାଣ ମିଳିନାହିଁ। କିନ୍ତୁ, ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିମାନର ବିନାଶ ଆମେରିକା ପାଇଁ ଏକ ବଡ଼ ଝଟକା ସାବ୍ୟସ୍ତ ହୋଇଛି। ବର୍ତ୍ତମାନ ଦୁର୍ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି।

## ଶକ୍ତିଶାଳୀ ବିସ୍ଫୋରଣରେ ଥରିଲା ଦୁବାଇ

ଦୁବାଇ : ଦୁବାଇରେ ଶକ୍ତିଶାଳୀ ବିସ୍ଫୋରଣ । ଆକାଶରୁ ଖସାଇ ଦିଆଗଲା ଶତ୍ରୁପକ୍ଷର ଡ୍ରୋନ୍ । ଶକ୍ତିଶାଳୀ ବିସ୍ଫୋରଣରେ ଥରିଲା ଦୁବାଇ । ବୁର୍ଜ ଖଲିଫା ନିକଟରେ ଖସିଲା ମିସାଇଲ୍ ଅଂଶ । ଦୁବାଇର ମଧ୍ୟଭାଗରେ ଏକାଧିକ ଶକ୍ତିଶାଳୀ ବିସ୍ଫୋରଣ ଶୁଣିବାକୁ ମିଳିଛି । ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଇରାନ-ଆମେରିକା-ଇସ୍ରାଏଲ୍ ସଂଘର୍ଷ ମଧ୍ୟରେ ଏହି ଘଟଣା ସାରା ବିଶ୍ୱକୁ ଚିନ୍ତାରେ ପକାଇଛି । ବିସ୍ଫୋରଣ ପରେ ସହରର ଆକାଶରେ କଳା ଧୂଆଁର ବାଦଲ ଦେଖିବାକୁ ମିଳିଥିଲା । ଦୁବାଇର ଶେଖ ଜାଏଦ ରୋଡ୍ ଏବଂ ବୁର୍ଜ ଖଲିଫା ନିକଟ ଅଞ୍ଚଳରେ ପ୍ରବଳ ଶବ୍ଦ ଶୁଣାଯାଇଥିଲା, ଯାହା ଫଳରେ ବଡ଼ ବଡ଼ କୋଠାଗୁଡ଼ିକ ଥରି ଉଠିଥିଲା । ଦୁବାଇ ସରକାର କହିଛନ୍ତି, ଶତ୍ରୁପକ୍ଷରୁ ଆସୁଥିବା ଡ୍ରୋନ୍ କିମ୍ବା ମିସାଇଲକୁ ଦୁବାଇର ବାୟୁ ପ୍ରତିରକ୍ଷା ବାହିନୀ ଆକାଶରେ ହିଁ ନଷ୍ଟ କରିଦେଇଛି । ଏହାର କିଛି ଭଗ୍ନାଂଶ ଏକ କୋଠା ଉପରେ ପଡ଼ିବାରୁ ସାମାନ୍ୟ କ୍ଷୟକ୍ଷତି ହୋଇଛି, କିନ୍ତୁ କେହି ମୃତାହତ ହୋଇନାହାନ୍ତି । ଏହା ଇରାନ ପକ୍ଷରୁ କରାଯାଇଥିବା ଆକ୍ରମଣ ବୋଲି ସନ୍ଦେହ କରାଯାଉଛି ।

# ଭୟରେ ଅଧିକ ଗ୍ୟାସ୍ କିଣୁଛନ୍ତି ଗ୍ରାହକ:ଦୈନିକ ୭୫.୭ ଲକ୍ଷ ବୁକିଂ:ଯୁଦ୍ଧ ପୂର୍ବରୁ ଥିଲା ୫୫.୭ ଲକ୍ଷ





ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଦେଶରେ ରନ୍ଧନ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଘରୋଇ ଏଲ୍‌ପିଜି ଯୋଗାଣକୁ ନିଶ୍ଚିତ କରିବା ପାଇଁ ସରକାର ବାଣିଜ୍ୟିକ ଏଲ୍‌ପିଜି ଯୋଗାଣ ଉପରେ କଟକଣା ଲଗାଇଛନ୍ତି। ଏଭଳି ସମୟରେ ସରକାର ଆଜି କହିଛନ୍ତି ଯୁଦ୍ଧ କାରଣରୁ ଏଲ୍‌ପିଜି ନପାଇବା ଆଶଙ୍କା ଗ୍ରାହକଙ୍କ ମନରେ ଦେଖାଦେଇଛି। ଏଥିପାଇଁ ସେମାନେ ଅଧିକ ସଂଖ୍ୟାରେ ଏଲ୍‌ପିଜି ବୁକିଂ କରୁଛନ୍ତି।

ଭୟରେ ଏଲ୍‌ପିଜି ବୁକିଂ ନକରିବା ପାଇଁ ଲୋକଙ୍କୁ ସରକାର କହିଛନ୍ତି। ଆବଶ୍ୟକତା ଥିଲେ ବୁକିଂ କରିବା ପାଇଁ ପରାମର୍ଶ ଦେଇଛନ୍ତି। ପରିବାରଗୁଡ଼ିକୁ ନିରବଚ୍ଛିନ୍ନ ଭାବେ ଏଲ୍‌ପିଜି ଯୋଗାଣକୁ ନିଶ୍ଚିତ କରିବା ଉପରେ ସରକାର କାର୍ଯ୍ୟ କରୁଛନ୍ତି। ତେବେ ପିଏନ୍‌ଜି ସୁବିଧା ଥିବା ଅଞ୍ଚଳରେ ବସବାସ କରୁଥିବା ପରିବାରଗୁଡ଼ିକ ଏହାର ସଂଯୋଗ ନେବା ପାଇଁ ସରକାର କହିଛନ୍ତି। ଏଥିସହିତ ପୁଲିସ ଓ ରାଜ୍ୟ ସରକାରଙ୍କ ସହଯୋଗରେ କଳାବଜାରୀ ଓ ମହଜୁଦକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ସରକାର କହିଛନ୍ତି।

ପେଟ୍ରୋଲିୟମ ମନ୍ତ୍ରାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଚଳିତବର୍ଷ ଏପ୍ରିଲରୁ ଫେବ୍ରୁଆରି ମଧ୍ୟରେ ଦୈନିକ ୫୫.୭ ଲକ୍ଷ ସିଲିଣ୍ଡର ବୁକିଂ ହେଉଥିଲା। କିନ୍ତୁ ଯୁଦ୍ଧ ପରେ ଏହା ୩୫ ପ୍ରତିଶତ ବୃଦ୍ଧି ପାଇ ମାର୍ଚ୍ଚ ୧୨ ତାରିଖରେ ୭୫.୭ ଲକ୍ଷରେ ପହଞ୍ଚିଛି। ଗୁଜବ ଏବଂ ମିଛ ସମ୍ବାଦ ପାଇଁ ଲୋକମାନେ ଭୟରେ ଗ୍ୟାସ ବୁକିଂ କରୁଛନ୍ତି। ସେ କହିଛନ୍ତି ଯେ ଦେଶରେ ପ୍ରାୟ ୬୦ ଲକ୍ଷ ଏଲ୍‌ପିଜି ବ୍ୟବହାର କରୁଥିବା ପରିବାର ଅଛନ୍ତି ଯେଉଁମାନଙ୍କ ଘର ନିକଟରେ ପିଏନ୍‌ଜି ସଂଯୋଗ ସୁବିଧା ରହିଛି। କିନ୍ତୁ ସେମାନେ ଏହାର ଉପଯୋଗ କରୁନାହାନ୍ତି। ପିଏନ୍‌ଜି ସଂଯୋଗ ନେଲେ ଏଲ୍‌ପିଜି ଯୋଗାଣ ଉପରୁ ଚାପ କମିବ। ଦେଶରେ ୩୩.୪ କୋଟି ପରିବାର ଏଲ୍‌ପିଜି ସଂଯୋଗ ନେଇଥିବା ବେଳେ ମାତ୍ର ୧.୫ କୋଟି ପରିବାର ପାଇପ୍ ଯୋଗେ ଗ୍ୟାସ ସଂଯୋଗ ନେଇଛନ୍ତି।

# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସ୍ଥଗିତ



ନୂଆଦିଲ୍ଲୀ: ଆମେରିକା ସହ ବାଣିଜ୍ୟ ରାଜିନାମା ନେଇ ଗତ ମାସରେ ସହମତି ହୋଇଥିଲା ମାତ୍ର ଭାରତ ବିରୋଧରେ ଆମେରିକା ଅନୁଚିତ କାରବାର ଅଭିଯୋଗରେ ତଦନ୍ତ ନିର୍ଦ୍ଦେଶ ଦେବା ଓ ଅଧିକ ଶୁଳ୍କ ଲଗାଇବା ଧମକ ଦେବା ପରେ ଉକ୍ତ ରାଜିନାମାକୁ ସ୍ଥଗିତ ରଖାଯାଇଛି। ବର୍ତ୍ତମାନ ସମୟରେ ବାଣିଜ୍ୟ ଚୁକ୍ତିରେ ଭାରତ ସ୍ୱାକ୍ଷର କରିବ ନାହିଁ। ଚଳିତ ବର୍ଷ ଫେବ୍ରୁଆରିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ନିଜ ଭାରତ ରଣନୀତି ବଦଳାଇ କୋହଳ ମନୋଭାବ ପୋଷଣ କରିଥିଲେ।

ଭାରତ ଉପରେ ଲଗାଯାଇଥିବା ଶୁଳ୍କକୁ ୧୮ ପ୍ରତିଶତକୁ ହ୍ରାସ କରିଥିଲେ। ରୁଷ ତେଲ କିଣୁଥିବାରୁ ଭାରତ ଉପରେ ଲଗାଯାଇଥିବା ୨୫ ପ୍ରତିଶତ ଜରିମାନା ଶୁଳ୍କକୁ ମଧ୍ୟ ପ୍ରତ୍ୟାହାର କରିଥିଲେ। ତେଣୁ ଚଳିତ ମାସରେ ଆମେରିକା ସହ ଏକ ଅନ୍ତରୀଣ ଚୁକ୍ତି ଓ ପରବର୍ତ୍ତୀ ସମୟରେ ପୂର୍ଣ୍ଣାଙ୍ଗ ରାଜିନାମା ସ୍ୱାକ୍ଷର କରିବାକୁ ଭାରତ ଆଶା ରଖିଥିଲା। କିନ୍ତୁ ଭାରତ ବିରୋଧରେ ଆମେରିକା ତଦନ୍ତ ଆରମ୍ଭ କରିବା ପରେ ସରକାର ଚୁକ୍ତିକୁ ନେଇ ନିଜ ମନ ବଦଳାଇଛନ୍ତି। ରାଜିନାମା ସ୍ୱାକ୍ଷରକୁ କିଛି ମାସ ଟାଳିଦେଇଛନ୍ତି। ଗତ ମାସରେ ଆମେରିକାର ସୁପ୍ରିମକୋର୍ଟ ଟ୍ରମ୍ପ ଲଗାଇଥିବା ଶୁଳ୍କକୁ ଅସିଦ୍ଧ ଘୋଷଣା କରିବା ପରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ଆଲୋଚନା ଦିଗହରା ହୋଇଥିଲା। ସେହି ଘଟଣା ପରଠାରୁ ଦୁଇ ଦେଶ ମଧ୍ୟରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇନାହିଁ। ଅବଶ୍ୟ, ମଧ୍ୟପ୍ରାଚ୍ୟ ଯୁଦ୍ଧ ଦୃଷ୍ଟିରୁ ରୁଷରୁ ତେଲ କିଣିବା ଲାଗି ଆମେରିକା ଭାରତକୁ ୩୦ ଦିନର ଆଶ୍ୱସ୍ତି ପ୍ରଦାନ କରିଛି। ଭାରତର ଜଣେ ଅଧିକାରୀଙ୍କ କହିବାନୁସାରେ ଆମେରିକା ସୁପ୍ରିମକୋର୍ଟ ଶୁଳ୍କକୁ ଅସିଦ୍ଧ କରିବା ପରେ ଯେଉଁସବୁ ରାଜିନାମା ଅଟକି ରହିଛି ତାହାକୁ ପୂର୍ଣ୍ଣ କରିବାକୁ ଏକ ଚାପ କୌଶଳ ଭାବେ ଆମେରିକା ତଦନ୍ତ ଆରମ୍ଭ କରିଛି। ତେଣୁ ସ୍ଥିତି କେଉଁ ଆଡ଼କୁ ଗତି କରୁଛି ତାହା ଉପରେ ଭାରତ ଏବେ ନଜର ରଖିବ। ଅନ୍ୟପକ୍ଷରେ ଭାରତରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଗିଓ ଗୋର କହିଛନ୍ତି ଯେ ଟ୍ରମ୍ପଙ୍କ ପାଖରେ ଶୁଳ୍କ ଲାଗୁ କରିବାର ଅନେକ ଉପକରଣ ରହିଛି। ସେଥିରୁ ଗୋଟିଏ ହେଉଛି ଏକ ନିୟମର ଧାରା ୩୦୧। ଯେଉଁ ଦେଶମାନଙ୍କ ସହ ଆମେ ଚୁକ୍ତି କରିଛୁ ତାହାକୁ ସେମାନେ ସମ୍ମାନ ଦେବେ ବୋଲି ଆମେ ଆଶା କରୁଛୁ। ଭାରତ ଚୁକ୍ତିକୁ ସମ୍ମାନ ଦେବ। କାରଣ ତାହା ଉଭୟ ପକ୍ଷ ପାଇଁ ଏକ ବିଜୟ ଭଳି ବୋଲି ସେ କହିଛନ୍ତି।

## ଆଗ୍ରାରେ ଚାଞ୍ଚଲ୍ୟ: ଭିଡିଓ ବନାଇ ଆତ୍ମହତ୍ୟା କଲେ ପୋଲିସ କନଷ୍ଟେବଲଙ୍କ ଲିଭ୍-ଇନ୍ ପାର୍ଟନର, ଅଭିଯୁକ୍ତ ଗିରଫ

ଆଗ୍ରା: ଉତ୍ତର ପ୍ରଦେଶର ଆଗ୍ରା ଜିଲ୍ଲା ତାଜଗଞ୍ଜ ଥାନା ଅଞ୍ଚଳରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବତୀ ନିଜର ଜୀବନ ହାରିବା ପୂର୍ବରୁ ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରି ନିଜର ଦୁଃଖଦ କାହାଣୀ ବର୍ଣ୍ଣନା କରିଛନ୍ତି। ଏହି ମାମଲାଟି ଅଧିକ ସମ୍ବେଦନଶୀଳ ହୋଇଛି କାରଣ ମୃତକ ଜଣକ ଜଣେ ପୋଲିସ କନଷ୍ଟେବଲଙ୍କ ସହ ଦୀର୍ଘ ଦିନ ଧରି ଲିଭ୍-ଇନ୍ ସମ୍ପର୍କରେ ରହୁଥିଲେ। ଭାଇରାଲ ଭିଡିଓରେ



ମୃତ ଯୁବତୀ ଜଣକ ଅଭିଯୁକ୍ତ କନଷ୍ଟେବଲ ଜେବି ଗୌତମଙ୍କ ବିରୁଦ୍ଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଯୁବତୀଙ୍କ କହିବା ଅନୁଯାୟୀ, ଗୌତମ ତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଗତ ଚାରି ବର୍ଷ ଧରି ସ୍ତ୍ରୀ ଭାବରେ ରଖି ଆସୁଥିଲେ। ମାତ୍ର ବିବାହ ପାଇଁ ଚାପ ପକାଇବା ପରେ କନଷ୍ଟେବଲ ଜଣକ ପରିବାରର ଅସମ୍ମତି ଦର୍ଶାଇ ପଛଘୁଞ୍ଚା ଦେବା ସହ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଭିଡିଓରେ ସେ ଅତ୍ୟନ୍ତ ଭାବପ୍ରବଣ ହୋଇ କହିଛନ୍ତି ଯେ, ଅଭିଯୁକ୍ତ ନିଜେ ପୋଲିସ ହୋଇଥିବାରୁ ତାଙ୍କୁ ନ୍ୟାୟ ମିଳିବ କି ନାହିଁ ସେ ନେଇ ସେ ଆଶଙ୍କାରେ ଥିଲେ। ଘଟଣାଟି ସାମ୍ନାକୁ ଆସିବା ପରେ ପୋଲିସ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଡିସିପି ସିଟି ଅଲି ଆବାସଙ୍କ ନିର୍ଦ୍ଦେଶକ୍ରମେ ମାମଲାର ତୁରନ୍ତ ତଦନ୍ତ କରାଯାଇ ଅଭିଯୁକ୍ତ କନଷ୍ଟେବଲଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ତାଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବିତ କରାଯିବା ସହ ଗିରଫ କରି ଜେଲ ପଠାଯାଇଛି।

ପୀଡ଼ିତାଙ୍କ ପରିବାର ପକ୍ଷରୁ କରାଯାଇଥିବା ଅଭିଯୋଗ ଆଧାରରେ ପୋଲିସ ଏବେ ଭାଇରାଲ ଭିଡିଓକୁ ମୁଖ୍ୟ ପ୍ରମାଣ ଭାବେ ଗ୍ରହଣ କରିଛି। ଜଣେ ପୋଲିସ କର୍ମଚାରୀଙ୍କ ଏଭଳି କାର୍ଯ୍ୟକଳାପ ବିଭାଗ ପାଇଁ ଲଜ୍ୟାଜନକ ହୋଇଥିବା ବେଳେ, ପୋଲିସ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଜାରି ରଖିଛି। ଯୁବତୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବା ପାଇଁ ସମସ୍ତ ବୈଷୟିକ ଓ ପାରିପାର୍ଶ୍ୱିକ ପ୍ରମାଣ ସଂଗ୍ରହ କରାଯାଉଛି।

## ଆଫଗାନିସ୍ତାନର ପ୍ରାଇଭେଟ ଏୟାରଲାଇନର ଇନ୍ଧନ ଡିପୋ ଉପରେ ପାକିସ୍ତାନର ବୋମା ମାଡ଼

ନୂଆଦିଲ୍ଲୀ : ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ସଂଘର୍ଷ ବଢିବାରେ ଲାଗିଛି । ଆଫଗାନିସ୍ତାନ ଉପରେ ପାକିସ୍ତାନର ଏୟାରଷ୍ଟ୍ରାଇକ ପରେ ଦୁଇ ଦେଶ ମଧ୍ୟରେ ତିକ୍ତତା ବଢିବାରେ ଲାଗିଛି । ପାକିସ୍ତାନ ଦ୍ୱାରା କରାଯାଇଥିବା ଏୟାରଷ୍ଟ୍ରାଇକ ପରେ ତାଲିବାନର ଜଣେ ବରିଷ୍ଠ ଅଧିକାରୀ ପାକିସ୍ତାନର ପ୍ରମୁଖ ସହର ଉପରେ ଆକ୍ରମଣ ହେବା ନେଇ ଧମକ ଦେଇଛନ୍ତି । ଆଫଗାନିସ୍ତାନରେ ତାଲିବାନର ପ୍ରବକ୍ତ ଜବିହୁଲ୍ଲା ମୁଜାହିଦ କହିଛନ୍ତି, ପାକିସ୍ତାନ ଏୟାରଫୋର୍ସ କନ୍ଧାର ଏୟାରପୋର୍ଟ ନିକଟରେ ଥିବା ପ୍ରାଇଭେଟ ଏୟାରଲାଇନ୍ସର ଇନ୍ଧନ ଡିପୋ ଉପରେ ଆଟାକ କରିଛି । ଯାହା ଘରୋଇ ଏୟାରଲାଇନ୍ସ ସହିତ ସଂଯୁକ୍ତ ରାଷ୍ଟ୍ରର ବିମାନକୁ ଇନ୍ଧନ ଯୋଗାଇଥାଏ । ରମଜାନର ପବିତ୍ର ମାସର ଶେଷ ଦିନରେ ଆଫଗାନିସ୍ତାନ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମ ସ୍ଥିତିରେ ପହଞ୍ଚିଛି । ଆଫଗାନିସ୍ତାନ ଦାବି କରିଛି କି, ପାକିସ୍ତାନ ପୁଣି ଆଫଗାନ, କାବୁଲ, କାନ୍ଦାହାର, ପାକଟିଆ ସମେତ ଦେଶର ଅନେକ ସ୍ଥାନରେ ପ୍ରବଳ ଏୟାରଷ୍ଟ୍ରାଇକ କରିଛି । ଏଥିରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ଇରାନ-ଇସ୍ରାଏଲ ବିବାଦ ଯୋଗୁଁ ସାରା ବିଶ୍ୱରେ ତୈଳ ସଙ୍କଟ ଦେଖାଯାଇଥିବାବେଳେ ପାକିସ୍ତାନ ଏହି ଆକ୍ରମଣ କରିଛି । ଆଫଗାନିସ୍ତାନର ତାଲିବାନ ଅଧିକାରୀ କହିଛନ୍ତି ଯେ, ପାକିସ୍ତାନ ଆବାସିକ ଅଞ୍ଚଳକୁ ଟାର୍ଗେଟ କରୁଛି । ଏଥିରେ ଘର ନଷ୍ଟ ହେବା ସହିତ ମହିଳା ଓ ଶିଶୁଙ୍କ ସମେତ ଅନେକଙ୍କର ମୃତ୍ୟୁ ହୋଇଛି । ପାକିସ୍ତାନ କେତେକ ନିର୍ଜନ ଅଞ୍ଚଳରେ ମଧ୍ୟ ଆକ୍ରମଣ କରିଛି ।

# 'ହୋର୍ମୁଜ ଷ୍ଟ୍ରେଟ୍ ?'ରେ ଭାରତର ଦବଦବା ! ଇରାନ ରାଷ୍ଟ୍ରଦୂତ ଦେଲେ ବଡ଼ ସଂକେତ



ନୂଆଦିଲ୍ଲୀ : ଇରାନ, ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ବଢୁଥିବା ଯୁଦ୍ଧ ପରିସ୍ଥିତି ମଧ୍ୟରେ ଭାରତ ପାଇଁ ଏକ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି। ପାରସ୍ୟ ଉପସାଗରରେ ଜାରି ରହିଥିବା ଉତ୍ତେଜନା ଏବଂ ସାମୁଦ୍ରିକ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ ହେଉଥିବା ବେଳେ, ଭାରତରେ ଅବସ୍ଥାପିତ ଇରାନର ରାଷ୍ଟ୍ରଦୂତ ମହମ୍ମଦ ଫତହାଲି ଏକ ବଡ଼ ସଂକେତ ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ, ବିଶ୍ୱର ଅତି ଗୁରୁତ୍ୱପୂର୍ଣ୍ଣ ସିପିଂ ରୁଟ 'ହୋର୍ମୁଜ ଷ୍ଟ୍ରେଟ' (ଝଶ୍ୱକ୍ବବସଶ୍ବ କ୍ବଲ ଐକ୍ବକ୍ଷଙ୍କଙ୍କଛ) ଦେଇ ଭାରତକୁ ସୁରକ୍ଷିତ ଯାତାୟାତ ପାଇଁ ଅନୁମତି ମିଳିପାରେ।

ଯେତେବେଳେ ରାଷ୍ଟ୍ରଦୂତଙ୍କୁ ପଚରାଗଲା କି ଭାରତକୁ ହୋର୍ମୁଜ ମଧ୍ୟ ଦେଇ ସୁରକ୍ଷିତ ଯାତାୟାତର ସୁବିଧା ମିଳିବ କି ? ସେ କହିଥିଲେ,"ହଁ, କାରଣ ଭାରତ ଆମର ବନ୍ଧୁ। ଆପଣ ଏହାର ସକାରାତ୍ମକ ପରିଣାମ ଆଗାମୀ ଦୁଇ-ତିନି ଘଣ୍ଟା ମଧ୍ୟରେ ଦେଖିବାକୁ ପାଇବେ।" ଏହି ସାମୁଦ୍ରିକ ପଥ ବିଶ୍ୱ ବାଣିଜ୍ୟ ଏବଂ ତୈଳ ରପ୍ତାନି ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ଫତହାଲି କହିଛନ୍ତି ଯେ, ଏହି ଅଞ୍ଚଳରେ ଇରାନ ଏବଂ ଭାରତର ସ୍ୱାର୍ଥ ସମାନ। ଦୁଇ ଦେଶ ମଧ୍ୟରେ ଥିବା ସହଭାଗିତାକୁ ନେଇ ସେ କହିଛନ୍ତି, ଭାରତ ସରକାର ଆମକୁ ସାହାଯ୍ୟ କରନ୍ତି ଏବଂ ଆମେ ମଧ୍ୟ ଭାରତକୁ ସାହାଯ୍ୟ କରିବା ଉଚିତ। ଇରାନର ଉଚ୍ଚପଦସ୍ଥ ଅଧିକାରୀମାନେ ଭାରତ ସହ ସହଯୋଗର ପଥକୁ ସହଜ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇରାନର ରାଷ୍ଟ୍ରପତିଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତା ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ, ଉଭୟ ନେତା ଶାନ୍ତି ଏବଂ ସହଯୋଗ ପାଇଁ ଚେଷ୍ଟା କରୁଛନ୍ତି। ଇରାନ ଯୁଦ୍ଧ ଚାହୁଁନାହିଁ, କିନ୍ତୁ ଯଦି ପରିସ୍ଥିତି ଉପୁଜେ ତେବେ ସେଥିପାଇଁ ପ୍ରସ୍ତୁତ ଅଛି। ଆମେରିକା ସହ ଆଲୋଚନା ପ୍ରସଙ୍ଗରେ ସେ କହିଛନ୍ତି ଯେ, ଇରାନ ପକ୍ଷରୁ କଥାବାର୍ତ୍ତା ଆରମ୍ଭ କରାଯାଇଥିଲା, କିନ୍ତୁ ଦୁର୍ଭାଗ୍ୟବଶତଃ ତାହା ସଫଳ ହୋଇପାରି ନାହିଁ। ବର୍ତ୍ତମାନ ଇରାନ ବିଶ୍ୱର ସମସ୍ତ ସରକାରଙ୍କୁ ସ୍ପଷ୍ଟ କରିଛି ଯେ ସେମାନେ ଶାନ୍ତି ଚାହୁଁଛନ୍ତି। ହୋର୍ମୁଜ ଷ୍ଟ୍ରେଟ ଦେଇ ଭାରତର ଜାହାଜ ଗୁଡ଼ିକ ସୁରକ୍ଷିତ ଭାବେ ଗତି କଲେ, ଏହା ଭାରତର ଶକ୍ତି ସୁରକ୍ଷା ଏବଂ ଅର୍ଥନୀତି ପାଇଁ ଏକ ବଡ଼ ବିଜୟ ହେବ ବୋଲି କୁହାଯାଉଛି।

# ଟାର୍ଗେଟ୍ ଅଲିମ୍ପିକ୍ସ ପୋଡିୟମ୍ ସ୍କିମ୍ ଯୋଜନାର ପୁନର୍ଗଠନ

## ଟପ୍ସ ଯୋଜନାରେ ପ୍ରମୋଦ ଭଗତ ସାମିଲ



ନୂଆଦିଲ୍ଲୀ, ୧୩।୩: ଅଲିମ୍ପିକ୍ସ ପୋଡିୟମ୍‌ରେ ଅଧିକରୁ ଅଧିକ ଭାରତୀୟ ଖେଳାଳିଙ୍କୁ ଛିଡା କରାଇବାର ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ନେଇ ଭାରତ ସରକାର ଆରମ୍ଭ କରିଥିବା ଟାର୍ଗେଟ୍ ଅଲିମ୍ପିକ୍ସ ପୋଡିୟମ୍ ସ୍କିମ୍ (ଟପ୍ସ) ଯୋଜନାର ପୁନର୍ଗଠନ ହୋଇଛି। ନିୟମିତ ଭାବେ ଭଲ ପ୍ରଦର୍ଶନ କରି ଆସୁଥିବା ବହୁ ଉଦୀୟମାନ ଓ ପ୍ରତିଭାବାନ ଖେଳାଳିଙ୍କୁ ଏଥିରେ ସାମିଲ କରାଯାଇଥିଲା ବେଳେ ଖରାପ ପ୍ରଦର୍ଶନ କରି ଆସୁଥିବା ଅନେକ ଖେଳାଳିଙ୍କୁ ଏଥିରୁ ବାଦ୍ ଦିଆଯାଇଛି।

ନୂଆ ତାଲିକାରେ ସାମିଲ ହୋଇଥିବା ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ପିସ୍ତଲ ସୁଟର୍ ସମ୍ରାଟ ରାଣା, ସୁରୁଚି ସିଂହ, ଏସୀୟ କ୍ରୀଡା ସ୍ୱର୍ଣ୍ଣ ପଦକ ବିଜୟୀ ଲମ୍ବଦୂର ଧାବକ ଗୁଲବୀର ସିଂହ ଏବଂ ବିଶ୍ୱ ଚାମ୍ପିଅନ୍ ପାରା ବ୍ୟାଡ୍‌ମିଣ୍ଟନ୍ ତାରକା ତଥା ଓଡିଶା ପୁଅ ପ୍ରମୋଦ ଭଗତ ପ୍ରମୁଖ। ଖେଳାଳିଙ୍କ ପ୍ରଦର୍ଶନର ସମୀକ୍ଷା ପରେ ମୋଟ ୮ଜଣ ଖେଳାଳିଙ୍କୁ ଏଥିରେ ସାମିଲ କରାଯାଇଛି। ତାଲିକାରୁ ବାଦ୍ ପଡିଥିବା ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ବ୍ୟାଡ୍‌ମିଣ୍ଟନ୍ ତାରକା ଏଚ୍.ଏସ୍ ପ୍ରଣୟ, ପୂର୍ବତନ ଏସୀୟ କ୍ରୀଡା ସ୍ୱର୍ଣ୍ଣ ବିଜେତା ରାଇଫଲ୍ ସୁଟର୍ ଦିବ୍ୟାଂଶ ପନୱାର ଏବଂ କୁସ୍ତି ଯୋଦ୍ଧା ଦୀପକ ପୁନିଆ ପ୍ରମୁଖ। ଟପ୍ସ ଯୋଜନାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏନ୍.ଏସ୍ ଜୋହଲଙ୍କ ଅଧ୍ୟକ୍ଷତାରେ ମିସନ୍ ଅଲିମ୍ପିକ୍ସ ସେଲ୍‌ର ୧୬୯ତମ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ସମ୍ରାଟ ଗତବର୍ଷ ୧୦ ମିଟର ଏୟାର ପିସ୍ତଲରେ ବିଶ୍ୱ ଚାମ୍ପିଅନ୍ ହୋଇଥିଲେ। ସୁରୁଚି ଲଗାତାର ଚାରିଟି ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅନ୍ୟପକ୍ଷରେ ପ୍ରମୋଦ ଚଳିତବର୍ଷ ପ୍ରାରମ୍ଭରେ ନିଜ ଷଷ୍ଠ ବିଶ୍ୱ ଚାମ୍ପିଅନସିପ୍ ଟ୍ରଫି ଜିତିଥିଲେ। ୩୭ବର୍ଷୀୟ ପ୍ରମୋଦ ଜଣେ ପୂର୍ବତନ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ହୋଇଥିଲା ବେଳେ ଡୋପିଂ ନିରୋଧୀ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ତିନି ବର୍ଷ ବାସନ୍ଦ ହେବା ପରେ ଗତବର୍ଷ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପାରା ବ୍ୟାଡ୍‌ମିଣ୍ଟନ୍ କୋର୍ଟକୁ ଫେରିଥିଲେ।

ଏହି ଯୋଜନାରେ ସାମିଲ ହୋଇଥିବା ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ଏସୀୟ ରୌପ୍ୟ ପଦକ ବିଜେତା ରାଇଫଲ୍ ସୁଟର୍ ନୀରଜ କୁମାର ଆଦି, ମିଶ୍ରିତ ଯୁଗଳ ବ୍ୟାଡ୍‌ମିଣ୍ଟନ୍ ଯୋଡି ତନୀଷା କ୍ରାଷ୍ଟୋ, ଧ୍ରୁବ କପିଳା, ବକ୍ସର ଜସ୍ମିନ ଲାମ୍ବୋରିଆ। ମୋଟ ଉପରେ ଏହି ଯୋଜନାରେ ଏବେ ୫୬ଜଣ ଖେଳାଳି ସ୍ଥାନ ପାଇଛନ୍ତି।

ସେହିଭଳି ବକ୍ସିଂ ବିକାଶ ଯୋଜନାରେ ୧୪ଜଣ ମହିଳାଙ୍କ ସହ ୨୨ଜଣଙ୍କୁ ନିଆଯାଇଛି। ସେହିଭଳି ସୁଟିଂ ବିକାଶ ଯୋଜନାରେ ଥିବା ଖେଳାଳିଙ୍କ ସଂଖ୍ୟା ୧୩୦କୁ ବଢ଼ିଛି। ଟପ୍ସ ଯୋଜନାରେ ଖେଳାଳିମାନେ ମାସିକ ୫୦,୦୦୦ ଟଙ୍କାର ଭତ୍ତା ସହ ବିଦେଶରେ ପ୍ରଶିକ୍ଷଣ ଓ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଦୈନିକ ୨୫ ଡଲାରର ଅତିରିକ୍ତ ଭତ୍ତା ପାଇଥା'ନ୍ତି। ସେହିଭଳି ବିକାଶ ଯୋଜନାରେ ସାମିଲ ଥିବା ଖେଳାଳିମାନେ ମାସିକ ୨୫,୦୦୦ ଟଙ୍କାର ଭତ୍ତା ସହ ପ୍ରଶିକ୍ଷଣ ଓ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଦୈନିକ ୨୫ ଡଲାରର ଅତିରିକ୍ତ ଭତ୍ତା ବି ପାଇଥା'ନ୍ତି।

# ବିରାଟ ଓ ରୋହିତଙ୍କ ଲୋକପ୍ରିୟତା




ମୁମ୍ବାଇ: ଭାରତୀୟ କ୍ରିକେଟ୍‌ର ଦୁଇ ବଡ଼ ତାରକା ବିରାଟ କୋହଲି ଓ ରୋହିତ ଶର୍ମା ଟେଷ୍ଟ ଓ ଟ୍ୱେଣ୍ଟି-୨୦ ଫର୍ମାଟ୍‌ରୁ ଅବସର ନେଇସାରିଥିଲେ ବି ସେମାନଙ୍କର ଲୋକପ୍ରିୟତା ଟିକିଏ ବି ଊଣା ହୋଇନାହିଁ। ସେମାନଙ୍କ ଲୋକପ୍ରିୟତା ଏପରି ଯେ ଗତବର୍ଷ ଯେତେବେଳେ ସେମାନେ ବିଜୟ ହଜାରେ ଟ୍ରଫି ଖେଳିଲେ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ଏବେ ଦୁଇ ଭାରତୀୟ ତାରକାଙ୍କ ଏହି ଲୋକପ୍ରିୟତାର ସୁଯୋଗ ନେବାକୁ ଉଦ୍ୟମ କରୁଛନ୍ତି ବିଭିନ୍ନ ବିଦେଶୀ କ୍ରିକେଟ୍ ବୋର୍ଡ। ଭାରତ ସହ ଅଧିକରୁ ଅଧିକ ଦିନିକିଆ ଶୃଙ୍ଖଳା ଖେଳିବାକୁ ସେମାନେ ବିସିସିଆଇକୁ ଅନୁରୋଧ କରିଛନ୍ତି, ଯେପରିକି ବିଦେଶରେ ବି ପ୍ରଶଂସକମାନେ 'ରୋକୋ'ଙ୍କ ଖେଳ ଦେଖିପାରିବେ ଓ ସେମାନଙ୍କ ଆୟ ବଢ଼ିପାରିବ। ସେପଟେ ଆସନ୍ତା ବର୍ଷ ଦିନିକିଆ ବିଶ୍ୱକପ୍ ଥିବାରୁ ବିସିସିଆଇ ମଧ୍ୟ ଅଧିକରୁ ଅଧିକ ଦିନିକିଆ ଖେଳି ଭାରତୀୟ ଦଳକୁ ଅଧିକ ଅଭିଜ୍ଞତା ପ୍ରଦାନ କରିବାକୁ ଚାହୁଁଛି। ପୁଣି ଟ୍ୱେଣ୍ଟି-୨୦ରେ ସଫଳତା ସତ୍ତ୍ୱେ ଦିନିକିଆରେ ପ୍ରଦର୍ଶନ ସେତେଟା ସନ୍ତୋଷଜନକ ନାହିଁ। କାରଣରୁ ଆଇପିଏଲ୍ ପରେ ଭାରତୀୟ ଦଳ ପାଇଁ ଏକ ବ୍ୟସ୍ତବହୁଳ କ୍ରିକେଟ୍ ଋତୁ ଅପେକ୍ଷା କରିଛି, ଯେଉଁଥିରେ ଅଧିକ ସଂଖ୍ୟକ ଦିନିକିଆ ମ୍ୟାଚ୍ ରଖିବାକୁ ଯୋଜନା ଚାଲିଛି। ଆଇପିଏଲ୍ ପରେ ଭାରତ ଆଫଗାନିସ୍ତାନ ବିପକ୍ଷରେ ଗୋଟିଏ ଟେଷ୍ଟ୍ ଓ ତିନିଟି ଦିନିକିଆ ଖେଳିବ। ଏହା ପରେ ଭାରତ ଇଂଲଣ୍ଡ ଗସ୍ତ କରି ସେଠାରେ ୫ଟି ଟ୍ୱେଣ୍ଟି-୨୦ ଓ ୩ଟି ଦିନିକିଆ ଖେଳିବ। ଏହି ସମୟରେ ଆୟର୍ଲାଣ୍ଡ ବିପକ୍ଷରେ ବି ଏକ ସୀମିତ ଓଭର ଶୃଙ୍ଖଳା ଖେଳିପାରେ ଭାରତ। ତେବେ ତାହା ଟ୍ୱେଣ୍ଟି-୨୦ କି ଦିନିକିଆ ତାହା ଚୂଡ଼ାନ୍ତ ହୋଇନାହିଁ। ସେହିପରି ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ମଧ୍ୟ ଭାରତ ସହ ଏକ ଦିନିକିଆ ଶୃଙ୍ଖଳା ଖେଳିବାକୁ ବିସିସିଆଇକୁ ଅନୁରୋଧ କରିଛି। ଅଗଷ୍ଟରେ ହେବାକୁ ଥିବା ଭାରତୀୟ ଦଳର ବାଂଲାଦେଶ ଗସ୍ତ ଅନିଶ୍ଚିତ ରହିଥିବାବେଳେ ଭାରତ ସେହି ସମୟରେ ଶ୍ରୀଲଙ୍କା ଗସ୍ତ କରି ଦୁଇଟି ଟେଷ୍ଟ ଖେଳିପାରେ। କିନ୍ତୁ ଏହି ଗସ୍ତରେ କେତୋଟି ଦିନିକିଆ ମ୍ୟାଚ୍ ଆୟୋଜନ ପାଇଁ ଶ୍ରୀଲଙ୍କା ବୋର୍ଡ ଅନୁରୋଧ କରିଛି। ଚଳିତ ବର୍ଷ ଶେଷଆଡ଼କୁ ଭାରତୀୟ ଦଳ ନ୍ୟୁଜିଲାଣ୍ଡ ଗସ୍ତ କରି ସେଠାରେ ଦୁଇଟି ଟେଷ୍ଟ, ତିନୋଟି ଦିନିକିଆ ଓ ପାଞ୍ଚଟି ଟ୍ୱେଣ୍ଟି-୨୦ ଖେଳିବ। କିନ୍ତୁ ଦିନିକିଆ ମ୍ୟାଚ୍ ସଂଖ୍ୟା ବଢାଇବାକୁ ନ୍ୟୁଜିଲାଣ୍ଡ ବୋର୍ଡ ଅନୁରୋଧ କରିଛି।

# କୁସ୍ତିଯୋଦ୍ଧା ଆଳରେ ମାନବଚାଲାଣ

ନୂଆଦିଲ୍ଲୀ ୧୩।୩(ଏଜେନ୍ସି): ନିଜକୁ ଭାରତୀୟ କୁସ୍ତିଯୋଦ୍ଧା ଦର୍ଶାଇ ହଙ୍ଗେରୀ ଦୂତାବାସରେ ଭିସା ଆବେଦନ କରିଥିବା ଏକ ସଂଦିଗ୍ଧ ମାନବ ଚାଲାଣ ରାକେଟ୍ ?ର ପର୍ଦ୍ଦାଫାସ ହୋଇଛି। ହଙ୍ଗେରୀ ରାଜଧାନୀ ବୁଦାପେଷ୍ଟରେ ଏକ କୁସ୍ତି ପ୍ରତିଯୋଗିତାରେ ଭାଗ ନେବାକୁ ସେମାନେ ଭିସା ଆବେଦନ କରିଥିଲେ। ଏ ନେଇ ଦୂତାବାସ ପକ୍ଷରୁ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ ?ଆଇ)ର ସ୍ପଷ୍ଟୀକରଣ ମଗାଯିବା ପରେ ସେମାନେ କୁସ୍ତିଯୋଦ୍ଧା ନଥିବା ଜଣାପଡ଼ିଥିଲା।

ସୂଚନା ଅନୁସାରେ ବୁଦାପେଷ୍ଟରେ ମାର୍ଚ୍ଚ ୧୫ରୁ ୨୨ ମଧ୍ୟରେ ଏକ ଅନ୍ତର୍ଜାତୀୟ କୁସ୍ତି ତାଲିମ ଓ ପ୍ରତିଯୋଗିତା କାର୍ଯ୍ୟକ୍ରମ ହେଉଥିବା ଦର୍ଶାଇ ମୋଟ ୧୧ ଜଣ ଖେଳାଳି ଓ ଜଣେ ପ୍ରବନ୍ଧକ ଭିସା ଆବେଦନ କରିଥିଲେ। ଏହା ସହିତ ସେମାନେ ଦାଖଲ କରିଥିବା କାଗଜପତ୍ର ବି ଜାଲ୍ ? ଥିବା ଜଣାପଡ଼ିଥିଲା। ସେମାନେ ଦାଖଲ କରିଥିବା ଜାଲ୍ ? କାଗଜପତ୍ର ମଧ୍ୟରେ କୁସ୍ତି ମହାସଂଘର ଏକ ସୁପାରିସ ପତ୍ର ବି ଥିଲା। କିନ୍ତୁ ଏପରି କୌଣସି ସୁପାରିସପତ୍ର ଦିଆଯାଇ ନଥିବା ମହାସଂଘର ସଭାପତି ସଂଜୟ କୁମାର ସିଂହ ସ୍ପଷ୍ଟ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଉକ୍ତ ଜାଲ୍ ? ସୁପାରିସପତ୍ରରେ ପଦାଧିକାରୀଙ୍କ ଭୁଲ୍ ? ସୂଚନା ଓ ଏକ ରେଫରେନ୍ସ ନମ୍ବର ଦିଆଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ସେମାନଙ୍କ ଭିସା ଆବେଦନ ମଂଜୁର ନ କରିବାକୁ ମହାସଂଘ ହଙ୍ଗେରୀ ଦୂତାବାସକୁ ଜଣାଇଥିଲା।ଏହା ସହିତ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମହାସଂଘ ସ୍ପଷ୍ଟ କରିଛି। ତେବେ ଏହା ଏକମାତ୍ର ଘଟଣା ନ ହୋଇ ଏକ ବଡ଼ ମାନବ ଚାଲାଣ ରାକେଟ୍ ?ର ଅଂଶ ବୋଲି ମହାସଂଘ ସନ୍ଦେହ ପ୍ରକାଶ କରିଛି। ନିଜକୁ ଖେଳାଳି ଦର୍ଶାଇ କିଛି ଲୋକ ଜାଲ୍ ? କ୍ରୀଡ଼ାସଂଘ ପ୍ରମାଣପତ୍ର ମାଧ୍ୟମରେ ବିଦେଶ ଯାତ୍ରା କରୁଛନ୍ତି। ଅଧିକାରୀମାନେ ଏ ନେଇ ଅଧିକ ତଦନ୍ତ କରିବା ଆବଶ୍ୟକ ବୋଲି ସିଂହ କହିଛନ୍ତି।

## ଜାତୀୟ ବଧିର ବନ୍ଧୁକଚାଳନା

# ମୋହିତଙ୍କୁ ରୌପ୍ୟ



ଭୁବନେଶ୍ୱର ୧୩।୩(ଏଜେନ୍ସି):: ପଞ୍ଜାବରେ ମୋହାଲିରେ ଚାଲିଥିବା ତୃତୀୟ ଜାତୀୟ ବଧିର ବନ୍ଧୁକଚାଳନା ପ୍ରତିଯୋଗିତାରେ ଓଡିଶାର ମୋହିତ ପାଶୱାନ ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ସେ ପୁରୁଷ ୧୦ ମିଟର ଏୟାର ରାଇଫଲ୍ ଇଭେଣ୍ଟ୍‌ରେ ଦ୍ୱିତୀୟ ସ୍ଥାନରେ ରହି ଏହି ପଦକ ଜିତିଥିଲେ। ତାଙ୍କ ଆଗରେ ତେଲେଙ୍ଗାନାର ଧନୁଶ ଶ୍ରୀକାନ୍ତ ରହି ସ୍ୱର୍ଣ୍ଣ ଜିତିଥିଲା ବେଳେ ପଛରେ ଗୁଜରାଟର ମହମ୍ମଦ ମୁର୍ତ୍ତାଜା ଭାନିଆ ରହି କାଂସ୍ୟ ପାଇଥିଲେ। ମହିଳା ୧୦ ମିଟର ଏୟାର ରାଇଫଲ୍‌ରେ ଚଣ୍ଡିଗଡର ମାହିତ ସାନ୍ଧୁ ସ୍ୱର୍ଣ୍ଣ, ମହାରାଷ୍ଟ୍ରର ନତାଶା ଯୋଷୀ ରୌପ୍ୟ ଏବଂ ହରିୟାଣାର ଜତିନ୍ଦର କୌର କାଂସ୍ୟ ପଦକ ଜିତିଥିଲେ। ମୋହିତଙ୍କ ଏହି ସଫଳତା ଲାଗି ରାଜ୍ୟ କ୍ରୀଡା ଓ ଯୁବ ବିଭାଗ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ବିଶ୍ୱ ବକ୍ସିଂ ଫ୍ୟୁଚର୍ସ କପ୍: ଭାରତର ୫ ପଦକ ପକ୍କା



ବ୍ୟାଙ୍କକ, ୧୩।୩(ଏଜେନ୍ସି): ଭାରତୀୟ ଯୁବ ବକ୍ସିଂ ଦଳ ଏଠାରେ ଚାଲିଥିବା ବିଶ୍ୱ ବକ୍ସିଂ ଫ୍ୟୁଚର୍ସ କପ୍‌ରେ ଚମତ୍କାର ପ୍ରଦର୍ଶନ କରି ୫ ପଦକ ନିଶ୍ଚିତ କରିଛି। ଶୁକ୍ରବାର ଗୁଞ୍ଜନ, ଜୟଶ୍ରୀ ଦେବୀ, ଆମ୍ବେକର ମିତେଇ, ଚନ୍ଦ୍ରିକା ପୂଜାରୀ, ରାଧାମଣି ଲଙ୍ଗଜାମ ନିଜନିଜ କ୍ୱାର୍ଟରଫାଇନାଲ୍ ବାଉଟ୍ ଜିତି ସେମିଫାଇନାଲ୍‌ରେ ପହଞ୍ଚି ଅତି କମ୍‌ରେ କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି। ଶୁକ୍ରବାର ସକାଳ ଅଧିବେଶନରେ ମହିଳା ୪୮ କିଲୋଗ୍ରାମ୍ ବର୍ଗରେ ଗୁଞ୍ଜନ ୫-୦ରେ ଆଜରବାଇଜାନର ଗୁଲାର ହୁସିନୋଭାଙ୍କୁ ପରାସ୍ତ କରିଥିଲେ। ୫୪ କିଲୋଗ୍ରାମ୍ ବର୍ଗରେ ଜୟଶ୍ରୀ ପ୍ରଥମ ରାଉଣ୍ଡରେ ରେଫରି ଷ୍ଟପଡ କଣ୍ଟେଷ୍ଟ୍ (ଆର୍‌ଏସ୍‌ସି)ରେ ଜାପାନର ୟୁରା କାନେମାରୁ ହରାଇ ଆଗକୁ ବଢ଼ିଥିଲେ।

ପୁରୁଷ ୫୦ କିଲୋଗ୍ରାମ୍‌ରେ ଆମ୍ବେକର ୪-୧ରେ ଜାପାନର ଆକିରା ଉଇକୁବାଙ୍କୁ ମାତ୍ ଦେଇଥିଲେ। ସଂଧ୍ୟା ଅଧିବେଶନରେ ମହିଳା ୫୧ କିଲୋଗ୍ରାମ ବର୍ଗରେ ଚନ୍ଦ୍ରିକା ଦ୍ୱିତୀୟ ରାଉଣ୍ଡ ଲଢେଇରେ ସ୍ପେନ୍‌ର ଆନ୍ଦ୍ରିଆ ବୁଏଲ୍‌ଗା ଗାର୍ସିଆଙ୍କୁ ଧରାଶାୟୀ କରିଦେଇଥିଲେ। ଫଳରେ ମ୍ୟାଚ୍‌କୁ ସେହିଠାରେ ରେଫରି ବନ୍ଦ କରି ଚନ୍ଦ୍ରିକାଙ୍କୁ ବିଜୟୀ ଘୋଷିତ କରିଥିଲେ। ୫୭ କିଲୋଗ୍ରାମ୍‌ରେ ରାଧାମଣି ୪-୧ରେ ଇଂଲଣ୍ଡର ସିଓଭାନ ହାଲେଙ୍କୁ ମାତ୍ ଦେଇଥିଲେ। ତେବେ ପୁରୁଷ ୬୦ କିଲୋଗ୍ରାମ୍‌ରେ ସାହିଲ ଦୁହାନ ୧-୪ରେ ଫ୍ରାନ୍ସର ଡେଭିଡ ହାରୁତ୍ୟୁନ୍ୟାନଙ୍କଠୁ ହାରି ବିଦାୟ ନେବା ସହ ପଦକରୁ ବଞ୍ଚିତ ହୋଇଛନ୍ତି।

# ଏହା ଧୋନିଙ୍କ ଶେଷ ଆଇପିଏଲ୍ ଋତୁ ହୋଇପାରେ : ପଠାନ

ଚେନ୍ନାଇ: ମହେନ୍ଦ୍ର ସିଂ ଧୋନିଙ୍କ ବିନା ଆଇପିଏଲର କଳ୍ପନା କରିବା ସମ୍ଭବ ନୁହେଁ। କିନ୍ତୁ ଏଥର ବୋଧହୁଏ ଶେଷ ଥର ପାଇଁ ଆମେ ତାଙ୍କୁ ହଳଦିଆ ଜର୍ସିରେ ଦେଖିବାକୁ ପାଇବା' ଏପରି ପୂର୍ବାନୁମାନ କରିଛନ୍ତି ପୂର୍ବତନ ଅଲରାଉଣ୍ଡର୍ ଇର୍ଫାନ ପଠାନ। ଏକ ଟେଲିଭିଜନ କାର୍ଯ୍ୟକ୍ରମରେ ସେ କହିଛନ୍ତି, "ଧୋନିଙ୍କ ବିନା ଚେନ୍ନାଇ ସୁପରକିଙ୍ଗସ୍ ଅସଂପୂର୍ଣ୍ଣ। କିନ୍ତୁ ଏଥର ବୋଧହୁଏ ଶେଷ ଥର ପାଇଁ ଆମେ ତାଙ୍କୁ ହଳଦିଆ ଜର୍ସିରେ ଦେଖିବାକୁ ପାଇବା। ତାଙ୍କ ବିନା ସିଏସକେ ଓ ଆଇପିଏଲ୍‌ର ପରିକଳ୍ପନା କରିବା ସମ୍ଭବ ନୁହେଁ। ତେବେ ଚଳିତ ଋତୁରେ ସେ ସମସ୍ତଙ୍କୁ ଏକାଠି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ।

ତେବେ ସେ କେତୋଟି ମ୍ୟାଚ୍ ଖେଳିବେ ତାହା କହିହେବ ନାହିଁ, କିନ୍ତୁ ଡ୍ରେସିଂରୁମ୍‌ରେ ତାଙ୍କ ଉପସ୍ଥିତି ହିଁ ଦଳକୁ ଅନେକ ସହାୟକ ହେବ''। ସେ ଆହୁରି ମଧ୍ୟ କହିଛନ୍ତି ଯେ ତାଙ୍କର ଫିଟ୍‌ନେସ୍, ବ୍ୟାଟିଂ ସ୍ଥାନ, ସେ କେତୋଟି ମ୍ୟାଚ୍ ଖେଳିବେ ତାହା ଆଗକୁ ଜଣାପଡ଼ିବ। ସେ ସମ୍ପର୍କରେ ଦଳ ପରିଚାଳନା ପର୍ଯ୍ୟାୟକ୍ରମେ ନିଷ୍ପତ୍ତି ନେବ। କିନ୍ତୁ ସିଏସକେ ତାଙ୍କୁ ଏକ ଚମତ୍କାର ବିଦାୟ ଜଣାଇବା ନିଶ୍ଚିତ।୪୪ ବର୍ଷୀୟ ଧୋନିଙ୍କ ଏହା ହେଉଛି ୧୯ତମ ଆଇପିଏଲ୍ ଋତୁ। ଆଇପିଏଲରେ ସେ ୨୭୮ଟି ମ୍ୟାଚ୍ ଖେଳି ୫୪୩୯ ରନ୍ କରିଥିବାବେଳେ ୱିକେଟ୍ ପଛରେ ୨୦୦ରୁ ଅଧିକ କ୍ୟାଚ୍ ନେଇଛନ୍ତି।






# ସ୍ପଷ୍ଟୀକରଣ ଦେଲା କାବ୍ୟା ମାରାନଙ୍କ ଦଳ



ନୂଆଦିଲ୍ଲୀ, ୧୩।୩: ଦି ହଣ୍ଡ୍ରେଡ ଲିଗ ନିଲାମରେ ପାକିସ୍ତାନୀ ଖେଳାଳି ଅବରାର ଅହମ୍ମଦଙ୍କୁ କିଣିବା ପରେ ସନରାଇଜର୍ସ ହାଇଦ୍ରାବାଦ ଫ୍ରାଞ୍ଚାଇଜ ଉପରେ ନଜର ରଖାଯାଇଛି। ସନରାଇଜର୍ସ ଲିଡ୍ସ ଦଳ ଅବରାର ଅହମ୍ମଦଙ୍କ ପାଇଁ ୨.୩୪ କୋଟିର ବିଡ ଦେଇଥିଲା। ଏହି ପଦକ୍ଷେପ ସୋସିଆଲ ମିଡିଆରେ ଏକ ବଡ଼ ହଇଚଇ ସୃଷ୍ଟି କରିଛି, ଯାହା ଫଳରେ ସନରାଇଜର୍ସ ହାଇଦ୍ରାବାଦ – ଏବଂ ବିଶେଷକରି କାବ୍ୟା ମାରାନଙ୍କ ଉପରେ ତୀବ୍ର ଟ୍ରୋଲିଂ ହୋଇଛି। ଏବେ, ସନରାଇଜର୍ସ ଲିଡ୍ସ ଦଳର ମୁଖ୍ୟ ପ୍ରଶିକ୍ଷକ ଡାନିଏଲ ଭିଟୋରି ବ୍ୟକ୍ତିଗତ ଭାବରେ ତାଙ୍କ ଦଳର ପାକିସ୍ତାନୀ ଖେଳାଳିଙ୍କୁ ଚୁକ୍ତି କରିବା ନିଷ୍ପତ୍ତି ପଛରେ କାରଣ ପ୍ରକାଶ କରିଛନ୍ତି।ନିଲାମ ପରେ, ପ୍ରଶିକ୍ଷକ ଡାନିଏଲ ଭିଟୋରୀ ବ୍ୟାଖ୍ୟା କରିଥିଲେ ଯେ ଆଦିଲ ରସିଦଙ୍କୁ ହାସଲ କରିବାରେ ବିଫଳ ହେବା ପରେ, ସେମାନଙ୍କୁ ଆଉ ଜଣେ ଲେଗ-ସ୍ପିନରଙ୍କୁ ଟାର୍ଗେଟ କରିବାକୁ ପଡିଲା।

ସେ କହିଥିଲେ, 'ଆମର ପ୍ରାଥମିକତା ଥିଲା ଆଦିଲ ରସିଦଙ୍କୁ ହାସଲ କରିବା, କିନ୍ତୁ ତାହା ହୋଇପାରିଲା ନାହିଁ। ଫଳସ୍ୱରୂପ, ଆମେ ବିଦେଶୀ ସ୍ପିନରମାନଙ୍କ ପାଇଁ ଅନ୍ୟ ବିକଳ୍ପ ଅନୁସନ୍ଧାନ କରିଥିଲୁ। ଆମର ଲକ୍ଷ୍ୟ ୪-୫ ଜଣ ଖେଳାଳିଙ୍କ ଉପରେ ଥିଲା, ଏବଂ ଅବରାର ସେମାନଙ୍କ ମଧ୍ୟରୁ ଜଣେ ଥିଲେ। ତାଙ୍କୁ ଦଳରେ ସାମିଲ କରିବାରେ ଆମେ ଖୁସି।'ଡାନିଏଲ ଭିଟୋରୀ ଏହା ମଧ୍ୟ ପ୍ରକାଶ କରିଥିଲେ ଯେ ପରିଚାଳନା ମଧ୍ୟରେ ଏପରି କୌଣସି ଆଲୋଚନା ହୋଇନାହିଁ ଯାହା ସୂଚାଇ ଦେଉଛି ଯେ ଦଳ ଜଣେ ପାକିସ୍ତାନୀ ଖେଳାଳିଙ୍କୁ ହାସଲ କରିପାରିବ ନାହିଁ – ଏହା ପୂର୍ବ ରିପୋର୍ଟଗୁଡ଼ିକ ସୂଚାଇଥିଲେ ଯେ ଦଳଗୁଡ଼ିକ ନିଲାମରେ ପାକିସ୍ତାନୀ ଖେଳାଳିଙ୍କୁ ଅଣଦେଖା କରିବେ।

# ବିଶ୍ୱ ପାରା ଆଥଲେଟିକ୍ସ: ସୁମିତ ଅନ୍ତିଲଙ୍କୁ ସ୍ୱର୍ଣ୍ଣ ପଦକ



ନୂଆଦିଲ୍ଲୀ, ୧୩।୩: ବିଶ୍ୱ ପାରା ଆଥଲେଟିକ୍ସ ଗ୍ରାଣ୍ଡ ପ୍ରିକ୍ସରେ ପୁଣି ଥରେ ଚମକିଛନ୍ତି ଭାରତୀୟ ଆଥଲେଟ୍ । ଦୁଇ ଦୁଇ ଥର ପାରାଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ସୁମିତ ଅନ୍ତିଲ ନିଜର ପାରଦର୍ଶିତା ଦେଖାଇ ଦେଶ ପାଇଁ ଗୌରବ ଆଣିଛନ୍ତି । ପୁରୁଷ ଜାଭେଲିନ୍ ଥ୍ରୋ (ଏଫ୪୩, ଏଫ୪୪, ଏଫ୬୪) ବର୍ଗରେ ସେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି । ଟୋକିଓ ଓ ପ୍ୟାରିସ୍ ପାରାଲିମ୍ପିକ୍ସର ସୁନା ପୁଅ ସୁମିତ ଅନ୍ତିଲ ୬୯.୨୫ ମିଟର ଦୂରତାକୁ ଭାଲା ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଏହି ବର୍ଗରେ ଭାରତ କ୍ଲିନ୍ ସୁଇପ୍ କରିଥିବା ବେଳେ ପୁଷ୍ପେନ୍ଦ୍ର ସିଂ ୫୬.୯୧ ମିଟର ସହ ରୌପ୍ୟ ପଦକ, ପୁନମ ରାମ ୪୯.୪୮ ମିଟର ସହ କାଂସ୍ୟ ପଦକ, ୪୦୦ ମିଟର ଦୌଡ଼ରେ ଭାରତର ଏକଛତ୍ର ଅଧିପତ୍ୟ । କେବଳ ଜାଭେଲିନ୍ ନୁହେଁ, ଟ୍ରାକ୍ ଇଭେଣ୍ଟରେ ମଧ୍ୟ ଭାରତୀୟ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ଟି୧୩ ବର୍ଗରେ ସୁବୋଧ ଭଟ୍ଟ (୫୧.୮୮ ସେକେଣ୍ଡ) ସ୍ୱର୍ଣ୍ଣ ଜିତିଥିବା ବେଳେ ପ୍ରିୟାଂଶୁ କୌଶିକ ରୌପ୍ୟ ଓ ଅବନିଲ କୁମାର କାଂସ୍ୟ ପଦକ ହାସଲ କରିଛନ୍ତି । ଟି୪୬-ଟି୪୭ ବର୍ଗରେ ଭାବିକ କୁମାର ଦୀନ ଭରଦ୍ୱାଜ୍ (୪୯.୮୯ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ଜିତି ଦେଶର ନାଁ ରଖିଛନ୍ତି । ହୁଇଲ୍ ଚେୟାର (ଟି୫୩-ଟି୫୪) ବର୍ଗରେ ମନୋଜ କୁମାର ସବପତି ୫୪.୩୩ ସେକେଣ୍ଡ ସମୟ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଅନିଲ କୁମାରଙ୍କୁ ରୌପ୍ୟ ଓ ମଣିକଣ୍ଠନ ଜୋଥୀଙ୍କୁ କାଂସ୍ୟ ପଦକ ମିଳିଛି ।

# ୨୦୨୭ ବିଶ୍ୱକପ୍ ଉପରେ ବିସିସିଆଇ ନଜର

ମୁମ୍ବାଇ, ୧୩।୩: ଟି-୨୦ ବିଶ୍ୱକପ୍ ସଫଳତା ପରେ ଏବେ ବିସିସିଆଇର ପରବର୍ତ୍ତୀ ଟାର୍ଗେଟ୍ ହେଉଛି ୨୦୨୭ ଦିନିକିଆ ବିଶ୍ୱକପ୍। ୨୦୧୧ ପରଠାରୁ ଦୀର୍ଘ ପ୍ରତୀକ୍ଷିତ ଏହି ଟ୍ରଫି ହାସଲ ପାଇଁ ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ନେଇ ଏକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି।ରିପୋର୍ଟ ଅନୁଯାୟୀ, ଆଇପିଏଲ୍ ୨୦୨୬ ଶେଷ ହେବା ପରେ ଟିମ୍ ଇଣ୍ଡିଆର ସମ୍ପୂର୍ଣ୍ଣ ଧ୍ୟାନ ଦିନିକିଆ ଫର୍ମାଟ୍ ଉପରେ ରହିବ। ରୋହିତ ଓ ବିରାଟଙ୍କୁ ଅଧିକରୁ ଅଧିକ ଅଭ୍ୟାସ ସୁଯୋଗ ଦେବା ପାଇଁ ବିସିସିଆଇ ଆଗାମୀ ବିଦେଶ ଗସ୍ତରେ ଅତିରିକ୍ତ ଦିନିକିଆ ମ୍ୟାଚ୍ ଖେଳିବାକୁ ନିଷ୍ପତ୍ତି ନେଇଛି। ନ୍ୟୁଜିଲ୍ୟାଣ୍ଡ ଭଳି ଅନେକ ବିଦେଶୀ ବୋର୍ଡ ମଧ୍ୟ ଭାରତ ସହ ଅଧିକ ଦିନିକିଆ ଖେଳିବାକୁ ପ୍ରସ୍ତାବ ଦେଇଛନ୍ତି, ଯାହାକୁ ବିସିସିଆଇ ଗ୍ରହଣ କରିଥିବା ଜଣାପଡ଼ିଛି।

ଆଇପିଏଲ୍ ପରେ ଭାରତ ଗୋଟିଏ ଟେଷ୍ଟ ଏବଂ ୩ଟି ଦିନିକିଆ ପାଇଁ ଆଫଗାନିସ୍ତାନକୁ ଆତିଥ୍ୟ ଦେବ। ଏହାପରେ ଦଳ ଇଂଲଣ୍ଡ ଗସ୍ତରେ ୩ଟି ଦିନିକିଆ ଏବଂ ୫ଟି ଟି-୨୦ ଖେଳିବ। ଏହି ସମୟରେ ଆୟରଲାଣ୍ଡ ବିପକ୍ଷରେ ମଧ୍ୟ ସିରିଜ୍ ହୋଇପାରେ। ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ୍ ଏବଂ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ମଧ୍ୟ ସୀମିତ ଓଭର ବିଶିଷ୍ଟ ସିରିଜ୍ ଖେଳାଯିବ। ନ୍ୟୁଜିଲ୍ୟାଣ୍ଡ ବୋର୍ଡ ଖାସ୍ କରି ଅଧିକ ଦିନିକିଆ ମ୍ୟାଚ୍ ପାଇଁ ଅନୁରୋଧ କରିଛି।

ଅନ୍ୟପଟେ, ଆସନ୍ନ ଆଇପିଏଲ୍ ୨୦୨୬ ପାଇଁ ବିରାଟ କୋହଲି ନିଜର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିବା ଏକ ଭିଡିଓରେ ବିରାଟଙ୍କୁ ନେଟ୍ସରେ ଝାଳ ବୁହାଉଥିବା ଦେଖିବାକୁ ମିଳିଛି। ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ପକ୍ଷରୁ ଖେଳୁଥିବା ବିରାଟଙ୍କ ଏହି ଆକ୍ରମଣାତ୍ମକ ବ୍ୟାଟିଂ ଅଭ୍ୟାସ ଦେଖି ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ